## ସଂକ୍ଷେପରେ

### ପୋଲିସ ମିତ୍ରଙ୍କ ସ୍ତ୍ରୀଙ୍କୁ ଆକ୍ରମଣ, ୫ ଗିରଫ

ଭୁବନେଶ୍ୱର,୧୫।୯(ବ୍ୟୁରେ)-ପୋଲିସକୁ ଖବର ଦେବା ସନ୍ଦେହରେ ଜଣେ ପୋଲିସ ମିତ୍ରଙ୍କ ସ୍ତ୍ରୀଙ୍କୁ ଘରେ ପଶି ଦୁର୍ବୃତ୍ତମାନେ ଆକ୍ରମଣ କରିଛନ୍ତି। ଏଥିସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିବା ନେଇ ଏୟାରପୋର୍ଟ ଥାନାରେ ଅଭିଯୋଗ ହୋଇଛି। ପୋଲିସ ସମ୍ପୃକ୍ତ ୫ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କାର୍ଗିଲ୍ ବସ୍ତିରେ ରହୁଥିବା ଗଞ୍ଜାମର ବାଳିଆ ତହଲ୍, ଅନିଲ୍ ବେହେରା, ବାଲେଶ୍ୱରର କପୁ ନାଥ ଓରଫ୍ କାଳିଆ ନାଥ, ପୁରୀର ବାବୁ ଓରଫ୍ ଅନୁପ୍ ନାରାୟଣ ଭୋଇ ଓ କଣାସର ଶିବ ଓରଫ୍ ସତ୍ୟଶିବ ବେହେରା। ସମସ୍ତଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଥିଲା। ଜାମିନ୍ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ଅଭିଯୁକ୍ତମାନେ ଗଣେଶ ପୂଜା ଭସାଣି ପାଇଁ ବିନା ଅନୁମତିରେ ଡିଜେ ବଜାଇ ଶୋଭାଯାତ୍ରା କରି ନେଉଥିଲେ। ପୋଲିସ ପହଞ୍ଚି ଡିଜେ ଗାଡିଟିକୁ ଜବତ କରି ଥାନାକୁ ଆଣିଥିଲା। ଅଭିଯୋଗକାରିଣୀଙ୍କ ସ୍ୱାମୀ ଅଜୟ ପଣ୍ଡା ପୋଲିସ ମିତ୍ର ହୋଇଥିବାରୁ ସେ ହିଁ ପୋଲିସକୁ ଖବର ଦେଇଥିବା ସନ୍ଦେହ କରି ଏଭଳି ଘଟଣା ଘଟାଇଥିଲେ ଅଭିଯୁକ୍ତ। ଏପରିକି ସ୍ୱାମୀ ଓ ସ୍ତ୍ରୀଙ୍କୁ ଧମକ ଦେଇ ସର୍ବସାଧାରଣରେ ଲଜିତ କରାଇଥିଲେ।

### ଜାଲ୍ ଡକ୍ୟୁମେଣ୍ଟରେ ୫୩ ହଜାର ଆତ୍ମସାତ
#### ଡାକ କର୍ମଚାରୀ ଗିରଫ

ଭୁବନେଶ୍ୱର,୧୫।୯(ବ୍ୟୁରେ)- ଜାଲ୍ ଡକ୍ୟୁମେଣ୍ଟ୍ କରି ଜଣେ ବ୍ୟକ୍ତିଙ୍କର ଆକାଉଣ୍ଟରୁ ୫୩ ହଜାର ୫୧୬ ଟଙ୍କା ଆତ୍ମସାତ୍ ଅଭିଯୋଗରେ ଶ୍ରୀ ଲିଙ୍ଗରାଜ ଥାନା ପୋଲିସ ଓଲ୍ଡଟାଉନ ପୋଷ୍ଟ ଅଫିସର ଡାକ ସହାୟକଙ୍କୁ ଗିରଫ କରିଛି। ଗିରଫ ସହାୟକ ଖାରବେଳ ନଗର ଥାନା ଅନ୍ତର୍ଗତ ୟୁନିଟ୍-୪, ପୁରୁଣା ଏଜି କଲୋନୀରେ ରହୁଥିବା ବାଲିପାଟଣା ଥାନା ଅଞ୍ଚଳର ଜାକିର୍ ହୁସେନ୍ ଖାନ୍(୪୩)। ତାଙ୍କ ନିକଟରୁ ପୋଲିସ ସମସ୍ତ ଜାଲ୍ କାଗଜପତ୍ର ଜବତ କରିଛି। ଗୁରୁବାର ତାଙ୍କୁ କୋର୍ଟଚାଲାଣ କରାଯାଇଥିବା ଜଣାପଡ଼ିଛି। ଅଭିଯୋଗ ଅନୁସାରେ, ଗିରଫ ଜାକିର ଓଲ୍ଡ ଟାଉନ୍ ପୋଷ୍ଟ ଅଫିସରେ ଡାକ ସହାୟକ ଭାବରେ କାର୍ଯ୍ୟ କରୁଥିଲେ। ସେ ତାଙ୍କର କାର୍ଯ୍ୟକାଳ ମଧ୍ୟରେ କୃଷ୍ଣଚନ୍ଦ୍ର ପଟ୍ଟନାୟକଙ୍କ ଆକାଉଣ୍ଟରୁ ୫୩ ହଜାର ୫୧୬ ଟଙ୍କା ୮୦ ପଇସା ଟଙ୍କା ଜାଲ ଡକ୍ୟୁମେଣ୍ଟକୁ ବ୍ୟବହାର କରି ଟଙ୍କା ଉଠାଇ ନେଇଥିଲେ। ପୀଡ଼ିତ ଏ ନେଇ ଅବଗତ ହେବାପରେ ପ୍ରଥମେ ସେ ମୁଖ୍ୟ ପୋଷ୍ଟ ମାଷ୍ଟରଙ୍କୁ କୌଣସି ଟଙ୍କା ଉଠାଇନଥିବା ଜଣାଇଥିଲେ। ଡାକ କର୍ତ୍ତୃପକ୍ଷ ଅଭିଯୋଗକାରୀଙ୍କର ଜାଲ୍ ଦଲିଲ ସଂଗ୍ରହ କରି ସିଏଫ୍ଏସ୍ଏଲ୍, କୋଲକାତା ପଠାଇଥିଲେ। ସେଠାରେ ଉଭୟ ସମାନ ନଥିବା ଜଣାପଡ଼ିଥିଲା। ଏ ନେଇ ପୋଷ୍ଟାଲ ଇନ୍ସପେକ୍ଟର ରଞ୍ଜନ ସାହୁ ଡାକ ସହାୟକଙ୍କ ନାମରେ ଶ୍ରୀ ଲିଙ୍ଗରାଜ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଖୋର୍ଦ୍ଧା ପୋଷ୍ଟ ଅଫିସରୁ ଗିରଫ କରିଥିଲା। ତଦନ୍ତ ସମୟରେ ଅଭିଯୁକ୍ତ ଠକାମୀରେ ସମ୍ପୃକ୍ତ ଥିବାର ସ୍ୱୀକାର କରିଛି।

### ଡାକ ମେଳାରେ ସୁକନ୍ୟା ଆକାଉଣ୍ଟ ଖୋଲିଲା

ପୁରୁଣା ଭୁବନେଶ୍ୱର,୧୫।୯(ଡି.ଏନ.ଏ)- ରାଜଧାନୀ ଉପକଣ୍ଠ ଲକ୍ଷ୍ମୀନାରାୟଣପୁର ଗ୍ରାମରେ ବୁଧବାର ଏକ ଡାକମେଳା ଆୟୋଜିତ ହୋଇଯାଇଛି। ଗ୍ରାମର ଶ୍ରୀ ବାଲିକପିଳନାଥ ଦେବ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ଡାକମେଳାକୁ ପୁରୀ ଡିଭିଜନ(ଡାକ)ର ସିନିୟର ସୁପରିଣ୍ଟେଣ୍ଡେଣ୍ଟ ରତନ ଜାନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ପିପିଲି ଡାକ ଇନ୍ସପେକ୍ଟର ବିଜୟ ନାୟକ ଯୋଗଦେଇଥିଲେ। ଏହି ମେଳାରେ ଜନ୍ମରୁ ୧୦ବର୍ଷ ଯାଏଁ ଶିଶୁକନ୍ୟାର ଜିରୋ ଆକାଉଣ୍ଟ(ସୁକନ୍ୟା) ଖୋଲାଯାଇଥିଲା। ଏହି ମେଳାରେ ଅଧିକାଂଶ ଲୋକ ଆସି ସେମାନଙ୍କ ଝିଅଙ୍କ ପାଇଁ ସୁକନ୍ୟା ଆକାଉଣ୍ଟ ଖୋଲିଥିଲେ। ଏହାବ୍ୟତୀତ ମୋବାଇଲ ଲିଙ୍କ, ଆଧାର ଲିଙ୍କ୍, ଡାକରେ ଜମା ଓ ଏହାର ଲାଭ ସମ୍ବନ୍ଧରେ ଅତିଥିମାନେ ବୁଝାଇଥିଲେ। ଅଧିକାରୀ ଲକ୍ଷ୍ମୀନାରାୟଣ କର, ଗ୍ରାମ ପୋଷ୍ଟମାଷ୍ଟର ଜୟକୃଷ୍ଣ ପଣ୍ଡା ଅଧକ୍ଷତା କରିଥିଲେ। ଏଥିରେ ଗ୍ରାମର ସରପଞ୍ଚ, ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ, ଅଙ୍ଗନବାଡ଼ି କର୍ମୀଙ୍କ ସମେତ ୨୦୦ରୁ ଊର୍ଦ୍ଧ୍ୱ ପୋଷ୍ଟାଲ ଉପଭୋକ୍ତ ତଥା ଗ୍ରାମବାସୀ ଉପସ୍ଥିତ ଥିଲେ।

# ସିଲ୍ ସତ୍ତ୍ୱେ ଚାଲିଲା ହୋଟେଲ

**ବିଏମ୍‌ସି ପଦକ୍ଷେପକୁ ଖାତିର ନାହିଁ**

- ବେପାର ସରିବା ପରେ ଚଢ଼ାଉ କଲେ ବିଏମ୍‌ସି ଅଫିସର
- ବିନା ଫୁଡ୍ ଲାଇସେନ୍ସ, ଅସ୍ୱାସ୍ଥ୍ୟକର ପରିବେଶ ପାଇଁ ହୋଇଥିଲା କାର୍ଯ୍ୟାନୁଷ୍ଠାନ



ଭୁବନେଶ୍ୱର, ୧୫।୯ (ବ୍ୟୁରୋ)

ଅସ୍ୱାସ୍ଥ୍ୟକର ପରିବେଶ ଓ ଖରାପ ମାନର ଖାଦ୍ୟ ପ୍ରଦାନ ଅଭିଯୋଗରେ ବିଏମ୍‌ସି ପକ୍ଷରୁ ଦୂରଦର୍ଶନ କେନ୍ଦ୍ର ନିକଟରେ ଥିବା କିଶୋର ଭାଇନା ପ୍ରସିଦ୍ଧ ମଟନ ହୋଟେଲ୍‌କୁ ସିଲ୍ କରାଯାଇଥିଲା। ବୁଧବାର ସିଲ୍ କରାଯାଇଥିଲେ ବି ଗୁରୁବାର ସକାଳୁ ସ୍ୱାଭାବିକ ଭାବେ ହୋଟେଲ ଖୋଲାଯାଇ ଖାଦ୍ୟ ପ୍ରସ୍ତୁତ ହୋଇଥିଲା। ତେବେ ମଟନ ହୋଟେଲ ଖୋଲିବା ନେଇ ସ୍ଥାନୀୟ ଲୋକଙ୍କଠାରୁ ଆରମ୍ଭ କରି ଟିଭି ଓ ସୋସିଆଲ୍ ମିଡିଆରେ ଖବର ପ୍ରସାରିତ ହେବା ପରେ ବେପାର ଜମିଥିଲା।ହେଲେ ହୋଟେଲରେ ବେପାର ସରିବା ପରେ ଅପରାହ୍ଣ ୩ଟା ୩୦ରେ ବିଏମ୍‌ସିର ଫୁଡ୍ ସେଫ୍ଟି ଅଧିକାରୀମାନେ ପହଞ୍ଚିଥିଲେ। ସେତେବେଳକୁ ବ୍ୟବସାୟ ସାରି ହୋଟେଲ ବନ୍ଦ ହୋଇଯାଇଥିଲା। ଏହାକୁ ନେଇ ସୋସିଆଲ ମିଡିଆରେ ମଧ୍ୟ ବିଏମ୍‌ସିର କାର୍ଯ୍ୟକୁ ନେଇ ପ୍ରଶ୍ନ ଉଠିଛି। ଏଥିସହ ବିଏମ୍‌ସିର ପଦକ୍ଷେପକୁ ବ୍ୟବସାୟୀମାନେ ଖାତିର କରୁ ନ ଥିବା ମଧ୍ୟ ଆଲୋଚନା ଜୋର୍ ଧରିଛି। କାରଣ ବିନା ଫୁଡ୍ ଲାଇସେନ୍ସରେ ଦୀର୍ଘବର୍ଷ ହେବ ହୋଟେଲ ଚାଲିଥିଲା। ଏପରିକି ଛୋଟ ଦୋକାନ ପାଇଁ ଟ୍ରେଡ୍ ଲାଇସେନ୍ସ ନେଇ ବଡ଼ ହୋଟେଲ ଚଳାଉଥିଲେ କିଶୋର। ପୂର୍ବରୁ ଶୋଇ ରହିଥିବା ଅଧିକାରୀମାନେ ହଠାତ୍ ପାର୍ବଣ ପାଇଁ ଚଢ଼ାଉ ଆରମ୍ଭ କରିଥିଲେ ମଧ୍ୟ ଏପରି ଅନୁକମ୍ପା ଦେଖାଉଥିବା ଜଣାପଡିଛି।

ଘଟଣା ସମ୍ପର୍କରେ ସିଟି ହେଲ୍‌ଥ ଅଧିକାରୀ ଦୀପକ ବିଶୋଇ କହିଛନ୍ତି, ଖାଦ୍ୟର ମାନ ଖରାପ ଥିବାରୁ ସମ୍ପୃକ୍ତ ହୋଟେଲକୁ ସିଲ୍ କରାଯାଇ ତାହାର ରେଜିଷ୍ଟ୍ରେଶନ ରଦ୍ଦ କରାଯାଇଛି। ମାତ୍ର କୌଣସି ଜରିମାନା ହୋଇନାହିଁ। ତାଙ୍କର ଫୁଡ୍ ଲାଇସେନ୍ସ ବୈଧ ନାହିଁ। ଯେ ପର୍ଯ୍ୟନ୍ତ ଫୁଡ୍ ଲାଇସେନ୍ସ ନ ଆସିଛି ସେ ହୋଟେଲ ଖୋଲି ପାରିବେ ନାହିଁ। ସେହିପରି ପ୍ରଥମେ ବ୍ୟବସାୟ ଆରମ୍ଭ କରିବା ସମୟରେ ସେଠାରେ ଛୋଟ ଦୋକାନ ପାଇଁ ଟ୍ରେଡ୍ ଲାଇସେନ୍ସ ନେଇ ଏତେ ବଡ ହୋଟେଲ ଚଳାଉଥିଲେ। ତେବେ ସିଲ୍ ପରେ ବି ହୋଟେଲ ଖୋଲିଥିବା ଘଟଣା ସତ। ମାତ୍ର ଅପରାହ୍ଣରେ ଟିମ୍ ପହଞ୍ଚିବାବେଳକୁ ସେଠାରେ କେହି ନ ଥିଲେ। ଏଥିସହ ହୋଟେଲରୁ ନିଆଯାଇଥିବା ଖାଦ୍ୟ ନମୁନା ଯାଞ୍ଚ ପାଇଁ ପଠାଯାଇଛି। ରିପୋର୍ଟ ଆସିବାକୁ ପ୍ରାୟ ୧ମାସ ସମୟ ଲାଗିବ। ସମ୍ପୃକ୍ତ ହୋଟେଲ ମାଲିକ ପୁଣି ଥରେ ବେଆଇନ ଭାବେ ହୋଟେଲ ଖୋଲିଲେ, କଡ଼ା ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। ଅପରପକ୍ଷେ କିଶୋର କହିଛନ୍ତି, ଫୁଡ୍ ଲାଇସେନ୍ସ ରିନ୍ୟୁ କରିବାକୁ ଆବେଦନ କରିଛି। ଏହାର ଇନ୍‌କ୍ୱାରୀ ପାଇଁ ବିଏମ୍‌ସି ଅଧିକାରୀମାନେ ବୁଧବାର ହୋଟେଲକୁ ଆସିଥିଲେ। କେବଳ ଖାଦ୍ୟର ମାନ ଓ ସ୍ୱଚ୍ଛତା ରଖିବାକୁ ତାଗିଦା କରାଯାଇଛି। କୌଣସି ଜରିମାନା ହୋଇନାହିଁ। ମୋ ହୋଟେଲରେ ସସ୍‌ର ବ୍ୟବହାର ହୁଏ ନାହିଁ। ତେଣୁ ଏଠାରୁ ଖରାପ ସସ୍ ମିଳିବାର ପ୍ରଶ୍ନ ଉଠୁନାହିଁ। ସେହିପରି ଖାଦ୍ୟ ଖରାପ ହୋଇଥିଲେ ଲୋକମାନେ ଏଠାକୁ ଖାଇବାକୁ କିପରି ଆସୁଛନ୍ତି ବୋଲି ସେ ପାଲଟା ପ୍ରଶ୍ନ କରିଛନ୍ତି।

### ବିଏମ୍‌ସି ଟୁଇଟ୍ ଓ ଅଧିକାରୀଙ୍କ ମତକୁ ନେଇ ଦ୍ୱନ୍ଦ୍ୱ




କିଶୋର ଭାଇନା ହୋଟେଲ୍‌କୁ ବିଏମ୍‌ସି ଫୁଡ୍ ସେଫ୍ଟି ଅଧିକାରୀମାନେ ଚଢାଉ କରି ଫୁଡ୍ କଲର, ଏକ୍ସପାରୀ ସସ୍, ବାସି କଙ୍କଡ଼ା ଆଦିକୁ ନଷ୍ଟ କରିଥିଲେ। ଏଥିସହ ଖରାପ ପରିମଳ ବ୍ୟବସ୍ଥା ଆଦି କାରଣରୁ ସମ୍ପୃକ୍ତ ହୋଟେଲର ଫୁଡ୍ ରେଜିଷ୍ଟ୍ରେଶନ ରଦ୍ଦ କରିବା ସହିତ ଜରିମାନା ଆଦାୟ କରାଯାଇଥିବା ନେଇ ବୁଧବାର ବିଏମ୍‌ସି ପକ୍ଷରୁ ଟୁଇଟ୍ କରାଯାଇଥିଲା। ମାତ୍ର ଗୁରୁବାର ବିଏମ୍‌ସି ପକ୍ଷରୁ ଭିନ୍ନ ତଥ୍ୟ ଦିଆଯାଇଛି। ହୋଟେଲ ମାଲିକଙ୍କଠାରୁ କୌଣସି ଜରିମାନା ଆଦାୟ କରାଯାଇ ନାହିଁ। କେବଳ ରେଜିଷ୍ଟ୍ରେଶନ ରଦ୍ଦ ସହ ହୋଟେଲ ସିଲ୍ କରାଯାଇଥିବା ବିଏମ୍‌ସି ସିଟି ହେଲ୍‌ଥ ଅଧିକାରୀ ଦୀପକ ବିଶୋଇ ସୂଚନା ଦେଇଛନ୍ତି। ତେଣୁ ଟୁଇଟ୍ ଓ ଅଧିକାରୀଙ୍କ ମତରେ ଭିନ୍ନ ତଥ୍ୟ ଦ୍ୱନ୍ଦ୍ୱ ସୃଷ୍ଟି କରିବା ସହ ବିଏମ୍‌ସ

# ୪ ଦୋକାନ ସିଲ୍, ୧୦ ହଜାର ଜରିମାନା




ଭୁବନେଶ୍ୱର, ୧୫।୯ (ବ୍ୟୁରୋ)

### ତାଗିଦା କଲେ ବିଏମ୍‌ସି କମିଶନର

ଗୁପଚୁପ୍ ବିକୁଛ, ହାତରେ ଗ୍ଲୋବ୍‌ସ ପିନ୍ଧ। ଲୋକଙ୍କୁ ସଫାସୁତୁରା ଖାଦ୍ୟ ଦିଅ, ଆଖପାଖ ପରିଷ୍କାର ରଖ। ଏପରି କହି ବିଭିନ୍ନ ଖାଦ୍ୟ ବ୍ୟବସାୟୀଙ୍କୁ ତାଗିଦ୍ କରିଛନ୍ତି ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ। ଗୁରୁବାର କମିଶନରଙ୍କ ସହ ବିଏମ୍‌ସି ଫୁଡ୍ ସେଫ୍ଟି ସ୍କ୍ୱାଡ୍ ଏବଂ ପରିମଳ ସ୍କ୍ୱାଡ୍ ମିଳିତ ଭାବେ ପଟିଆ ବିଗ୍ ବଜାର ଛକଠାରୁ କିମ୍ସ ପର୍ଯ୍ୟନ୍ତ ପ୍ରାୟ ୧୦ ବଡ ଏବଂ ଛୋଟ ଦୋକାନ, ଠେଲାଗାଡ଼ି ଆଦି ଉପରେ ଚଢାଉ କରିଥିଲେ। ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ବ୍ୟବସାୟ କରୁଥିବାରୁ ବର୍ଗର କିଙ୍ଗ୍, ମା' ଶାରଳା ମିଠା ଦୋକାନ ଏବଂ ୨ଟି ଓମ୍‌ଫେଡ୍ ବୁଥ୍‌କୁ ସିଲ୍ କରାଯାଇଛି। ସେହିପରି ୩ଟି ଦୋକାନରୁ ମୋଟ୍ ୧୦ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଏଥିସହ ଆଗକୁ ନିୟମ ଖିଲାପ କଲେ କଡା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଦିଆଯାଇଛି। ବିଏମ୍‌ସି ପକ୍ଷରୁ ପରିମଳ ଏବଂ ଖାଦ୍ୟର ଗୁଣବତ୍ତା ଉଭୟ ଦିଗକୁ ଗୁରୁତ୍ୱ ଦିଆଯାଇ ଏଭଳି ପଦକ୍ଷେପ ନିଆଯାଉଛି। ଆଗକୁ ପାର୍ବଣ ଋତୁ ଆସୁଛି। ଏଥିସହ ବିଶ୍ୱ କପ୍ ହକି ଏବଂ ଫୁଟ୍‌ବଲ ଆରମ୍ଭ ହେବ। ସମଗ୍ର ବିଶ୍ୱର ପାଦ ଏଠାରେ ପଡିବ। ତେଣୁ ଯେପରି ଅସାଧୁ ବ୍ୟବସାୟୀମାନେ ଲୋକଙ୍କ ସ୍ୱାସ୍ଥ୍ୟ ସହିତ ନ ଖେଳନ୍ତି ସେଥିପ୍ରତି ଦୃଷ୍ଟି ଦିଆଯାଉଛି ବୋଲି କମିଶନର କୁଲାଙ୍ଗେ କହିଛନ୍ତି।

# ବାୟୋମାଇନିଂ ମେଶିନ ସ୍ଥାପନ ପାଇଁ ସ୍ଥାନ ଚିହ୍ନଟ



ଭୁବନେଶ୍ୱର, ୧୫।୯ (ବ୍ୟୁରୋ)

ବହୁ ବୁଝାଶୁଝା ଓ ସରକାରଙ୍କ ହସ୍ତକ୍ଷେପ ପରେ ଦାରୁଠେଙ୍ଗବାସୀ ଭୁଆସୁଣୀରେ ଅଳିଆ ପକାଇବାକୁ ସୁଯୋଗ ଦେଇଥିବାରୁ ଏବେ କୌଣସି ଭୁଲ୍ କରିବାକୁ ଚାହୁଁନି ବିଏମ୍‌ସି। ତେଣୁ ଦାରୁଠେଙ୍ଗବାସୀଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତି ରକ୍ଷା ପାଇଁ ପଦକ୍ଷେପକୁ ଗୁରୁତ୍ୱ ଦେଉଛି। ଗୁରୁବାର ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ, ସଫେଇ ସଂସ୍ଥା ଜାଗୃତିର ଅଧିକାରୀଙ୍କ ସହ ଦାରୁଠେଙ୍ଗ ଗ୍ରାମକୁ ଯାଇଥିଲେ। ସେଠାରେ ସରପଞ୍ଚ ତପନ କୁମାର ଚକ୍ରବର୍ତ୍ତୀଙ୍କ ସହ ଭେଟି ବାୟୋ ମାଇନିଂ ପ୍ରକଳ୍ପର ଆରମ୍ଭ ଉପରେ ଆଲୋଚନା କରିଥିଲେ। ଏଥିସହ ବାୟୋମାଇନିଂ ପାଇଁ କେଉଁ ସ୍ଥାନରେ ମେସିନ ପକାଯିବ ସେ ନେଇ ସ୍ଥାନ ଚିହ୍ନଟ କରାଯାଇଥିଲା। ତେବେ ମେସିନାରୀ ସେଟ୍‌ଅପ୍ ପାଇଁ ୨ ମାସ ସମୟ ଲାଗିବ ବୋଲି କମିଶନର କହିଛନ୍ତି। ଏହି ଗସ୍ତ ସମୟରେ ଅତିରିକ୍ତ କମିଶନର ସୂର୍ଯ୍ୟବଂଶୀ ମୟୁର ବିକାଶ, ଡେପୁଟି କମିଶନର (ପରିମଳ) ଶୁଭେନ୍ଦୁ ସାହୁ, ସିଟି ଇଞ୍ଜିନିୟର ଅରୁଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ରେଳମନ୍ତ୍ରୀଙ୍କୁ ଗୁହାରି ଜଣାଇଲେ ଛାତ୍ର

**ରେଲୱେ ଲେଭଲ କ୍ରସିଂ ଲାଗି ସ୍କୁଲ ଯିବାକୁ ହଇରାଣ ହେଉଛନ୍ତି**

ପୁରୀ ଅଫିସ,୧୫।୯:

ପୁରୀର ବୀରପ୍ରତାପପୁର ଗ୍ରାମକୁ ଗୁରୁବାର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଗସ୍ତ ଅବସରରେ ଜଣେ ଛାତ୍ର ତାଙ୍କ ପାଦ ତଳେ ପଡ଼ି ଗୁହାରି ଜଣାଇଛନ୍ତି। ରେଲୱେ ଲେଭଲ କ୍ରସିଂ ଲାଗି ସ୍କୁଲକୁ ଯାତାୟାତ ସମସ୍ୟା ସମ୍ପର୍କରେ ସେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏ ନେଇ ରାଜ୍ୟ ସରକାରଙ୍କୁ ଅବଗତ କରାଇବା ସହ ଆବଶ୍ୟକ ପଦକ୍ଷେପ ନେବେ ବୋଲି ରେଳମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ଫଳରେ ସମ୍ପୃକ୍ତ ଛାତ୍ରଙ୍କ ଓଠରେ ହସ ଫୁଟିଛି।

ସୂଚନା ଅନୁଯାୟୀ, ବୀରପ୍ରତାପପୁର ଗ୍ରାମ ନିକଟ ରେଳଲାଇନ୍ କାର୍ଯ୍ୟର ଅନୁଧ୍ୟାନ ପାଇଁ ରେଳମନ୍ତ୍ରୀ ଯାଇଥିଲେ। ରେଳମନ୍ତ୍ରୀ ଏକ ଶୋଭାଯାତ୍ରାରେ ଯାଉଥିବା ବେଳେ ହଠାତ୍ ଦ୍ୱିତୀୟ ଶ୍ରେଣୀ ଛାତ୍ର ବଦ୍ରି ପ୍ରସାଦ ପଣ୍ଡା ଗହଳି ମଧ୍ୟରେ ପଶିଆସି ତାଙ୍କ ପାଦ ତଳେ ପଡ଼ି ସମସ୍ୟା ଜଣାଇଥିଲେ। ସେ କହିଥିଲେ, ରେଲୱେ ଲେଭଲ କ୍ରସିଂ ଯୋଗୁ ପିଲାମାନେ ସ୍କୁଲରେ ପହଞ୍ଚିବା ବିଳମ୍ବ ହେଉଛି, କାରଣ ୨ କିଲୋମିଟର ରାସ୍ତା ବୁଲିବାକୁ ପଡୁଛି। ପିଲାମାନେ ପ୍ରତିଦିନ ଏତେ ରାସ୍ତା ଚାଲିକରି ଯିବା କଷ୍ଟକର ହେଉଛି। ସେହିପରି ବିଦ୍ୟାଳୟ ପରିସରରେ ଖେଳିବାକୁ କି ଖାଇବାକୁ ଜାଗା ନାହିଁ ବୋଲି ମଧ୍ୟ ଜଣାଇଥିଲେ। ଏହା ଶୁଣି ରେଳମନ୍ତ୍ରୀ ସମ୍ପୃକ୍ତ ଛାତ୍ରଙ୍କ ମୁଣ୍ଡରେ ହାତ ବୁଲାଇ ଆଶୀର୍ବାଦ ଦେବା ସହ ସମସ୍ୟାର ସମାଧାନ କରାଯିବ ବୋଲି କହିଥିଲେ। ଏ ନେଇ ବଦ୍ରି କହିଛନ୍ତି, ମନ୍ତ୍ରୀଙ୍କୁ ମୁଣ୍ଡିଆ ମାରି ଗୁହାରି ଜଣାଇଲି। ମନ୍ତ୍ରୀ ସବୁ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ମନ୍ତ୍ରୀ ବୈଷ୍ଣବ କହିଛନ୍ତି, ବୀରପ୍ରତାପପୁର ଗ୍ରାମରେ ଯାହା ସମସ୍ୟା ଥିଲା ତାହାର ସମାଧାନ ପାଇଁ ପ୍ରଶାସନିକ ତଦନ୍ତ ସରିଛି। ପୂର୍ବରୁ ଗସ୍ତ କରି ପ୍ରଶାସନକୁ ତଦନ୍ତ ଲାଗି ନିର୍ଦ୍ଦେଶ ଦେଇଥିଲି। ଆଜି ପୁଣି ଅନୁଧ୍ୟାନ କରିଛି। ସେହିପରି ସମ୍ପୃକ୍ତ ଛାତ୍ରଙ୍କ ଦାବି ସମ୍ପର୍କରେ ରାଜ୍ୟ ସରକାରଙ୍କୁ ଅବଗତ କରାଇବି।



ମନ୍ତ୍ରୀଙ୍କୁ ବଦ୍ରି ପ୍ରସାଦ ସମସ୍ୟା ଜଣାଉଛନ୍ତି।

### ମହାନଦୀକୁ ଡେଇଁଥିବା ଯୁବକ ଉଦ୍ଧାର

ବାରଙ୍ଗ,୧୫।୯(ଡି.ଏନ.ଏ)

ମୁଣ୍ଡଳି ବ୍ୟାରେଜରେ ବୁଧବାର ଗାଡ଼ି ରଖି ମହାନଦୀକୁ ଡେଇଁ ପଡିଥିବା ଯୁବକ ଗୁରୁବାର ସୁରକ୍ଷିତ ଭାବେ ଉଦ୍ଧାର ହୋଇଛନ୍ତି। ଆଠଗଡ଼ ଥାନା ଅନ୍ତର୍ଗତ ସର୍ପେଶ୍ୱର ନୂଆଗଡ ସାହିର ପ୍ରଦ୍ୟୁମ୍ନ ବାରିକ(୨୭) ବୁଧବାର ରାତି ପ୍ରାୟ ୧୦ଟାରେ ବାଇକ୍‌କୁ ମୁଣ୍ଡଳୀ ବ୍ୟାରେଜ ଉପରେ ରଖି ମହାନଦୀକୁ ଡେଇଁପଡିଥିଲେ। ବାରଙ୍ଗ ଅଗ୍ନିଶମ ବାହିନୀ ଓ ଗୋଡିସାହି ଫାଣ୍ଡି ପୋଲିସ ପହଞ୍ଚି ବହୁ ଖୋଜାଖୋଜି କରିବା ସତ୍ତ୍ୱେ ଯୁବକଙ୍କର ପତ୍ତାପାଇ ନ ଥିଲେ। ମହାନଦୀକୁ ଡେଇଁ ପଡିବା ପରେ ମୁଣ୍ଡଳୀଠାରୁ ପ୍ରାୟ ୩ କିମି ଦୂର ଅନନ୍ତପୁର ପର୍ଯ୍ୟନ୍ତ ସେ ଭାସିଯାଇଥିଲେ। ପହଁରି ପହଁରି ଏକ ଟାପୁରେ ଯାଇ ରାତିସାରା ରହିଥିଲେ। ସକାଳେ ସ୍ଥାନୀୟ ଲୋକ ଯୁବକଜଣଙ୍କୁ ଟାପୁରୁ ଉଦ୍ଧାର କରିଥିଲେ।



ଆର୍ଟ ଭିଜନ ପକ୍ଷରୁ ଗୁରୁବାର ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ୧୮ତମ ସଙ୍ଗମ ଉତ୍ସବରେ ପଦ୍ମଶ୍ରୀ ଇଲିଆନା ଚିତାରିଷ୍ଟ ଓ ସାଥୀଙ୍କ ନୃତ୍ୟ ପରିବେଷଣ।

# ଡ୍ରାଇଭର, ହେଲପରଙ୍କୁ ବନ୍ଧକ ରଖି ନିସ୍ତୁକ ମାଡ଼

- ଗାଡ଼ି ଧକ୍କାକୁ କେନ୍ଦ୍ରକରି ତୁମୁଳକାଣ୍ଡ
- ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି ପୋଲିସ

ଭୁବନେଶ୍ୱର,୧୫।୯(ବ୍ୟୁରେ)

ଗାଡ଼ି ଧକ୍କାକୁ କେନ୍ଦ୍ର କରି ମଞ୍ଚେଶ୍ୱର ଥାନା ଅଞ୍ଚଳରେ ବୁଧବାର ରାତିରେ ତୁମୁଳକାଣ୍ଡ ଘଟିଛି। ଆଇନକୁ ହାତକୁ ନେଇ ଗାଡ଼ି ସହ ଡ୍ରାଇଭର, ହେଲପରଙ୍କୁ ବନ୍ଧକ ରଖି ନିସ୍ତୁକ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଟଙ୍କା ନଦେଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିବା କିଛି ଯୁବକଙ୍କର ନାମରେ ଟ୍ରକ ମାଲିକ ଅମ୍ବିକା ପ୍ରସାଦ ମହାପାତ୍ର ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଡ୍ରାଇଭର ଓ ହେଲପରଙ୍କୁ ଉଦ୍ଧାର କରିବା ସହ ଜଣେ ଯୁବକକୁ ଥାନାକୁ ଆଣି ଅଟକ ରଖି ପଚରାଉଚରା କରୁଛି। ସୂଚନାନୁସାରେ, ଏକ ଟ୍ରକ୍ ବୁଧବାର ରାତି ୭ ଟା ୫୦ରେ ଭୁବନେଶ୍ୱରରୁ କଟକ ଅଭିମୁଖେ ଯାଉଥିଲା। ପଳାଶୁଣୀ ନିକଟରେ ସ୍ୱିଫ୍ଟ କାର ସହ ଟ୍ରକ୍ ଦୁର୍ଘଟଣା ଘଟିଥିଲା। ପରେ କାରରେ ଥିବା ଯୁବକ କେତେଜଣ ସହଯୋଗୀଙ୍କୁ ଡକାଇ ଟ୍ରକ ସହ ଡ୍ରାଇଭର ଓ ହେଲପରଙ୍କୁ ସତ୍ୟବିହାର ନିକଟରେ ଥିବା ଏକ ହାର୍ଡୱାର ଦୋକାନ ଭିତରକୁ ନେଇଯାଇଥିଲେ। ସେଠାରେ ସେମାନଙ୍କୁ ନିସ୍ତୁକ ମାଡ଼ ମାରି ଟ୍ରକ ମାଲିକଙ୍କୁ ଫୋନ କରି ୪୫ ହଜାର ଟଙ୍କା ଦାବି କରିଥିଲେ। ଟଙ୍କା ନଦେଲେ ଦୁଇ କର୍ମଚାରୀଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ।

# ୨ ଦିନିଆ ରିମାଣ୍ଡରେ ଆସିଲେ ୨ ଅଭିଯୁକ୍ତ

**ନକଲି ମେଡିସିନ କାରବାର ମାମଲା**

କଟକ ଅଫିସ,୧୫।୯

ନକଲି ଔଷଧ କାରବାର ମାମଲାରେ ଗିରଫ ହୋଇ ଜେଲରେ ଥିବା ୨ ଅଭିଯୁକ୍ତଙ୍କୁ କମିଶନରେଟ୍ ପୋଲିସ ଗୁରୁବାର ଦୁଇଦିନିଆ ରିମାଣ୍ଡରେ ଆଣିଛି। ପୋଲିସ ପକ୍ଷରୁ ଏନେଇ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଗୁରୁବାର ଆବେଦନ କରାଯିବା ପରେ କୋର୍ଟ ଅନୁମତି ଦେଇଥିଲେ। ଅଭିଯୁକ୍ତ ଦ୍ୱୟ ହେଲେ ଜାଉଁଳିଆପଟିସ୍ଥିତ ପୂଜା ଏଣ୍ଟରପ୍ରାଇଜର୍ସର ସଞ୍ଜୟ ଜଲାନ ଓ ମାଣିକଘୋଷ ବଜାର ଭି. ଆର. ଡ୍ରଗ୍ସ ଏଜେନ୍ସିର ରାହୁଲ କୁମାର କ୍ୟାଲ। ନକଲି ଔଷଧ କାରବାରର ଚେର କେତେଦୂର ଲମ୍ବିଛି ଏସବୁର ପର୍ଦ୍ଦାଫାଶ ପାଇଁ ପୋଲିସ ଅଭିଯୁକ୍ତଙ୍କୁ ପଚରାଉଚୁରା କରୁଛି। ଏଥିରୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହସ୍ତଗତ ହେବ ଓ ନକଲି ମେଡିସିନ କାରବାରର ତଦନ୍ତ ଆଗକୁ ବଢ଼ିପାରିବ ବୋଲି ଡିସିପି ପିନାକ ମିଶ୍ର କହିଛନ୍ତି।

ସୂଚନା ଅନୁସାରେ, ରକ୍ତଚାପର ଚିକିତ୍ସା ପାଇଁ ନକଲି ମେଡିସିନ ଟେଲ୍‌ମା-୪୦ ଓ ଟେଲ୍‌ମା-ଏଏମ୍ ବିକ୍ରି କରୁଥିବା ନେଇ ପୂଜା ଏଣ୍ଟରପ୍ରାଇଜର୍ସ ଏବଂ ଭି. ଆର୍. ଡ୍ରଗ୍ସ ଏଜେନ୍ସି ନାମରେ କଟକ ରେଞ୍ଜ-୧ ଡ୍ରଗ୍ସ ଇନ୍ସପେକ୍ଟର ତୁଷାର ରଞ୍ଜନ ପାଣିଗ୍ରାହୀ ଗତ ୧୦ ତାରିଖରେ ପୁରୀଘାଟ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କ ମେଡିସିନ ଗୋଦାମରେ ଚଢ଼ାଉ କରି ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଥିଲା। ଡ୍ରଗ୍ସ ଆଣ୍ଡ୍ କସ୍‌ମେଟିକ୍ସ ଆକ୍ଟରେ କଟକ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ୨ ଷ୍ଟକିଷ୍ଟଙ୍କ ନାମରେ ଦୁଇଟି ମାମଲା ଓ ପୁରୀଘାଟ ଥାନାରେ ଦୁଇଟି ମାମଲା ରୁଜୁ ହୋଇଥିଲା। ବିଭାଗ ପକ୍ଷରୁ ଉକ୍ତ ମେଡିସିନ ଦ୍ୱୟର ବିକ୍ରି ନିଷେଧ କରାଯିବା ସହ ଦୁଇ ଅଭିଯୁକ୍ତ ଷ୍ଟକିଷ୍ଟଙ୍କ ଡ୍ରଗ୍ସ ଲାଇସେନ୍ସକୁ ମଧ୍ୟ ବାତିଲ କରାଯାଇଥିଲା। ଏଥିସହ କଟକ ଜିଲା କେମିଷ୍ଟ ଆଣ୍ଡ୍ ଡ୍ରଗିଷ୍ଟ ଆସୋସିଏଶନ ପକ୍ଷରୁ ଦୁଇ ମେଡିସିନ ଷ୍ଟକିଷ୍ଟଙ୍କ ସଦସ୍ୟ ପଦ ମଧ୍ୟ ରଦ୍ଦ କରାଯାଇଥିଲା।

# ନକଲି ଔଷଧ ବ୍ୟବସାୟୀଙ୍କ ପ୍ରତି କଠୋର ହେବ ୟୁସିଡିଏ

ଭୁବନେଶ୍ୱର, ୧୫।୯ (ବ୍ୟୁରୋ)




ନକଲି ଔଷଧ କାରବାର କରୁଥିବା ବା ଅସାଧୁ ଉପାୟ ଅବଲମ୍ବନ କରୁଥିବା ପଞ୍ଜୀକୃତ ଔଷଧ ବ୍ୟବସାୟୀଙ୍କ ପ୍ରତି ଆହୁରି କଠୋର ହେବ ଉତ୍କଳ କେମିଷ୍ଟ ଆଣ୍ଡ୍ ଡ୍ରଗିଷ୍ଟ ଆସୋସିଏଶନ (ୟୁସିଡିଏ)। ନକଲି ଔଷଧ କାରବାରରେ ସମ୍ପୃକ୍ତ ୨ଟି ସଂସ୍ଥାକୁ ସଭ୍ୟ ପଦରୁ ବରଖାସ୍ତ କରାଯାଇଥିବାବେଳେ ଏଭଳି କାର୍ଯ୍ୟାନୁଷ୍ଠାନ ଆଗକୁ ଜାରି ରହିବ ବୋଲି ଗୁରୁବାର ଅଟଳ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଇଛି। ସମ୍ପାଦକ ପ୍ରଶାନ୍ତ ମହାପାତ୍ର କହିଛନ୍ତି, ସରକାରଙ୍କ ଗୋଟିଏ ଦେଶ ଗୋଟିଏ ଟିକସ ନୀତି ଆଧାରରେ ଯେ କୌଣସି ବ୍ୟବସାୟୀ ଜିଏସ୍‌ଟି ଭରି ଯେକୌଣସି ସ୍ଥାନରୁ ଯେକୌଣସି ଜିନିଷ କିଣିପାରିବେ। ହେଲେ ଏହାର ସୁଯୋଗ ନେଇ କିଛି ଅସାଧୁ ବ୍ୟବସାୟୀ ବିଭିନ୍ନ ସ୍ଥାନରୁ ନକଲି ଔଷଧ ଆମଦାନୀ କରି ବିକ୍ରି କରୁଛନ୍ତି। ତେବେ ପଞ୍ଜୀକୃତ ଥିବା କମ୍ପାନୀଗୁଡ଼ିକୁ ଉତ୍କଳ କେମିଷ୍ଟ ଆଣ୍ଡ୍ ଡ୍ରଗିଷ୍ଟ ଆସୋସିଏଶନ (ୟୁସିଡିଏ) ତଦାରଖ କରିପାରିବ। ମାତ୍ର ଅଣପଞ୍ଜୀକୃତ ବ୍ୟବସାୟୀଙ୍କ ହିସାବ ରଖିବା ଆସୋସିଏଶନ ପକ୍ଷେ ଅସମ୍ଭବ। ଫଳରେ ଆସୋସିଏଶନ ଅଗୋଚରରେ ସେମାନେ କଳା ସାମ୍ରାଜ୍ୟ ବିଛାଇ ଚାଲିଛନ୍ତି। ଅପରପକ୍ଷେ କମ୍ପାନୀ ପଞ୍ଜୀକୃତ ପାଇକାରୀ ବ୍ୟବସାୟୀ କେବଳ କମ୍ପାନୀଠାରୁ ଔଷଧ କିଣିବାର ନିୟମ ଥିବାବେଳେ ଅଧିକ ଲାଭ ଆଶାରେ କେତେଜଣ ପଞ୍ଜୀକୃତ ବ୍ୟବସାୟୀ ଅସାଧୁ ବ୍ୟବସାୟୀଙ୍କଠାରୁ ଔଷଧ କିଣୁଛନ୍ତି। ଏହା ନଜରକୁ ଆସିବାମାତ୍ରେ ତଦାରଖ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ସମଗ୍ର ରାଜ୍ୟରେ ବର୍ତ୍ତମାନ ଆସୋସିଏଶନ୍‌ରେ ପ୍ରାୟ ୨୫ହଜାର ପଞ୍ଜୀକୃତ ବ୍ୟବସାୟୀ ରହିଥିବାବେଳେ ୫ରୁ ୭ହଜାର ଅଣପଞ୍ଜୀକୃତ ବ୍ୟବସାୟୀ ଅଛନ୍ତି। ଓଡ଼ିଶାରେ ନକଲି ଔଷଧ ତିଆରି ହେଉନାହିଁ। ଏସବୁ ଔଷଧ ରାଜ୍ୟ ବାହାରୁ ଆସୁଛି। ଚିହ୍ନଟ ହୋଇଥିବା ନକଲି ଔଷଧ କନ୍‌ସାଇନ୍‌ମେଣ୍ଟ ବେଙ୍ଗାଲୁରୁ ଓ ଗୟାରୁ ଆସିଛି। ରାଜ୍ୟ ବାହାରୁ କେଉଁ ସ୍ଥାନରୁ ଔଷଧ ଆସିଛି, କିଏ ମଗାଇଛି ଏବଂ କିଏ ବିକିଛି ଏସବୁର ଖୋଳତାଡ଼ ସହ କାର୍ଯ୍ୟାନୁଷ୍ଠାନ ଜାରି ରହିବ ବୋଲି ସେ ସୂଚନା ଦେଇଛନ୍ତି।

ସଭାପତି ପି. ସତ୍ୟନାରାୟଣ କହିଛନ୍ତି, ଅନ୍‌ଲାଇନ ଔଷଧ ବ୍ୟବସାୟ ନିୟମାନୁଯାୟୀ ବୈଧ ହୋଇ ନ ଥିଲେ ବି ଅନେକ କମ୍ପାନୀ ଏହାକୁ ରିହାତି ଦରରେ ଯୋଗାଇ ଦେଉଛନ୍ତି। ଫଳରେ ଅସାଧୁ ବ୍ୟବସାୟୀ ନାମୀଦାମୀ କମ୍ପାନୀର ପ୍ୟାକିଂ ବ୍ୟବହାର କରି ରିହାତି ଦରରେ ନକଲି ଔଷଧ ବିକ୍ରି କରୁଛନ୍ତି। ଅପରପକ୍ଷେ ଭେଷଜ ବିଭାଗରେ ଆବଶ୍ୟକ ସଂଖ୍ୟକ ଅଫିସ୍‌ର କିମ୍ବା କର୍ମଚାରୀ ନ ଥିବାରୁ ଓ ତଦାରଖ ହୋଇପାରୁ ନ ଥିବାରୁ ଏଭଳି ଘଟଣା ଘଟୁଛି। ଆସୋସିଏଶନ୍ ପକ୍ଷରୁ ଏହାକୁ ନିନ୍ଦା କରାଯାଉଛି ବୋଲି ସେ କହିଛନ୍ତି। ସମ୍ମିଳନୀରେ କୋଷାଧକ୍ଷ ଅଜୟ ଗୋୟଙ୍କା ଉପସ୍ଥିତ ଥିଲେ।

**'ଦାଦାବଟିକୁ ନା' ଅଭିଯାନ, ୯ ମାସରେ ୩୩ ଗିରଫ**

ଭୁବନେଶ୍ୱର: କମିଶନରେଟ ପୋଲିସ ପକ୍ଷରୁ 'ଦାଦାବଟିକୁ ନା' ଅଭିଯାନରେ ଗତ ଜାନୁୟାରୀରୁ ଏପର୍ଯ୍ୟନ୍ତ ୩୩ ଜଣଙ୍କୁ ଦାଦାବଟି ମାଗିବା ଅଭିଯୋଗରେ ଗିରଫ କରାଯାଇଛି। ଏମାନଙ୍କ ମଧ୍ୟରୁ ସେପ୍ଟେମ୍ବର ୧୫ସୁଦ୍ଧା ୮ଜଣ ଗିରଫ ହୋଇଥିବା ଭୁବନେଶ୍ୱର ସହରାଞ୍ଚଳ ଜିଲା ପୋଲିସ ପକ୍ଷରୁ ଗୁରୁବାର ସୂଚନା ଦିଆଯାଇଛି। ରାଜଧାନୀରେ ଦାଦାବଟି, ନିଶା କାରବାର, ଷ୍ଟ୍ରିଟ୍ କ୍ରାଇମ୍ ବିରୋଧରେ ହ୍ୱାଟ୍ସ ଆପ୍ ନଂ.୭୦୭୭୭୯୮୧୧୧ରେ ସୂଚନା ଦେବାକୁ ଜନସାଧାରଣଙ୍କୁ ପୋଲିସ ପକ୍ଷରୁ କୁହାଯାଇଛି।



## ୧.୫ କେଜି ଗଞ୍ଜେଇ ଜବତ

ବାଲିଅନ୍ତା,୧୫।୯(ଡି.ଏନ୍.ଏ.): ବାଲିଅନ୍ତା ଥାନା ପୋଲିସ ଗୁରୁବାର ବଇଁଚୁଆ ଗ୍ରାମର ଏକ ଗ୍ରୋସେରୀ ଦୋକାନରେ ଚଢ଼ାଉ କରି ୧.୫ କେଜି ଗଞ୍ଜେଇ ଜବତ କରିଛି। ଗଞ୍ଜେଇ ରଖି ବିକ୍ରି କରୁଥିବା ଅଭିଯୋଗରେ ପୋଲିସ ସୂର୍ଯ୍ୟମଣି ସାହୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସ ଏନ୍‌ଡିପିସି ଆକ୍ଟରେ ଏକ ମାମଲା(ନଂ. ୪୬/୨୨) ରୁଜୁ କରିଛି।

## ମଦ୍ୟପାନ: ୮ ମାସରେ ୧୭,୯୧୪ଙ୍କଠାରୁ ୬୭.୪୦ ଲକ୍ଷ ଜରିମାନା

ଭୁବନେଶ୍ୱର, ୧୫।୯ (ବ୍ୟୁରୋ): ରାଜଧାନୀର ସର୍ବସାଧାରଣ ସ୍ଥାନରେ ମଦ୍ୟପାନ କରି ଜରିମାନା ଗଣୁଛନ୍ତି ମଦ୍ୟପ। ୨୦୨୨ ଜାନୁୟାରୀରୁ ଅଗଷ୍ଟ ଅର୍ଥାତ ଗତ ୮ ମାସ ମଧ୍ୟରେ ୧୭ ହଜାର ୯୧୪ ଜଣ ସର୍ବସାଧାରଣ ସ୍ଥାନରେ ମଦ୍ୟପାନ କରି ପୋଲିସ ହାତରେ ଧରାପଡ଼ିଛନ୍ତି। ସେମାନଙ୍କଠାରୁ ମୋଟ ୬୭ ଲକ୍ଷ ୪୦ ହଜାର ୧୪୦ ଟଙ୍କା ଜରିମାନା ଆଦାୟ କରାଯାଇଥିବା ଭୁବନେଶ୍ୱର ସହରାଞ୍ଚଳ ଜିଲା ପୋଲିସ ପକ୍ଷରୁ ଗୁରୁବାର ସୂଚନା ଦିଆଯାଇଛି। ତଥ୍ୟ ଅନୁଯାୟୀ, ସହରରେ ଦିନକୁ ଦିନ ସର୍ବସାଧାରଣ ସ୍ଥାନରେ ମଦ୍ୟପାନ ବୃଦ୍ଧି ପାଇବାରେ ଲାଗିଛି। ଗତ କିଛି ମାସରେ ଆଦାୟ ହୋଇଥିବା ଜରିମାନା ପରିମାଣରୁ ଏହା ସ୍ପଷ୍ଟ ହେଉଛି। ଜାନୁୟାରୀରେ ୫୦୪ ଜଣଙ୍କଠୁ ୨୫ ହଜାର ୨୦୦ ଟଙ୍କା ଆଦାୟ କରାଯାଇଥିବାବେଳେ ଫେବୃୟାରୀରେ ୧୪୧ ଜଣଙ୍କଠୁ ୭୦ ହଜାର ୫୦୦ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ସେହିପରି ମାର୍ଚ୍ଚରେ ୨,୩୩୯ ଜଣଙ୍କଠାରୁ ୧୧ ଲକ୍ଷ ୬୬ ହଜାର ୬୦୦, ଏପ୍ରିଲରେ ୭୨୮ ଜଣଙ୍କଠୁ ୩୭,୩୦୦, ମେ'ରେ ୩,୭୨୦ଜଣଙ୍କଠୁ ୧୬ ଲକ୍ଷ ୪୬ ହଜାର ୯୪୦ ଟଙ୍କା, ଜୁନ୍‌ରେ ୩,୫୯୬ ଜଣଙ୍କଠୁ ୧୭ ଲକ୍ଷ ୬୬ ହଜାର ୩୦୦, ଜୁଲାଇରେ ୩,୧୪୬ ଜଣଙ୍କଠୁ ୧ ଲକ୍ଷ ୫୨ ହଜାର ୮୦୦ ଏବଂ ଅଗଷ୍ଟରେ ୩,୭୩୦ ଜଣଙ୍କଠୁ ୧୮ ଲକ୍ଷ ୭୪ ହଜାର ୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ସର୍ବସାଧାରଣ ସ୍ଥାନରେ ମଦ୍ୟପାନ କରୁଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ ଆଗାମୀ ଦିନରେ ଆହୁରି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

# ସାମାଜିକ ବାର୍ତ୍ତା ଦେବ ତୋରଣ

ଭୁବନେଶ୍ୱର,୧୫।୯(ବ୍ୟୁରୋ)

ଧରାବତରଣ କରିବେ ଦୁର୍ଗତିନାଶିନୀ ମା' ଦୁର୍ଗା। ତାଙ୍କ ଆଗମନ ପାଇଁ ଦିନ ଯେତିକି ପାଖେଇ ଆସୁଛି, ପ୍ରସ୍ତୁତି ସେତିକି ଜୋର୍‌ଦାର ହେଉଛି। କଟକରେ ମୂର୍ତ୍ତି ଓ ମେଢ଼ରେ ସ୍ୱତନ୍ତ୍ରତା ରହିଥିବାବେଳେ ରାଜଧାନୀ ଭୁବନେଶ୍ୱରରେ ତୋରଣ ବିଶେଷ ଆକର୍ଷଣ ସାଜିଥାଏ। ଦୁଇବର୍ଷ ପରେ ପୁଣି ବିନା କଟକଣାରେ ପୂଜା ହେବ। ଏଥିପାଇଁ ଆୟୋଜକମାନେ ତୋରଣ, ସାଜସଜ୍ଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନରେ ସ୍ୱତନ୍ତ୍ରତା ପ୍ରଦର୍ଶନ ପାଇଁ ଲାଗି ପଡିଛନ୍ତି। ସହରର ଅନ୍ୟତମ ପ୍ରମୁଖ ଆୟୋଜକ ନୟାପଲ୍ଲୀ ଦୁର୍ଗାପୂଜା ସମିତି ଏଥର ତୋରଣରେ ସାମ୍ପ୍ରତିକ ସାମାଜିକ ସ୍ଥିତିକୁ ସ୍ଥାନ ଦେବା ସହ ଲୋକଙ୍କୁ ଭିନ୍ନ ବାର୍ତ୍ତା ଦେବ। ବାପା, ମା'ମାନେ ସବୁ ଅଳି ଅର୍ଦ୍ଦଳି ସହି ସବୁକିଛି ହରାଇ ପିଲାଙ୍କୁ ମଣିଷ କରନ୍ତି, ହେଲେ ବଡ଼ ହୋଇଯିବା ପରେ ଅନେକ ପିଲା ସେମାନଙ୍କୁ ଅବହେଳା, ନିର୍ଯାତନା ଦେଇଥାନ୍ତି। ନିଜ ପାଖେ ନ ରଖି ବାପା, ମା'ଙ୍କୁ ବୃଦ୍ଧାଶ୍ରମକୁ ପଠାଇ ଦେଉଛନ୍ତି। ସମାଜରେ ଘଟୁଥିବା ଏଭଳି ଅନେକ ଘଟଣାକୁ ତୋରଣରେ ପ୍ରଦର୍ଶିତ କରିବା ସହ ଦେବଦେବୀଙ୍କ ମାଧ୍ୟମରେ ସାମାଜିକ ପରିବର୍ତ୍ତନ ପାଇଁ ସମିତି ପ୍ରୟାସ କରିଛି।






### ସୁରକ୍ଷା ଦାୟିତ୍ୱରେ ମହିଳା, କିନ୍ନର

ଏଥର ପୂଜା ବଜେଟ କମ୍ କରାଯାଇଥିବାବେଳେ କମିଟି ସଦସ୍ୟମାନେ ନିଜ ମଧ୍ୟରେ ଦାୟିତ୍ୱ ବାଣ୍ଟି ପୂଜାର ଆୟୋଜନ କରୁଛନ୍ତି। ମୂର୍ତ୍ତିର ଉଚ୍ଚତା ୧୮ଫୁଟ୍ ରହିବ। ତୋରଣ ଉଚ୍ଚତା ୮୦ଫୁଟ୍ ଓ ଚଉଡ଼ା ୧୨୦ ଫୁଟ୍ ରହିବ। ମୂର୍ତ୍ତିରେ ରାସାୟନିକ ରଙ୍ଗର ବ୍ୟବହାର କରାଯିବ ନାହିଁ। କୋଲକାତାର କାରିଗରମାନେ ଏସବୁ କାମରେ ଲାଗି ପଡ଼ିଥିବାବେଳେ ଗହଳି ସମ୍ଭାବନା ଥିବାରୁ ସିସି କ୍ୟାମେରା, ଆମ୍ବୁଲାନ୍ସ, ଫାୟାର ଓ ୨୦୦ କର୍ମକର୍ତ୍ତା ନିୟୋଜିତ ରହିବେ। ସୁରକ୍ଷା ସହ ପରିଚାଳନା ଦାୟିତ୍ୱରେ ୫୦ ଜଣ ମହିଳା ଓ ୫୦ଜଣ କିନ୍ନର ରହିବେ ବୋଲି ପୂର୍ବତନ ସଭାପତି ପବିତ୍ର ମୋହନ କହିଛନ୍ତି। ମା'ଙ୍କ ପୀଠରେ ଷୋଳପୂଜା ପରେ ଷଷ୍ଠୀଠାରୁ ତୋରଣରେ ପୂଜା କରାଯିବ। ତୋରଣ ଷଷ୍ଠୀରେ ମା'ଙ୍କର ବେଲବରଣୀ, ସପ୍ତମୀରେ ଚକ୍ଷୁଦାନ ଏବଂ ଅଷ୍ଟମୀରେ ସୂର୍ଯ୍ୟ ପୂଜା ପରେ ବିଧି ଅନୁସାରେ ଅନ୍ୟାନ୍ୟ ପୂଜା ଚାଲିବ। ଶ୍ରଦ୍ଧାଳୁଙ୍କ ମନୋରଞ୍ଜନ ପାଇଁ ଷଷ୍ଠୀ ଦିନ ଭଜନ ସନ୍ଧ୍ୟା, ସପ୍ତମୀରେ ମେଲୋଡ଼ି, ଅଷ୍ଟମୀରେ ଭଜନ, ନବମୀରେ ମେଲୋଡ଼ି ଓ ଦଶହରା ଦିନ ରାବଣ ପୋଡ଼ି କରାଯିବ ବୋଲି ସମିତି ଉପଦେଷ୍ଟା ମନୋରଞ୍ଜନ ପଟ୍ଟନାୟକ କହିଛନ୍ତି। ଅଷ୍ଟମୀରେ ମା'ଙ୍କୁ ଶଙ୍ଖୁଡ଼ି ଭୋଗ, ନବମୀରେ ପଖାଳ ଓ ଅନ୍ୟାନ୍ୟ ଦିନମାନଙ୍କରେ ବିଧି ଅନୁସାରେ ଭୋଗ ଲଗାଯିବ ବୋଲି ଉପଦେଷ୍ଟା ସୁଶାନ୍ତ କୁମାର ଦାଶ କହିଛନ୍ତି।

#### ଭାଇଚାରା ସହ ପୂଜା ସମ୍ପନ୍ନ ହେବ



ଭସାଣିରେ ଆଖପାଖ ୨୦ ମଣ୍ଡପରୁ ମା'ଙ୍କ ମୂର୍ତ୍ତି ସାମିଲ ହେବ। ଭାଇଚାରା ସହ ସମ୍ବର୍ଦ୍ଧନା ଉତ୍ସବ ପାଳନ କରାଯିବ। ଘୋଡ଼ା ନାଚ, ଷଣ୍ଢ ନାଚ ଭଳି ପାରମ୍ପରିକ ବାଜା ପଟୁଆରରେ ଦୁର୍ଗତିନାଶିନୀଙ୍କୁ ବିଦାୟ ଦିଆଯିବ। ସମସ୍ତେ କିଭଳି ଶାନ୍ତି ମନରେ ଦର୍ଶନ ସାରି ଘରକୁ ଫେରିବେ ତାହା ଧ୍ୟାନ ରଖିବୁ।

- ସର୍ବେଶ୍ୱର ସାମଲ, ଉପଦେଷ୍ଟା

#### କୋଭିଡ୍ ସତର୍କତା ପୂର୍ବକ ଦର୍ଶନ କରନ୍ତୁ



କୋଭିଡ୍ ଭୟ ଏବେବି ଯାଇ ନାହିଁ। ଲୋକଙ୍କ ସୁରକ୍ଷା ନିଜ ହାତରେ। ତେଣୁ ଶ୍ରଦ୍ଧାଳୁମାନେ ବେଶି ଗହଳି କରନ୍ତୁ ନାହିଁ କି ଗହଳି ଭିତରେ ରୁହନ୍ତୁ ନାହିଁ। ସାଧାରଣ ଭାବେ ପୂଜା ସାରି ଶାନ୍ତିଶୃଙ୍ଖଳାର ସହ ବୁଲାବୁଲି କରି ଘରକୁ ଫେରନ୍ତୁ।

- ନବକିଶୋର ବେହେରା, ଉପଦେଷ୍ଟା

#### ୩୫ବର୍ଷରେ ମା'ଙ୍କ ପୂଜା



୩୫ବର୍ଷ ଧରି ନୂଆପଲ୍ଲୀରେ ମା'ଙ୍କର ପୂଜା କରାଯାଉଛି। ୨ବର୍ଷ ପରେ ମା' ଭକ୍ତମାନଙ୍କୁ ପ୍ରତ୍ୟକ୍ଷ ଦର୍ଶନ ଦେବେ। ଭକ୍ତମାନେ ମା'ଙ୍କ ଆଶିଷ ନେଇ ଯାଆନ୍ତୁ। କରୋନା ମହାମାରୀ ପରି ବ୍ୟାଧି ଓ ଅନ୍ୟ ସମସ୍ୟାରୁ ମା' ସମସ୍ତଙ୍କୁ ରକ୍ଷା କରନ୍ତୁ।

- ଚିତ୍ରସେନ ବେହେରା, ବରିଷ୍ଠ ସଦସ୍ୟ

## ଓଏସ୍‌ସିପିସିଆର୍ ଅଫିସ୍ ଆଗରେ ବସିଲେ ମା'

**ପିହୁ ନିଖୋଜ ଘଟଣାକୁ ୨ବର୍ଷ ବିତିଲା**
- ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଧାରଣା ନିଷ୍ପତ୍ତି
- ସିବିଆଇ ତଦନ୍ତ ଦାବି ଦୋହରାଇଲେ

ଭୁବନେଶ୍ୱର,୧୫।୯ (ବ୍ୟୁରେ)

ବହୁ ଚର୍ଚ୍ଚିତ ଯାଜପୁର ଜିଲା ବିଞ୍ଝାରପୁର ଥାନା ଅନ୍ତର୍ଗତ ମଧୁସୂଦନପୁର ଗ୍ରାମର ଲକ୍ଷ୍ମଣ ନାୟକ ଓ ମୋନାଲିସା ନାୟକଙ୍କ ୨ ବର୍ଷର ଶିଶୁକନ୍ୟା ଶୁଭଲକ୍ଷ୍ମୀ ନାୟକ ଓରଫ ପିହୁ ନିଖୋଜ ହେବା ଘଟଣାକୁ ୨ ବର୍ଷ ପୂରିଛି। ଗାଁ ଦାଣ୍ଡରେ ଖେଳୁଥିବାବେଳେ ପିହୁ ନିଖୋଜ ହୋଇଯାଇଥିଲେ। ଏନେଇ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ ଏଯାବତ୍ ଖୋଜି ପାଇପାରିନାହିଁ। ଏଥିସହ ପିହୁଙ୍କୁ ଖୋଜିଆଣିବା ଲାଗି ରାଜ୍ୟ ସରକାର ଓ ପୋଲିସ ବିଭାଗର ସମସ୍ତ ନ୍ୟାୟିକା ବ୍ୟବସ୍ଥାରେ ମା' ମୋନାଲିସା ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ। ତେଣୁ ନ୍ୟାୟ ସହ ମାମଲାର ସିବିଆଇ ତଦନ୍ତ ଦାବିରେ ମୋନାଲିସା ଯାଜପୁରରୁ ଭୁବନେଶ୍ୱର ଆସି ସଂଘର୍ଷ କରୁଛନ୍ତି। ଏଥିସହ ଗୁରୁବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (ଓଏସ୍‌ସିପିସିଆର୍) କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି।

ମୋନାଲିସାଙ୍କ କହିବାନୁଯାୟୀ, ସିବିଆଇ ତଦନ୍ତ ସୁପାରିସ କରିବା ପାଇଁ ଅଗଷ୍ଟ ୨୯ରେ ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କୁ ଲିଖିତ ନିବେଦନ କରିଥିଲେ। ହେଲେ ସରକାର କାହିଁକି ସିବିଆଇ ତଦନ୍ତ ଲାଗି ସୁପାରିସ କରୁନାହାନ୍ତି ବୋଲି ଏନେଇ ସେ ପ୍ରଶ୍ନ କରିଛନ୍ତି। ଓଏସ୍‌ସିପିସିଆର୍ ଅଧକ୍ଷା ସନ୍ଧ୍ୟାବତୀ ପ୍ରଧାନ କହିଛନ୍ତି, ଆମ ପକ୍ଷରୁ ସବୁ ପ୍ରୟାସ କରାଯାଉଛି। ଜିଲାପାଳ, ଏସ୍‌ପି ଓ କ୍ରାଇମବ୍ରାଞ୍ଚ ଅଧିକାରୀଙ୍କ ସହ ଆଲୋଚନା କରିଛି। ଏଥିସହ ପିହୁ ମା'ଙ୍କ ଦାବିପତ୍ରକୁ ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ସୁପାରିସ କରିଛି, ସେମାନେ ଯାହା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ସେହିପରି ଅନୁଗୋଳରେ ମଧ୍ୟ ଗୋଟେ ସୂଚନା ଆସିଲା ୨ ବର୍ଷ ହେଲା ଗୋଟିଏ ଝିଅ ହଜିଥିଲା, ସେ ମିଳିଛି। ଏନେଇ ମୋନାଲିସାଙ୍କୁ ଫଟୋ ଦେଖାଇଥିଲୁ, କିନ୍ତୁ ସେ ତାଙ୍କ ଝିଅ ନୁହେଁ ବୋଲି ମନା କଲେ। କେନ୍ଦ୍ରପଡ଼ା, ଅନୁଗୋଳ, ଢେଙ୍କାନାଳ, ଜଗତ୍‌ସିଂପୁର ଜିଲାପାଳଙ୍କୁ ମଧ୍ୟ ଚିଠି ଲେଖିଥିବା ସେ କହିଛନ୍ତି। ଏହି ଘଟଣା ନେଇ ଗୃହ ବିଭାଗ ଓ ସରକାରଙ୍କ ବିଭିନ୍ନ ବିଭାଗ ସହ ଆଲୋଚନା କରିବେ। ଏଥିସହ ସିସିଆଇ ଅନୁଷ୍ଠାନକୁ ବହୁ ନିଖୋଜ ପିଲା ଆସୁଛନ୍ତି। ସୂଚନା ମିଳିଲେ ତୁରନ୍ତ ଜଣାଇବୁ ବୋଲି ସନ୍ଧ୍ୟାବତୀ କହିଛନ୍ତି।

ଏପଟେ କୌଣସି ବ୍ୟକ୍ତି ପିହୁଙ୍କ ସମ୍ପର୍କରେ ଜଣାଇଲେ ପୁରସ୍କାର ଦିଆଯିବ ବୋଲି ବିଞ୍ଝାରପୁର ଥାନା ଆଇଆଇସି ରଞ୍ଜିତ ମହାନ୍ତି ଘୋଷଣା କରିବା ସହ ବିଭିନ୍ନ ସ୍ଥାନରେ ପୋଷ୍ଟର ଲଗାଯାଇଥିବା ଦେଖିବାକୁ ମିଳିଛି।



ଓଏସ୍‌ସିପିସିଆର୍ ଅଫିସ୍ ଆଗରେ ଧାରଣାରେ ବସିଥିବା ପିହୁର ମା' ମୋନାଲିସା ନାୟକ।

## 'ସର୍ବସାଧାରଣ ସ୍ଥାନରେ ମୋବାଇଲ ଚାର୍ଜ କରନ୍ତୁ ନାହିଁ'

**ସାଇବର ଠକେଇ ରୋକିବାକୁ ରାଜ୍ୟ ପୋଲିସର ପରାମର୍ଶ**

ଭୁବନେଶ୍ୱର, ୧୫।୯ (ବ୍ୟୁରୋ)

ରାଜ୍ୟରେ ବର୍ତ୍ତମାନ ସାଇବର ଠକେଇ ବଡ଼ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କରିଛି। ସାଇବର ଠକ ବିଭିନ୍ନ କୌଶଳ ଆପଣାଇ ଲୋକଙ୍କଠାରୁ ଲକ୍ଷାଧିକ ଟଙ୍କା ଠକି ନେଉଛନ୍ତି। ଏପରିସ୍ଥିତିରେ ସର୍ବସାଧାରଣ ସ୍ଥାନରେ ମୋବାଇଲ ଚାର୍ଜ ନ କରିବାକୁ ରାଜ୍ୟ ପୋଲିସ ଗୁରୁବାର ଟୁଇଟ ଜରିଆରେ ପରାମର୍ଶ ଦେଇଛି। ଟୁଇଟ ମାଧ୍ୟମରେ କୁହାଯାଇଛି, ସର୍ବସାଧାରଣ ସ୍ଥାନରେ ଥିବା ଚାର୍ଜିଂ ଷ୍ଟେଶନ ଏବଂ ୟୁଏସ୍‌ବି ପାୱାର ଷ୍ଟେଶନ ଭଳି ସ୍ଥାନରେ ମୋବାଇଲ ଚାର୍ଜ କରନ୍ତୁ ନାହିଁ। ସାଇବର ଠକ ଆପଣଙ୍କ ବ୍ୟକ୍ତିଗତ ତଥ୍ୟ ନେବାକୁ ଚେଷ୍ଟା କରୁଛନ୍ତି। ଏଥିସହ ମୋବାଇଲରେ ମାଲ୍‌ୱାର ଇନ୍‌ଷ୍ଟଲ୍ କରିବାକୁ ଚେଷ୍ଟା ମଧ୍ୟ କରୁଛନ୍ତି। ତେଣୁ ପରାମର୍ଶ ମାନି ସାଇବର ଠକଙ୍କ ଠାରୁ ସୁରକ୍ଷିତ ରହିବାକୁ କୁହାଯାଇଛି। ବିମାନବନ୍ଦର ଭଳି ହାଇ ସିକ୍ୟୁରିଟି ଜୋନ୍‌ଗୁଡ଼ିକରେ ଥିବା ଚାର୍ଜିଂ ପଏଣ୍ଟରେ ଚାର୍ଜ କଲେ କୌଣସି ଅସୁବିଧାର ସମ୍ଭାବନା ନାହିଁ। ହେଲେ ବସ୍‌ଷ୍ଟାଣ୍ଡ ଭଳି ସ୍ଥାନରେ ମୋବାଇଲ ଚାର୍ଜ ନ କରିବାକୁ ପରାମର୍ଶ ଦିଆଯାଇଛି। ସୁରକ୍ଷା ଦୃଷ୍ଟିରୁ ନିଜ ସହ ପାୱାର ବ୍ୟାଙ୍କ ବ୍ୟବହାର କରିବା ଠିକ୍ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।




ଭୁବନେଶ୍ୱର ଆଇଗିଣିଆରେ ଗୁରୁବାର ବିଡିଏ ପକ୍ଷରୁ ବେଆଇନ ନିର୍ମାଣକୁ ଉଚ୍ଛେଦ କରାଯାଉଛି।

## ୪ ବ୍ରାଉନସୁଗାର ବେପାରୀ ଗିରଫ

**୫୦.୩୫ ଗ୍ରାମ୍ ବ୍ରାଉନ୍‌ସୁଗାର, ୩୧୦ ଗ୍ରାମ ସୁନା ଜବତ**

ଭୁବନେଶ୍ୱର, ୧୫।୯ (ବ୍ୟୁରୋ)

ରାଜଧାନୀରେ ବ୍ରାଉନ୍‌ସୁଗାର କାରବାର ବୃଦ୍ଧି ପାଇବାରେ ଲାଗିଛି। ଏହି କାରବାର କରୁଥିବା ଅଭିଯୋଗରେ ବୁଧବାର କମିଶନରେଟ ପୋଲିସ ୧୩ ଅଭିଯୁକ୍ତଙ୍କୁ ଗିରଫ କରିଥିବାବେଳେ ସେମାନଙ୍କ ନିକଟରୁ ୧୦୬.୬ ଗ୍ରାମ ବ୍ରାଉନସୁଗାର ଜବତ କରିଥିଲା। ଗୁରୁବାର ଆଉ ୪ ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୫୦.୩୫ଗ୍ରାମ ବ୍ରାଉନସୁଗାର ଜବତ କରିଛି। ଅଭିଯୁକ୍ତମାନେ ହେଲେ ଜଟଣୀ ଥାନା ପୋଲିସ ହାତରେ ଧରାପଡିଥିବା ସୁଶାନ୍ତ କୁମାର ସାହୁ। ସୁଶାନ୍ତଙ୍କ ଠାରୁ ପୋଲିସ ୧୧.୮୦ ଗ୍ରାମ ବ୍ରାଉନସୁଗାର, ୩୧୦ ଗ୍ରାମ ସୁନା, ୪୫୦ ଗ୍ରାମ ସିଲ୍‌ଭର ଏବଂ ଗୋଟିଏ ମୋବାଇଲ ଫୋନ ଜବତ କରିଛି। ସେହିପରି ତମାଣ୍ଡୋ ଥାନା ପୋଲିସ ହାଜତରେ ଧରାପଡିଥିବା ଉକ୍ତ ଥାନା ଅନ୍ତର୍ଗତ ଭଗବାନପୁରର ଲକ୍ଷ୍ମୀଧର ସେଠୀଙ୍କ ଠାରୁ ୨୦.୫୫ ଗ୍ରାମ ବ୍ରାଉନ୍‌ସୁଗାର ଜବତ କରାଯାଇଛି। ସେହିଭଳି ଶହୀଦନଗର ଥାନା ପୋଲିସ ହାତରେ ଧରାପଡିଥିବା ଶାନ୍ତିପଲ୍ଲୀ ବସ୍ତିର ମୟୂରଭଞ୍ଜ ଜିଲାର ମହମ୍ମଦ ମୁସ୍ତାକଙ୍କଠାରୁ ୧୦ଗ୍ରାମ ବ୍ରାଉନ୍‌ସୁଗାର ଏବଂ ଖଣ୍ଡଗିରି ଥାନା ପୋଲିସ କାବୁ କରିଥିବା ରଘୁନାଥ ନଗର ଅଞ୍ଚଳର ସନ୍ତୋଷ ଓରଫ ବି ନାରାୟଣ ରେଡ୍ଡୀଙ୍କଠାରୁ ୮ଗ୍ରାମର ବ୍ରାଉନ୍‌ସୁଗାର ଜବତ କରାଯାଇଛି। ସମସ୍ତ ଅଭିଯୁକ୍ତଙ୍କୁ ପୃଥକ ପୃଥକ ମାମଲାରେ ରୁଜୁ କରି ପୋଲିସ ଗୁରୁବାର କୋର୍ଟଚାଲାଣ କରିଛି। ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

## ଓଡ଼ିଶାର ଐତିହ୍ୟକୁ ନେଇ ଚଳଚ୍ଚିତ୍ର 'ଲିଙ୍ଗରାଜ ମନ୍ଦିର'

ଭୁବନେଶ୍ୱର,୧୫।୯(ବ୍ୟୁରୋ)

ଲିଙ୍ଗରାଜ ମନ୍ଦିର ଓ ଏହାର କାହାଣୀକୁ ନେଇ ପରଦାକୁ ଆସିବ ଓଡ଼ିଆ ଚଳଚ୍ଚିତ୍ର 'ଲିଙ୍ଗରାଜ ମନ୍ଦିର'। ଦୀର୍ଘଦିନ ପରେ ଓଡ଼ିଶାର ଐତିହ୍ୟକୁ ନେଇ ତିଆରି ହେବାକୁ ଯାଉଥିବା ଏହି ଚଳଚ୍ଚିତ୍ରରେ ଏକ ନିଆରା ପ୍ରେମ କାହାଣୀକୁ ଚିତ୍ରଣ କରାଯାଇଛି। ଲିଙ୍ଗରାଜ ମନ୍ଦିର ନିକଟ ଖୋଳିବା ସମୟରେ ଏକ ପଥର ମୂର୍ତ୍ତି ମିଳୁଛି। ପରବର୍ତ୍ତୀ ସମୟରେ ଏହି ମୂର୍ତ୍ତିର ପ୍ରାଚୀନ ଇତିହାସ ଜଣାପଡିଛି। ମୂର୍ତ୍ତିଟି କାହାର, ମାଟି ତଳେ ତାହାକୁ କିଏ କାହିଁକି ପୋତିଥିଲା ତାହା ସିନେମାରେ ରହିଥିବା ପ୍ରଯୋଜନା ସଂସ୍ଥା ପକ୍ଷରୁ କୁହାଯାଇଛି। ଚଳଚ୍ଚିତ୍ରରେ ପ୍ରେମ, ପ୍ରଣୟ ସହ ନାଟକୀୟ ପୃଷ୍ଠଭୂମି ରହିଛି। ନିର୍ଦ୍ଦେଶନାରେ ଦକ୍ଷିଣ ଭାରତର ନିର୍ଦ୍ଦେଶକ ରବି ରୟାଲ ଥିବାବେଳେ ପ୍ରଯୋଜକ ଏ ସଞ୍ଜୁ ଓ ସହ ପ୍ରଯୋଜକ ଭାବେ ରାଜଶେଖର ରହିଛନ୍ତି। ଓଡ଼ିଆ ସିନେମାରେ ପୁଞ୍ଜି ନିବେଶ କରିବାକୁ ଓଡ଼ିଆ ପ୍ରଯୋଜକ ପଛଘୁଞ୍ଚା ଦେଉଥିବାବେଳେ ଏଥିରେ ଦକ୍ଷିଣ ଭାରତ ଓ ବମ୍ବେରୁ ପ୍ରଯୋଜକ ଏବଂ ନିର୍ଦ୍ଦେଶକ ଯୋଡ଼ିହେବା ନିଶ୍ଚିତ ଓଲିଉଡ୍ ପାଇଁ ଶୁଭଙ୍କର ବୋଲି କୁହାଯାଉଛି।

ଚଳଚ୍ଚିତ୍ରର ରହିଥିବା ୬ଟି ଗୀତରେ ଗୁଡ୍‌ଲୀ ରଥ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ଆସନ୍ତା ଜାନୁୟାରୀରୁ ଭୁବନେଶ୍ୱର, ଗଡ ମଧୁପୁର, କୋରାପୁଟ, ଜୟପୁର, ରାୟଗଡ଼ା ଓ ବମ୍ବେରେ ସିନେମାର ଶୁଟିଂ ହେବ। ଅଭିନୟ ପାଇଁ ଓଲିଉଡ୍ ଅଭିନେତ୍ରୀ ଭୂମିକା ଚୁକ୍ତି କରିଥିବାବେଳେ ଅତିଶୀଘ୍ର ବଲିଉଡ୍ ଏବଂ ଓଲିଉଡ୍ କଳାକାର ଚୟନ କରାଯିବ ବୋଲି କ୍ରିଏଟିଭ୍ ହେଡ୍ ପ୍ରଣୟ ଜେଠୀ ସୂଚନା ଦେଇଛନ୍ତି। ଶୁକ୍ରବାର ଏହି ଚଳଚ୍ଚିତ୍ର ସଙ୍ଗୀତ ରେକର୍ଡିଂ ସମୟରେ ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟଶାଣୀ, ବିଧାୟକ ସୁରେଶ କୁମାର ରାଉତରାୟ, କଣ୍ଠଶିଳ୍ପୀ ସୁସ୍ମିତା ଦାସ, ଅଭିନେତା ରବି ମିଶ୍ର, ସଚ୍ଚିକାନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।



ଚଳଚ୍ଚିତ୍ର ସଙ୍ଗୀତ ରେକର୍ଡିଂ ସମୟରେ ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟଶାଣୀ, କଣ୍ଠଶିଳ୍ପୀ ସୁସ୍ମିତା ଦାସ, ଅଭିନେତା ରବି ମିଶ୍ର, ସଚ୍ଚିକାନ୍ତ ଜେନା ପ୍ରମୁଖ ଉପସ୍ଥିତ ଅଛନ୍ତି।

## 'ସୁସ୍ଥ ସମାଜ ପାଇଁ ପୁଷ୍ଟିକର ଖାଦ୍ୟ ଜରୁରୀ'

**ଏମ୍ସ ପକ୍ଷରୁ ପୋଷଣ ମେଳା**

**ମହିଳା ଆରୋଗ୍ୟ ସମିତି ସଦସ୍ୟଙ୍କ ଦକ୍ଷତା ବୃଦ୍ଧି, ସଚେତନତା ଉପରେ ଗୁରୁତ୍ୱ**

ଭୁବନେଶ୍ୱର,୧୫।୯(ବ୍ୟୁରୋ)

ସୁସ୍ଥ ଜୀବନ, ସୁସ୍ଥ ସମାଜ ପାଇଁ ପୁଷ୍ଟିକର ଖାଦ୍ୟ ଦରକାର। କିନ୍ତୁ ପୁଷ୍ଟିକର ଖାଦ୍ୟ ଗ୍ରହଣ ସମ୍ବନ୍ଧୀୟ ଜ୍ଞାନ ଓ ସୂଚନା ଅଭାବରୁ ଆଜି ସମାଜରେ ଅନେକ ଗମ୍ଭୀର ସମସ୍ୟା ସୃଷ୍ଟି ହେଉଛି। ତେଣୁ ପୁଷ୍ଟିକର ଖାଦ୍ୟ ଗ୍ରହଣକୁ ନେଇ ରହିଥିବା ପାରମ୍ପରିକ ଆଚରଣ ସମ୍ପର୍କରେ ସଚେତନତା ସୃଷ୍ଟି, ମହିଳା ଆରୋଗ୍ୟ ସମିତି (ଏମ୍‌ଏଏସ୍) ସଦସ୍ୟାଙ୍କ ଦକ୍ଷତା ବୃଦ୍ଧି ସହ ଏକ ସୁସ୍ଥ ସମାଜ ଗଠନ ବର୍ତ୍ତମାନ ସମୟର ଏକ ବଡ଼ ଆହ୍ୱାନ ହୋଇଛି। ଏମ୍ସ ଭୁବନେଶ୍ୱରର କମ୍ୟୁନିଟି ମେଡିସିନ ଓ ଫ୍ୟାମିଲି ମେଡିସିନ ବିଭାଗ ପକ୍ଷରୁ ଗୁରୁବାର ନୟାପଲ୍ଲୀ ଅର୍ବାନ୍ ହେଲ୍‌ଥ ତାଲିମ କେନ୍ଦ୍ରରେ ଆୟୋଜିତ ପୋଷଣ ମେଳାକୁ ଉଦ୍‌ଘାଟନ କରି ଏମ୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର ଡ. ଆଶୁତୋଷ ବିଶ୍ୱାସ ଏହା କହିଛନ୍ତି। ୟୁନିସେଫ୍ ସହଯୋଗରେ ଏମ୍ସ ଭୁବନେଶ୍ୱର ପକ୍ଷରୁ ଅନୁଷ୍ଠିତ ଏହି ମେଳାରେ ୧୦ ମହିଳା ଆରୋଗ୍ୟ ସମିତିର ପ୍ରାୟ ୧୫୦ରୁ ଅଧିକ ସଦସ୍ୟା ଅଂଶଗ୍ରହଣ କରିଥିଲେ। ସେମାନେ ବିଭିନ୍ନ ପ୍ରକାର ପୁଷ୍ଟିକର ଖାଦ୍ୟ ତିଆରି କରି ପ୍ରଦର୍ଶନ କରିବା ସହ ଶିଶୁ ଏବଂ ଶିଶୁଙ୍କ ଖାଇବା ଅଭ୍ୟାସ, ଅତିରିକ୍ତ ଖାଦ୍ୟାଭ୍ୟାସ, ସ୍ତନ୍ୟପାନ, ହାତ ଧୋଇବା, କୃମିନାଶ, ନବଜାତ ଶିଶୁର ଅଭିବୃଦ୍ଧି ପର୍ଯ୍ୟବେକ୍ଷଣ, ପ୍ରସବ ପୂର୍ବ ଓ ପରବର୍ତ୍ତୀ ଅବସ୍ଥାର ଉପଯୁକ୍ତ ଯାଞ୍ଚ, ମଧୁମେହ ପ୍ରକାର-୨, ଉଚ୍ଚ ରକ୍ତଚାପ ଆଦି ସହିତ ଜଡିତ ବିଭିନ୍ନ ବିଷୟ ଉପରେ ଲୋକନୃତ୍ୟ/ନାଟକ/ସଙ୍ଗୀତ ମାଧ୍ୟମରେ ସଚେତନତା ସୃଷ୍ଟି କରିଥିଲେ। ଏମ୍ସ ବିବିନଗର(ତେଲଙ୍ଗାନା) କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର ଡ. ବିକାଶ ଭାଟିଆ, ରାଜ୍ୟ ପରିବାର କଲ୍ୟାଣ ନିର୍ଦ୍ଦେଶକ ଡ. ବିଜୟ କୁମାର ପାଣିଗ୍ରାହୀ, ଏମ୍ସ ଭୁବନେଶ୍ୱର କମ୍ୟୁନିଟି ମେଡିସିନ୍ସ ଓ ଫ୍ୟାମିଲି ମେଡିସିନ୍ସ ବିଭାଗୀୟ ମୁଖ୍ୟ ଡ. ସୋନୁ ଏଚ୍ ସୁବା, ଡ. ସ୍ୱୟମ୍ ପ୍ରଜ୍ଞା ପରିଡ଼ା, ଡ. ବିନୋଦ କୁମାର ବେହେରା, ଡ. ପ୍ରଜ୍ଞା ପାରମିତା ଗିରି ପ୍ରମୁକ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଶ୍ରେଷ୍ଠ ପ୍ରଦର୍ଶନକାରୀ ଦଳକୁ ଟ୍ରଫି ଓ ସମସ୍ତ ଅଂଶଗ୍ରହଣକାରୀଙ୍କୁ ମାନପତ୍ର ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ଏମ୍ସ ପରିସରରେ ଡାକ୍ତରୀ ଓ ନର୍ସିଂ ଛାତ୍ରୀଛାତ୍ରଙ୍କ ସମେତ ଇର୍ଣ୍ଟର୍ନଙ୍କ ପାଇଁ ପୋଷଣ ସମ୍ପର୍କରେ ଏକ ନିରନ୍ତର ଡାକ୍ତରୀ ଶିକ୍ଷା (ସିଏମ୍‌ଇ)ର ଆୟୋଜନ କରାଯାଇଥିଲା।




ଉଦ୍‌ଘାଟନ ପରେ ଅତିଥିମାନେ ମହିଳା ଆରୋଗ୍ୟ ସମିତିର ଏକ ଷ୍ଟଲ୍ ବୁଲି ଦେଖୁଛନ୍ତି।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମ ମହୋତ୍ସବ, ସତ୍‌ସଙ୍ଗ ବିହାର, ସକାଳ ୫ଟା।
- ଆଜାଦୀ କା ଅମୃତ ମହୋତ୍ସବ ନେଇ ବାୟୁସେନାର ଏୟାର ଶୋ, କୁଆଖାଇ ବାଲିଯାତ୍ରା ପଡ଼ିଆ, ପୂର୍ବାହ୍ନ ୯ଟା ୩୦।
- ବୟନିକା ପକ୍ଷରୁ ୧୯ତମ ଜାତୀୟସ୍ତରୀୟ ହସ୍ତତନ୍ତ ମେଳା-୨୦୨୨, ଏକାମ୍ର ହାଟ ଓ ପ୍ରଦର୍ଶନୀ ପଡ଼ିଆ, ପୂର୍ବାହ୍ନ ୧୧ଟା ୩୦।
- ଚୁମ୍‌କି ସେ ତ ପାଣିରେ ବୁଡ଼ିବ ନାହିଁକି ପ୍ରିମିୟର ଶୋ, ସ୍ତୁତି କମ୍ପ୍ଲେକ୍ସ ସିନେମା ହଲ୍, ପୂର୍ବାହ୍ନ ୧୧ଟା ୩୦।
- କଳା ସୌରଭ ପକ୍ଷରୁ କବିଚନ୍ଦ୍ରଙ୍କ ସ୍ମୃତିରେ ରାଗରଙ୍ଗ କାର୍ଯ୍ୟକ୍ରମ, ସୂଚନା ଭବନ, ସନ୍ଧ୍ୟା ୬ଟା।
- ପ୍ରଫେସର ବିଜୟିନୀ ମହାନ୍ତିଙ୍କ ୯ମ ବିଜୟିନୀ ସ୍ମୃତି ସଭା, ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର, ଜାଭିୟର୍ସ ଛକ, ସନ୍ଧ୍ୟା ୬ଟା।
- ଚିତ୍ରଶିଳ୍ପୀ ଚନ୍ଦ୍ରଶେଖର ରାଓଙ୍କ ୮୩ତମ ଜନ୍ମ ବାର୍ଷିକୀ ଉପଲକ୍ଷେ ଉତ୍ସ ଫାଉଣ୍ଡେଶନ ପକ୍ଷରୁ ଦ୍ୱିତୀୟ ଚନ୍ଦ୍ରଶେଖର ରାଓ ସ୍ମାରକୀ ବକ୍ତୃତା, ଗୀତଗୋବିନ୍ଦ ସଦନ, ସନ୍ଧ୍ୟା ୬ଟା ୩୦।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ନାଟକ ଉତ୍ସବ ରଙ୍ଗ ସଙ୍ଗମ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୭ଟା।

**ପୁରୀ**

- ତାଳମଞ୍ଜି ରୋପଣ ଆରମ୍ଭ, ଇନ୍‌ଡୋର ଷ୍ଟାଡିୟମ୍ ସମ୍ମୁଖ, ସକାଳ ୮ଟା ୩୦।
- ବସ୍‌ଯାତ୍ରୀ ସଚେତନତା ଶୋଭାଯାତ୍ରା, ଜିଲାପାଳଙ୍କ କାର୍ଯ୍ୟାଳୟ, ପୂର୍ବାହ୍ନ ୧୦ଟା।
- ଆୟୁର୍ବେଦିକ କଲେଜ ପିଜି ସ୍କଲାରଙ୍କ ବାର୍ଷିକ ଉତ୍ସବ, ଗୋପବନ୍ଧୁ ଆୟୁର୍ବେଦିକ କଲେଜ, ଅପରାହ୍ନ ୫ଟା।
- କିନ୍ନର ବ୍ଲାକ କୁଇନଙ୍କ ଜଳସା ପୂଜା ଉତ୍ସବ ଆଙ୍ଗନ, ବଡ଼ଶଙ୍ଖ, ସନ୍ଧ୍ୟା ୭ଟା।

**ତିଗିରିଆ**

- ବ୍ଲକସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ନୂଆପାଟଣା ଅର୍ଜୁନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟ ପରିସର, ପୂର୍ବାହ୍ନ ୯ଟା।

## ରାଜ୍ୟ ଚାରୁକଳା ପୁରସ୍କାର: ରୋନିବାଳା ମହାପାତ୍ରଙ୍କ ମନୋନୟନ ସ୍ଥଗିତ

ଭୁବନେଶ୍ୱର,୧୫।୯(ବ୍ୟୁରୋ) - ଓଡ଼ିଶା ଲଳିତ କଳା ଏକାଡେମୀ ପକ୍ଷରୁ ୨୦୨୨ ମସିହା ପାଇଁ 'ରାଜ୍ୟ ଚାରୁକଳା ପୁରସ୍କାର' ବୁଧବାର ଘୋଷଣା କରାଯାଇଥିଲା। କିନ୍ତୁ ଦିନକ ପରେ ଅର୍ଥାତ୍ ଗୁରୁବାର ଏକାଡେମୀ ପକ୍ଷରୁ ପରିବର୍ତ୍ତିତ ବିଜ୍ଞପ୍ତି ପ୍ରକାଶ ପାଇଛି। ପାରମ୍ପରିକ ଚିତ୍ରକଳା ପାଇଁ ମନୋନୀତ ହୋଇଥିବା ରୋନିବାଳା ମହାପାତ୍ରଙ୍କ ନାମ ଅନିବାର୍ଯ୍ୟ କାରଣ ଦର୍ଶାଇ ସ୍ଥଗିତ କରାଯାଇଥିବା ସେଥିରେ ଉଲ୍ଲେଖ କରାଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ରଞ୍ଜନ କୁମାର ଦାସଙ୍କ ଦ୍ୱାରା ଏକାଡେମୀ ସଭାପତି ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ, ଉପ-ସଭାପତି ଶ୍ରୀନିବାସ ପଡିଆରୀ, କାର୍ଯ୍ୟକାରୀ କମିଟି ସଦସ୍ୟ ମହେନ୍ଦ୍ର ପ୍ରସାଦ ମହାପାତ୍ର, ଗଜେନ୍ଦ୍ର ପ୍ରସାଦ ସାହୁ, ଅକ୍ଷୟ କୁମାର ସାମଲ ଓ ଶ୍ୟାମ ସୁନ୍ଦର ମେହେରଙ୍କ ଉପସ୍ଥିତିରେ ଏହି ପୁରସ୍କାର ଘୋଷଣା କରାଯାଇଥିଲା। କେଉଁ କାରଣ ପାଇଁ ଏଭଳି ହଠାତ୍ ଜଣଙ୍କ ନାମ ସ୍ଥଗିତ ରଖାଗଲା, ସେ ନେଇ ବିଜ୍ଞପ୍ତିରେ କୌଣସି ସୂଚନା ଦିଆଯାଇନାହିଁ। ତେବେ ଓଡ଼ିଶା ଲଳିତ କଳା ଏକାଡେମୀ ଭଳି ଏକ ପ୍ରତିଷ୍ଠିତ ସରକାରୀ ଅନୁଷ୍ଠାନ ଏଭଳି ଖାମଖିଆଲ ଭାବେ ସମ୍ମାନ ଘୋଷଣା କରି ସ୍ଥଗିତ ରଖିବା ପ୍ରତିଭାଙ୍କ ପାଇଁ ଘୋର୍ ଅସମ୍ମାନ ବୋଲି କୁହାଯାଉଛି। ଏ ନେଇ ଏକାଡେମୀ ସଚିବ ପଞ୍ଚାନନ ସାମଲ କହିଛନ୍ତି, କିଛି କାରଣ ପାଇଁ ତାଙ୍କ ନାମ ସ୍ଥଗିତ ରଖାଯାଇଛି। ପରବର୍ତ୍ତୀ କାର୍ଯ୍ୟକାରୀ ସମିତି ବୈଠକରେ ଏ ନେଇ ଆଲୋଚନା କରାଯାଇ ପୁନଃ ନିଷ୍ପତ୍ତି ଜଣାଯିବ।

# ସମ୍ପୂର୍ଣ୍ଣ ଉଚ୍ଛେଦ ହେବ ବେଆଇନ ଚିଙ୍ଗୁଡ଼ିଘେରି

### ଚିଲିକା ଓ ଭିତରକନିକା ଆର୍ଦ୍ରଭୂମି ସୁରକ୍ଷା ମାମଲା

- ଚିଙ୍ଗୁଡ଼ି ଚାଷ ପାଇଁ ସରକାର ଯୋଗାଇବେ ଜାଗା
- ଦୟାନଦୀର ପ୍ରଦୂଷିତ ପାଣି ଟ୍ରିଟ୍‌ମେଣ୍ଟ ପାଇଁ ନିର୍ଦ୍ଦେଶ



କଟକ ଅଫିସ,୧୫।୯

ବେଆଇନ ଚିଙ୍ଗୁଡ଼ିଘେରିକୁ ସମ୍ପୂର୍ଣ୍ଣ ଭାବେ ଉଚ୍ଛେଦ କରିବା ସହ ଚିଙ୍ଗୁଡ଼ି ଚାଷ ପାଇଁ ସରକାର ଲିଜ୍‌ରେ ଜାଗା ଯୋଗାଇଦେବାକୁ ହାଇକୋର୍ଟ ଗୁରୁବାର ନିର୍ଦ୍ଦେଶ ଦେଇଛନ୍ତି। ଚିଲିକା ଓ ଭିତରକନିକା ଆର୍ଦ୍ରଭୂମି ସୁରକ୍ଷା ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତିଙ୍କ ଖଣ୍ଡପୀଠ ଚିଲିକାରେ ଦୟାନଦୀର ପ୍ରଦୂଷିତ ଜଳ ମିଶୁଥିବା ପ୍ରସଙ୍ଗକୁ ମଧ୍ୟ ଗୁରୁତର ସହ ନେଇ ଏ ଦିଗରେ ନିରାକରଣ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଅକ୍ଟୋବର ୨୬ ତାରିଖକୁ ଧାର୍ଯ୍ୟ ହୋଇଛି।

ପ୍ରକାଶ ଯେ, ହାଇକୋର୍ଟ ଆର୍ଦ୍ରଭୂମି ସୁରକ୍ଷାକୁ ଅତ୍ୟନ୍ତ ଗମ୍ଭୀରତାର ସହ ନେଇ ପରିବେଶ ସୁରକ୍ଷା ସହ ଲୋକଙ୍କ ଜୀବିକା ପ୍ରତି ଦୃଷ୍ଟି ଦେବାକୁ ବିଚାର କରିଛନ୍ତି। ଗୁରୁବାର ଶୁଣାଣି ବେଳେ ହାଇକୋର୍ଟ ରାଜସ୍ୱ ବିଭାଗ ଓ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇ ଚିଙ୍ଗୁଡ଼ି ଚାଷ ନିମନ୍ତେ ଲୋକଙ୍କୁ ଲିଜ୍‌ରେ ଜାଗା ଯୋଗାଇବାକୁ କହିଛନ୍ତି। ଯେପରି ପରିବେଶ ନଷ୍ଟ ହେବ ନାହିଁ ସେଥିପ୍ରତି ଧ୍ୟାନ ଦେଇ ଏକ ଯୋଜନା ପ୍ରସ୍ତୁତ କରିବେ। ଏଥିସହ ଭୁବନେଶ୍ୱରର ନର୍ଦ୍ଦମା ପାଣି ଗଙ୍ଗୁଆ ନାଳ ଦେଇ ଦୟାନଦୀରେ ମିଶିବା ଓ ଦୟାନଦୀର ଜଳ ଚିଲିକାରେ ମିଶୁଥିବାରୁ ଚିଲିକା ପ୍ରଦୂଷିତ ହେଉଥିବା ନେଇ ଅଦାଲତଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହାର ଶୁଣାଣି କରି ଦୟାନଦୀର ଜଳକୁ ଟ୍ରିଟମେଣ୍ଟ କରାଇବା ଦିଗରେ ରାଜ୍ୟ ସରକାର, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ଭୁବନେଶ୍ୱର ମହାନଗର ନିଗମ ଏକ ଯୋଜନା ପ୍ରସ୍ତୁତ କରି ହାଇକୋର୍ଟଙ୍କୁ ଜଣାଇବେ ବୋଲି ନିର୍ଦ୍ଦେଶ ଦିଆଯାଇଛି। ଆମିକସ୍‌କ୍ୟୁରୀ ମୋହିତ ଅଗ୍ରୱାଲ ମାମଲା ପରିଚାଳନା କରିଥିଲେ।

ସୂଚନାଯୋଗ୍ୟ ଯେ, ଦେଶରେ ଥିବା ଆର୍ଦ୍ରଭୂମିଗୁଡ଼ିକର ସୁରକ୍ଷା ନେଇ ଆଗତ ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ୧୫ଟି ରାଜ୍ୟର ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ ଏ ସମ୍ପର୍କିତ ମାମଲା ରୁଜୁ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି କ୍ରମରେ ହାଇକୋର୍ଟ ନିଜ ଆଡୁ ମାମଲା ରୁଜୁ କରି ନିୟମିତ ଚିଙ୍ଗୁଡ଼ି ଘେରି ଉଚ୍ଛେଦ ପାଇଁ ଜିଲା ପ୍ରଶାସନଗୁଡ଼ିକୁ ନିର୍ଦ୍ଦେଶ ଦେଉଛନ୍ତି। ପୁରୀ ଜିଲାର କୃଷ୍ଣପ୍ରସାଦ ଅଞ୍ଚଳରେ ତହସିଲଦାର ଓ ଆରଆଇଙ୍କ ପ୍ରୋତ୍ସାହନରେ ଚିଙ୍ଗୁଡ଼ି ଘେରି ହେଉଥିବା ଆମିକସ୍‌କ୍ୟୁରୀ ଅଦାଲତଙ୍କୁ ଅବଗତ କରିଥିଲେ। କୃଷ୍ଣପ୍ରସାଦ ତହସିଲ୍‌ଦାର ଓ ବଜ୍ରକୋଟ ଆର୍‌ଆଇଙ୍କ ବିରୋଧରେ ଆସିଥିବା ଅଭିଯୋଗର ତଦନ୍ତ କରି ପୁରୀ ଜିଲାପାଳ କୃଷ୍ଣପ୍ରସାଦ ତହସିଲ ଅଧୀନରେ କାର୍ଯ୍ୟରତ ରାଜସ୍ୱ ନିରୀକ୍ଷକ (ଆରଆଇ) ଓ ସହକାରୀ ରାଜସ୍ୱ ନିରୀକ୍ଷକ (ଏଆର୍‌ଆଇ)ଙ୍କ ଉପରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ହାଇକୋର୍ଟଙ୍କୁ ସତ୍ୟପାଠ ମାଧ୍ୟମରେ ଅବଗତ କରାଇଥିଲେ।



ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଭୁବନେଶ୍ୱର ଭଞ୍ଜକଳା ମଣ୍ଡପର ଚାଲିଥିବା ରାଜ୍ୟସ୍ତରୀୟ ନାଟକ ଉତ୍ସବ 'ରଙ୍ଗ ସଙ୍ଗମ'ରେ ଗୁରୁବାର ପରିବେଷିତ ନାଟକ 'ହାରିଗଲା ହରିପଦ'ର ଏକ ଦୃଶ୍ୟ।

## ଏଥର ଫିଲ୍ମ ଫ୍ରାଇଡେ'ରେ ଓଡ଼ିଆ ଚଳଚ୍ଚିତ୍ର 'ଚୁମ୍‌କି'



ଭୁବନେଶ୍ୱର, ୧୫।୯(ବ୍ୟୁରୋ)

ଏଥର ଫିଲ୍ମ ଫ୍ରାଇଡେ'ରେ ମୁକ୍ତିଲାଭ କରୁଛି ଓଡ଼ିଆ ଚଳଚ୍ଚିତ୍ର 'ଚୁମ୍‌କି'। ଭୁବନେଶ୍ୱରରୁ କୋରାପୁଟ ଯିବା ସମୟରେ କିଭଳି ହିରୋ ଓ ହିରୋଇନ୍‌ଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଛି ତାହାକୁ ନେଇ କାହାଣୀଟି ଗତିଶୀଳ ହୋଇଛି। ପ୍ରେମ ପରେ ସେମାନେ ବିବାହ କରିବାକୁ ନିଷ୍ପତ୍ତି ନେଇଛନ୍ତି। ହେଲେ ସ୍ୱପ୍ନ ଓ ନିଷ୍ପତ୍ତିକୁ ବାସ୍ତବ ରୂପ ଦେବାକୁ ସେମାନଙ୍କୁ କିଭଳି ବିଭିନ୍ନ ସମସ୍ୟା ସମ୍ମୁଖୀନ କରିବାକୁ ପଡିଛି ଓ ସେମାନଙ୍କ ଭାଗ୍ୟରେ କ'ଣ ରହିଛି ତାହାକୁ ଦେଖିବାକୁ ପାଇବେ ଦର୍ଶକ। ମୁଖ୍ୟ ଭୂମିକାରେ ଅଭିନେତା ଶ୍ରେୟାନ ଦାସ, ଅଭିନେତ୍ରୀ ଉପାସନା ଭଦ୍ର ମହାନ୍ତି, ପ୍ରଦ୍ୟୁମ୍ନ ଲେଙ୍କା, ଜ୍ୟୋତି ମିଶ୍ର, ପ୍ରଜ୍ଞା ଖଟୁଆ, ପୁଷ୍ପା ପଣ୍ଡା ପ୍ରମୁଖ ନଜର ଆସିବେ। ଗିରିଶ ମହାନ୍ତି ଏହାର ନିର୍ଦ୍ଦେଶନା ଦେଇଛନ୍ତି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଜ୍ୟୋତି



@ ପ୍ରିୟଙ୍କା



@ ସୁନୟନା



@ ଅମିତ୍



@ କମଲ

# ପ୍ରଥମ ପର୍ଯ୍ୟାୟ ପିଜି ମେଧା ତାଲିକା

### ୧୧,୯୮୪ ଜଣ ଛାତ୍ରୀଛାତ୍ରଙ୍କୁ ସିଟ୍ ଆବଣ୍ଟନ

- ୨୩ରେ ଦ୍ୱିତୀୟ ପର୍ଯ୍ୟାୟ ମେଧା ତାଲିକା
- ସିଟ୍ ବଳକା ରହିଲେ ଅକ୍ଟୋବର ୧୫ରୁ ସ୍ପଟ୍ ନାମଲେଖା

ଭୁବନେଶ୍ୱର,୧୫।୯(ବ୍ୟୁରୋ)

ରାଜ୍ୟରେ ଥିବା ସରକାରୀ ବିଶ୍ୱବିଦ୍ୟାଳୟ ଏବଂ ଡିଗ୍ରୀ କଲେଜରେ ସ୍ନାତକୋତ୍ତର (ପିଜି) ପାଠ୍ୟକ୍ରମରେ ନାମ ଲେଖାଇବା ଲାଗି ପ୍ରଥମ ପର୍ଯ୍ୟାୟ ମେଧା ତାଲିକା ଗୁରୁବାର ପ୍ରକାଶ ପାଇଛି। ୨୦୨୨-୨୩ ଶିକ୍ଷା ବର୍ଷ ଲାଗି ଏକକ ପିଜି ପ୍ରବେଶିକା ପରୀକ୍ଷା (ସିପିଇଟି) ଦେଇଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୧୧ ହଜାର ୯୮୪ଜଣଙ୍କୁ ସିଟ୍ ପ୍ରଦାନ କରାଯାଇଥିବା ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଜଣାପଡ଼ିଛି। ସୂଚନା ଅନୁଯାୟୀ, ଚଳିତବର୍ଷ ମୋଟ ୫୬ ହଜାର ୮୦ ଜଣ ଛାତ୍ରୀଛାତ୍ର ପିଜିରେ ନାମଲେଖା ଲାଗି ଆବେଦନ କରିଥିବାବେଳେ ସେମାନଙ୍କ ମଧ୍ୟରୁ ୪୨ ହଜାର ୧୬ ଜଣଙ୍କୁ ତାଲିକାଭୁକ୍ତ କରାଯାଇଥିଲା। ତେବେ ପ୍ରଥମ ପର୍ଯ୍ୟାୟରେ ୭୩ଟି ଉଚ୍ଚଶିକ୍ଷାନୁଷ୍ଠାନରେ ଥିବା ୧୫ ହଜାର ୭୦୯ ପିଜି ସିଟ୍‌ରେ ନାମ ଲେଖାଇବା ଲାଗି ୧୧ ହଜାର ୯୮୪ ଜଣଙ୍କୁ ଚୟନ କରାଯାଇଛି। ସେହିପରି ୩୦ ହଜାର ୩୨ ଜଣ ପିଲାଙ୍କୁ ସିଟ୍ ମିଳିନାହିଁ। ମନୋନୀତ ପିଲାଙ୍କ ମଧ୍ୟରୁ ୪ହଜାର ୬୪୫ ଜଣ ଛାତ୍ର ଏବଂ ୭୩୩୯ଜଣ ଛାତ୍ରୀ ରହିଛନ୍ତି। ଏମାନେ ୧୬ ଏବଂ ୧୭ ତାରିଖରେ ସମ୍ପୃକ୍ତ ଶିକ୍ଷାନୁଷ୍ଠାନରେ ରିପୋର୍ଟିଂ କରିବା ସହ ନାମ ଲେଖାଇବେ। ୧୯ ତାରିଖରେ ପ୍ରଥମ ପର୍ଯ୍ୟାୟରେ ନାମ ଲେଖାଇଥିବା ପିଲାମାନେ ସ୍ଲାଇଡ୍ ଅପ୍ କରିପାରିବେ। ୨୩ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ସିଟ ଆବଣ୍ଟନ ତାଲିକା ପ୍ରକାଶ ପାଇବ। ୨୪ ଓ ୨୫ ତାରିଖ ଅପରାହ୍ନ ୫ଟା ପର୍ଯ୍ୟନ୍ତ ପିଲାମାନେ ନାମଲେଖାଇ ପାରିବେ। ୨୬ ତାରିଖ ସନ୍ଧ୍ୟା ୬ଟା ସୁଦ୍ଧା ଦ୍ୱିତୀୟ ପର୍ଯ୍ୟାର ନାମଲେଖା ଡାଟା ଅପ୍‌ଡେଟ୍ କରାଯିବ। ଦ୍ୱିତୀୟ ପର୍ଯ୍ୟାୟ ପରେ ଯଦି ସିଟ୍ ବଳକା ରହିଲା ତେବେ ୨୯ ତାରିଖ ଦିନ ସାମ୍ସ ୱେବ୍‌ସାଇଟରେ ଏହାର ତଥ୍ୟ ପ୍ରକାଶ ପାଇବ। ଅକ୍ଟୋବର ୧୦ରେ ସ୍ପଟ୍ ମେଧା ତାଲିକା ପ୍ରକାଶ କରାଯିବ। ଏହି ରାଉଣ୍ଡରେ ଯେଉଁମାନେ ଚୟନ ହୋଇଥିବେ ସେମାନେ ଅକ୍ଟୋବର ୧୧ ଓ ୧୨ ତାରିଖରେ ସଂପୃକ୍ତ ଶିକ୍ଷାନୁଷ୍ଠାନରେ ରିପୋର୍ଟିଂ କରିବେ। ୧୪ ତାରିଖ ଦିନ ଚୂଡ଼ାନ୍ତ ସ୍ପଟ୍ ମେଧା ତାଲିକା ପ୍ରକାଶ ପାଇବ। ମନୋନୀତ ଛାତ୍ରୀଛାତ୍ର ୧୫ରୁ ୧୭ ତାରିଖ ମଧ୍ୟରେ ନାମ ଲେଖାଇବେ।

# କାଜୁ ଜଙ୍ଗଲରୁ ମଣିଷ କଙ୍କାଳ, ଖପୁରି ଜବତ

ବାଙ୍କୀ,୧୫।୯(ସ୍ୱ.ପ୍ର.)

ବାଙ୍କୀ ଥାନା ତାଳବସ୍ତ ଫାଣ୍ଡି ଅଧୀନ ଡମପଡ଼ା ବ୍ଲକ କୁଶୁପଙ୍ଗି ପଞ୍ଚାୟତର କାଉଚି ଆଶ୍ରମ ନିକଟ କାଜୁ ଜଙ୍ଗଲରୁ ଗୁରୁବାର ମଣିଷ ହାଡ଼ କଙ୍କାଳ ଓ ଖପୁରି ମିଳିଛି। ଜଣେ ବ୍ୟକ୍ତି କାଠ କାଟିବାକୁ ଜଙ୍ଗଲକୁ ଯାଇଥିବାବେଳେ ଏକ ଜିନ୍ସ ପ୍ୟାଣ୍ଟ ଭିତରେ କିଛି କଙ୍କାଳ ଓ ନିକଟରେ ଖପୁରି ପଡ଼ିଥିବା ଦେଖି ସ୍ଥାନୀୟ ଲୋକଙ୍କୁ ଖବର ଦେଇଥିଲେ। ସ୍ଥାନୀୟ ଲୋକେ ଏସମ୍ପର୍କରେ ତାଳବସ୍ତ ଫାଣ୍ଡିରେ ଜଣାଇଥିଲେ। ଖବରପାଇ ଫାଣ୍ଡି ଅଧିକାରୀ ଅମର ଦାସ ଏବଂ ବାଙ୍କୀ ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ ଘଟଣାସ୍ଥଳରେ ପହଞ୍ଚି ତନାଘନା କରିବା ସହ ପ୍ରାଥମିକ ତଦନ୍ତ କରିଛନ୍ତି। ପୋଲିସ ସେସବୁ ହାଡ଼ କଙ୍କାଳ ସହ ଜିନ୍ସ ପ୍ୟାଣ୍ଟ ଏବଂ ପାଖ ଗଛରୁ ଗୋଟିଏ ଗାମୁଛା ଜବତ କରିଛି। ଏ ସମ୍ପର୍କରେ ବାଙ୍କୀ ଥାନା ଅଧିକାରୀ ତ୍ରିପାଠୀ କହିଛନ୍ତି, ଜବତ କଙ୍କାଳ ପ୍ରାୟ ୪ ରୁ ୫ ମାସର ହେବ ବୋଲି ଅନୁମାନ କରାଯାଉଛି। ମୃତକ ଯୁବକ ବୋଲି ସନ୍ଦେହ କରାଯାଉଛି। ତେବେ ମୃତ୍ୟୁର କାରଣ ସ୍ପଷ୍ଟ ହୋଇନାହିଁ। ତଦନ୍ତ ପରେ ଏହା ହତ୍ୟା କି ଆତ୍ମହତ୍ୟା ତାହା ଜଣାପଡ଼ିବ। ଏସବୁ ହାଡ଼ କଙ୍କାଳ ଓ ସାମଗ୍ରୀକୁ ଫୋରେନ୍ସିକ ଲ୍ୟାବକୁ ପରୀକ୍ଷା ପାଇଁ ପଠାଯାଇଛି। ରିପୋର୍ଟ ଆସିବା ପରେ ତଦନ୍ତ କାର୍ଯ୍ୟ ଆଗେଇବ ବୋଲି ତ୍ରିପାଠୀ କହିଛନ୍ତି।



### ପୋଲିସର ତନାଘନା ଆରମ୍ଭ



ଶାରଦୀୟ ଦୁର୍ଗାପୂଜା ପାଇଁ ପୁରୀ ମଣିକର୍ଣ୍ଣିକା ସାହିରେ ମା' ବନଦୁର୍ଗାଙ୍କ ମୂର୍ତ୍ତି ନିର୍ମାଣରେ ନିମଗ୍ନ କାରିଗର।




ଭୁବନେଶ୍ୱର ସୂଚନା ଭବନରେ ଗୁରୁବାର ଇଞ୍ଜିନିୟର୍ସ ଡେ' ପାଳନ ଅବସରରେ ଗ୍ରାମ୍ୟ ଉନ୍ନୟନ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ ଓ ଅନ୍ୟ ଅତିଥିମାନେ।



ସ୍ୱତନ୍ତ୍ର ତାଲିମପ୍ରାପ୍ତ ପ୍ରଧାନଶିକ୍ଷକ ନିଯୁକ୍ତି ଦାବିରେ ଭୁବନେଶ୍ୱର ୟୁନିଟ୍-୯ସ୍ଥିତ ଭୀମଭୋଇ ଦୃଷ୍ଟିହୀନ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଗୁରୁବାର ଦ୍ୱିତୀୟ ଦିନରେ ଧାରଣାରେ ବସିଛନ୍ତି।

## ସଂକ୍ଷେପରେ

### ନୂତନ ରାଜସ୍ୱ ଅତିରିକ୍ତ ଜିଲାପାଳଙ୍କ ଦାୟିତ୍ୱ ଗ୍ରହଣ

**ଖୋର୍ଦ୍ଧା ଅଫିସ,୧୫।୯:** ଖୋର୍ଦ୍ଧାରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଭାବେ ସାଫଲ୍ୟ ମଣ୍ଡିତ ପ୍ରଧାନ ଦାୟିତ୍ୱ ଗ୍ରହଣ କରିଛନ୍ତି। ପ୍ରଧାନ ପୂର୍ବରୁ ଢେଙ୍କାନାଳ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଭାବେ ସଫଳତାର ସହ କାର୍ଯ୍ୟ କରିଛନ୍ତି। ସେ ବଦଳି ହୋଇ ଏଠାରେ ଅତିରିକ୍ତ ଜିଲାପାଳ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ପୂର୍ବରୁ ଏଠାରେ ଅବସ୍ଥାପିତ ଅତିରିକ୍ତ ଜିଲାପାଳ ଅନୁଜ ଦାସ ପଟ୍ଟନାୟକଙ୍କ ଅନ୍ୟତ୍ର ବଦଳି ପର ଠାରୁ ଏହି ପଦବୀ ଖାଲି ପଡିଥିଲା। ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନାର ସଫଳ ରୂପାୟନ ଏବଂ ଲୋକଙ୍କ ଅଭିଯୋଗର ତ୍ୱରିତ ସମାଧାନ ଲାଗି ଗୁରୁତ୍ୱ ରହିବ ବୋଲି ପ୍ରଧାନ କହିଛନ୍ତି।


ସାଫଲ୍ୟ ମଣ୍ଡିତ ପ୍ରଧାନ

### ବିପନ୍ନଙ୍କୁ ପଲିଥିନ ବଣ୍ଟନ

**ନିରାକାରପୁର,୧୫।୯(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତ କାଶୀପୁର ଗ୍ରାମରେ ଗତ ଲଘୁଚାପଜନିତ ବର୍ଷା ଯୋଗୁ କେତେଜଣଙ୍କ ଘର ଭାଙ୍ଗି ଯାଇଥିଲା। ସେମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଗୁରୁବାର ସ୍ଥାନୀୟ ପ୍ରଶାସନ ପକ୍ଷରୁ ଏହି ଗ୍ରାମର ଦୁଇ ବିପନ୍ନ ପରିବାରଙ୍କୁ ପଲିଥିନ ପ୍ରଦାନ କରାଯାଇଛି। ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ରମାକାନ୍ତ ନାୟକ, ଟାଙ୍ଗୀ ବ୍ଲକ ଉପାଧ୍ୟକ୍ଷ ଦୁର୍ଗାନାଥ ଶର୍ମା ପ୍ରମୁଖ ଉପସ୍ଥିତ ରହି ପଲିଥିନ ପ୍ରଦାନ କରିଥିଲେ।

### ଚକ୍ଷୁ ପରୀକ୍ଷା ଶିବିର

**ବେଗୁନିଆ,୧୫।୯(ଡି.ଏନ୍.ଏ):** ବେଗୁନିଆ ବ୍ଲକ କଣ୍ଟାବାଡ଼ ପଞ୍ଚାୟତ ଅନ୍ତର୍ଗତ ମଲିପଦର ଗ୍ରାମସ୍ଥିତ ନୂଆ ପାରିଜାତ କ୍ଲବ ପରିସରରେ ରାଷ୍ଟ୍ରଶକ୍ତି ମିଶନ ଓ ଆମ ଗାଁ ମହୋତ୍ସବ କମିଟି ପକ୍ଷରୁ ବୁଧବାର ମୋତିଆବିନ୍ଦୁ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ବିଜେଡି ଦଳର ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଭୁବନେଶ୍ୱର ସେଣ୍ଟର ଫର୍ ଆଇ ହସ୍ପିଟାଲ ପକ୍ଷରୁ ରୋଗୀଙ୍କର ଚକ୍ଷୁ ପରୀକ୍ଷା କରିବା ସହ ରୋଗମୁକ୍ତ ପାଇଁ ପରାମର୍ଶ ଦେଇଥିଲେ। ଶିବିରରେ ୫୫ଜଣ ରୋଗୀ ପଞ୍ଜୀକରଣ କରିଥିଲେ। ସେଥିମଧ୍ୟରୁ ୧୮ଜଣଙ୍କଠାରେ ମୋତିଆବିନ୍ଦୁ ଥିବାର ଚିହ୍ନଟ କରାଯାଇ ମାଗଣା ଅସ୍ତ୍ରୋପଚାର କରାଯିବା ସହ ଔଷଧ ବଣ୍ଟନ କରାଯିବ। ସାଇଟ ଫର ସାଇନ୍ ଆଇ ହସ୍ପିଟାଲର ସୁଧାଂଶୁ ଶେଖର ମହାପାତ୍ର, ମାନସ ସିଂହ ଓ ଦୀପ୍ତିରଞ୍ଜନ ପଣ୍ଡା ଚକ୍ଷୁ ନିରୂପଣ କରିବାରେ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହୋତ୍ସବ କମିଟିର ଉପଦେଷ୍ଟା ସୁବାସ ମହାନ୍ତି, ସଭାପତି ବିଦ୍ୟାଧର ମହାରଣା, ସମ୍ପାଦକ ଶିଶିର ଆଚାର୍ଯ୍ୟ ଓ କୋଷାଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ସାମାଜିକ କର୍ମୀ ଯୋଗେଶ୍ୱର ପଣ୍ଡା ପରିଚାଳନା କରିଥିବା ବେଳେ ମାଗୁଣି ସାମନ୍ତରାୟ, ରବୀନ୍ଦ୍ର କୁମାର ବାରିକ, ପ୍ରେମାନନ୍ଦ ମହାପାତ୍ର, ପ୍ରେମାନନ୍ଦ ସେଠୀ, ଚକ୍ରଧର ମହାରଣା, ବିକ୍ରମାଦିତ୍ୟ ପଣ୍ଡା ଓ ରଞ୍ଜନ କୁମାର ଦାଶ ସହଯୋଗ କରିଥିଲେ।

# ୩୧ ମଣ୍ଡପରେ ପୂଜାପାଇବେ ଗଜଲକ୍ଷ୍ମୀ

**ବ୍ୟବସାୟୀ ମହାସଂଘର ପ୍ରସ୍ତୁତି ବୈଠକ**

- ଶୃଙ୍ଖଳିତ ପୂଜା ଆୟୋଜନ ଉପରେ ଗୁରୁତ୍ୱ
- ସମ୍ମାନିତ ହେବେ ପୂଜା କମିଟି
- ଆଡ଼ମ୍ବରରେ ହେବ ଭସାଣ ଉତ୍ସବ

**ଖୋର୍ଦ୍ଧା ଅଫିସ,୧୫।୯**

ଦୁଇ ବର୍ଷ ପରେ ବିନା କଟକଣାରେ ହେବ ଗଜଲକ୍ଷ୍ମୀ ପୂଜା। ଓଡ଼ିଶାର ଢେଙ୍କାନାଳ ପରେ ଖୋର୍ଦ୍ଧା ସହରରେ ଆଡ଼ମ୍ବରରେ ପାଳିତ ହୋଇଥାଏ ଗଜଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା। ଏଥିଲାଗି ସମସ୍ତ ପୂଜା କମିଟି ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଶାନ୍ତିଶୃଙ୍ଖଳାର ସହ ଗଜଲକ୍ଷ୍ମୀ ପୂଜା ଆୟୋଜନ ହେବ ସେନେଇ ଖୋର୍ଦ୍ଧା ବ୍ୟବସାୟୀ ମହାସଂଘ ଆନୁକୂଲ୍ୟରେ ସ୍ଥାନୀୟ ପୂର୍ତ୍ତବଙ୍ଗଳାଠାରେ ଗୁରୁବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବେଗୁନିଆ ବିଧାୟକ ତଥା ବ୍ୟବସାୟୀ ମହାସଂଘ ସଭାପତି ରାଜେନ୍ଦ୍ର ସାହୁ ଏଥିରେ ଅଧ୍ୟକ୍ଷତା କରି ବ୍ୟବସ୍ଥିତ ଢଙ୍ଗରେ ପୂଜା ଆୟୋଜନ ନେଇ ଗୁରୁତ୍ୱାରୋପ କରିଥିଲେ। ଚଳିତବର୍ଷ ୩୧ଟି ପୂଜା ମଣ୍ଡପରେ ମା'ଗଜଲକ୍ଷ୍ମୀଙ୍କ ପୂଜା ଆୟୋଜନ ହେବ। ଏଥର ଆକର୍ଷଣୀୟ ସାଜସଜ୍ଜା, ତୋରଣ, ଲାଇଟଗେଟ, ଆଲୋକମାଳାରେ ଝଲସିବ ଖୋର୍ଦ୍ଧା ସହର। ଗତ ୨୦୦୫ରୁ ମିଳିତ ଗଜଲକ୍ଷ୍ମୀ ଭସାଣି ଉତ୍ସବ ଆୟୋଜିତ ହୋଇ ଆସୁଛି। ଚଳିତବର୍ଷ ୧୮ତମ ସାମୁହିକ ଭସାଣି ଉତ୍ସବ କରାଯିବ। ଭସାଣି ଉତ୍ସବକୁ ଅଧିକ ଆକର୍ଷିତ କରାଯିବା ନେଇ ସ୍ଥିର ହୋଇଛି।


ବୈଠକରେ ବିଧାୟକ କୁମାର ସାହୁ ଓ ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତା।

ନଭେମ୍ବର ୯ରୁ ୧୫ ପର୍ଯ୍ୟନ୍ତ ସପ୍ତାହ ବ୍ୟାପୀ ପୂଜାମଣ୍ଡପରେ ପୂଜା ପାଇବେ ଧନଲକ୍ଷ୍ମୀ। ୧୬ତାରିଖ ଅପରାହ୍ନ ୨ଟାରୁ ପୂଜା କମିଟି ପ୍ରତିମୂର୍ତ୍ତି ଧରି ପଟୁଆରରେ ଅପରାହ୍ନ ୫ଟା ସୁଦ୍ଧା ବିଜେବି ହାଇସ୍କୁଲ ପଡିଆରେ ପହଞ୍ଚିବେ। ସେଠାରୁ ଏକାଠି ହୋଇ ଟ୍ରାଫିକ ଛକ, ପୁରୁଣା ବସଷ୍ଟାଣ୍ଡ, ସମବାୟ ଛକ, ନୂଆବସଷ୍ଟାଣ୍ଡ, ଟିଏଲସି ଦେଇ ପୌର ପ୍ରଶାସନ ପକ୍ଷରୁ ଆୟୋଜନ କରାଯାଇଥିବା ଅସ୍ଥାୟୀ ପୋଖରୀ ଏବଂ ଟିଏଲସି ଖଣି ପୋଖରୀରେ ବିସର୍ଜନ କରାଯିବ। ସମସ୍ତ ପୂଜା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ବ୍ୟବସାୟୀ ସଂଘ ଏବଂ ଜିଲା ପ୍ରଶାସନ ପକ୍ଷରୁ ମିଳିତ ଆନୁକୂଲ୍ୟରେ ଶୃଙ୍ଖଳିତ ପୂଜାମଣ୍ଡପ, ସାଜସଜ୍ଜା ଏବଂ ସୁନ୍ଦର ପ୍ରତିମୂର୍ତ୍ତିକୁ ପୁରସ୍କୃତ କରାଯିବ। ଏଥିସହିତ ସମସ୍ତ ପୂଜା କମିଟି ସଭାପତି ଓ ସମ୍ପାଦକଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯିବା ଲାଗି ନିଷ୍ପତ୍ତି ନିଆଯାଇଛି। ପୂଜା ଆୟୋଜନ ପୂର୍ବରୁ ସଡକ, ଡ୍ରେନ, ପରିମଳ, ସର୍ବସାଧାରଣ ଶୌଚାଳୟ ପରି ଭିତ୍ତିଭୂମି ସହ ଖାଦ୍ୟ ନିରାପତ୍ତା ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ସହରରେ ଏକାଧିକ ଡ୍ରେନ ମୁକୁଳା ପଡିଥିବା ବେଳେ ଅନେକ ସ୍ଥାନରେ ରାସ୍ତା ନିର୍ମାଣ ପାଇଁ ଖୋଳାଯାଇଛି। ପୂଜା ଆୟୋଜନ ସମୟରେ ଯେପରି କୌଣସି ଅସୁବିଧା ନ ହୁଏ, ତାହାକୁ ନଜରରେ ରଖି ରାସ୍ତା ମରାମତି, ଷ୍ଟ୍ରିଟ ଲାଇଟ ମରାମତି, ଅନାବଶ୍ୟକ ଗଛକଟା ଯିବା ଲାଗି ପୌର ପ୍ରଶାସନକୁ ଅନୁରୋଧ କରାଯିବ। ପୌର ପ୍ରଶାସନ ପକ୍ଷରୁ ସ୍ଥିର କରାଯାଇଥିବା ଅସ୍ଥାୟୀ ପୋଖରୀରେ ମୂର୍ତ୍ତି ବିସର୍ଜନ କରାଯିବ। ପୂଜା ମଣ୍ଡପରେ ଯେପରି କୌଣସି ଅଘଟଣ ନଘଟିବ, ସେଥିପ୍ରତି ଗୁରୁତ୍ୱ ଦିଆଯିବ। ଚଳିତବର୍ଷ ପୂଜାମଣ୍ଡପରେ ଶତାଧିକ ଶ୍ରଦ୍ଧାଳୁଙ୍କ ଭିଡ ଜମିବା ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ସମସ୍ତ ପୂଜା ମଣ୍ଡପ ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ, ଭିଡ ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦେବେ। ଯେପରି କୌଣସି ବିଶୃଙ୍ଖଳା ନ ହେବ ସେଥିପ୍ରତି ସମସ୍ତଙ୍କ ଉତ୍ତରଦାୟିତ୍ୱ ରହିଛି ବୋଲି ବିଧାୟକ ସାହୁ ପରାମର୍ଶ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ମଦନ ମୋହନ ରାମ ଓ କମିଟି ସମ୍ପାଦକ ଜୟନ୍ତ ରାୟ ପ୍ରମୁଖ ମଞ୍ଚାସୀନ ଥିଲେ। ୩୧ଟି ଗଜଲକ୍ଷ୍ମୀ ପୂଜା କମିଟିର ସଭାପତି, ସମ୍ପାଦକ ଉପସ୍ଥିତ ଥିଲେ।

## ବାୟୋମାଇନିଂ ମେଶିନ ସ୍ଥାପନ ପାଇଁ ସ୍ଥାନ ଚିହ୍ନଟ

**ଭୁବନେଶ୍ୱର, ୧୫।୯ (ବ୍ୟୁରୋ)**

ବହୁ ବୁଝାଶୁଝା ଓ ସରକାରଙ୍କ ହସ୍ତକ୍ଷେପ ପରେ ଦାରୁଠେଙ୍ଗବାସୀ ଭୁଆସୁଣୀରେ ଅଳିଆ ପକାଇବାକୁ ସୁଯୋଗ ଦେଇଥିବାରୁ ଏବେ କୌଣସି ଭୁଲ୍ କରିବାକୁ ଚାହୁଁନି ବିଏମ୍‌ସି। ତେଣୁ ଦାରୁଠେଙ୍ଗବାସୀଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତି ରକ୍ଷା ପାଇଁ ପଦକ୍ଷେପକୁ ଗୁରୁତ୍ୱ ଦେଉଛି। ଗୁରୁବାର ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ, ସଫେଇ ସଂସ୍ଥା ଜାଗୃତିର ଅଧିକାରୀଙ୍କ ସହ ଦାରୁଠେଙ୍ଗ ଗ୍ରାମକୁ ଯାଇଥିଲେ। ସେଠାରେ ସରପଞ୍ଚ ତପନ କୁମାର ଚକ୍ରବର୍ତ୍ତୀଙ୍କ ସହ ଭେଟି ବାୟୋ ମାଇନିଂ ପ୍ରକଳ୍ପର ଆରମ୍ଭ ଉପରେ ଆଲୋଚନା କରିଥିଲେ। ଏଥିସହ ବାୟୋ ମାଇନିଂ ପାଇଁ କେଉଁ ସ୍ଥାନରେ ମେସିନ ପକାଯିବ ସେ ନେଇ ସ୍ଥାନ ଚିହ୍ନଟ କରାଯାଇଥିଲା। ତେବେ ମେସିନାରୀ ସେଟ୍‌ଅପ୍ ପାଇଁ ୨ ମାସ ସମୟ ଲାଗିବ ବୋଲି କମିଶନର କହିଛନ୍ତି। ଏହି ଗସ୍ତ ସମୟରେ ଅତିରିକ୍ତ କମିଶନର ସୂର୍ଯ୍ୟବଂଶୀ ମୟୁର ବିକାଶ, ଡେପୁଟି କମିଶନର (ପରିମଳ) ଶୁଭେନ୍ଦୁ ସାହୁ, ସିଟି ଇଞ୍ଜିନିୟର ଅରୁଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଏସ୍ଏଚ୍‌ଜିକୁ ଅଣଦେଖା, ଜିଲାପାଳଙ୍କ ଦ୍ୱାରସ୍ଥ


ଜିଲାପାଳଙ୍କୁ ଅଭିଯୋଗପତ୍ର ଦେବାକୁ ଆସିଥିବା ଏସ୍ଏଚ୍‌ଜିର ସଦସ୍ୟାମାନେ।

**ଖୋର୍ଦ୍ଧା ଅଫିସ,୧୫।୯**

ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ମହିଳା ସ୍ୱୟଂସହାୟିକା ଗୋଷ୍ଠୀ (ଏସ୍ଏଚ୍‌ଜି)ଙ୍କୁ ବିକାଶରେ ସହଭାଗିତା, ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବନ ଏବଂ ସ୍ୱରୋଜଗାରକ୍ଷମ ହେବା ଲାଗି ସରକାର ପ୍ରାଥମିକତା ଦେଉଛନ୍ତି। ପଞ୍ଚାୟତ ସ୍ତରରେ ହେଉଥିବା ବିଭିନ୍ନ ଉନ୍ନୟନମୂଳକ ଯୋଜନାରେ ଏସଏସଜି ଗ୍ରୁପ ମାଧ୍ୟମରେ କରିବା ଲାଗି ସରକାର ଗୁରୁତ୍ୱ ଦେଉଛନ୍ତି। ତେବେ ବାଣପୁର ବ୍ଲକରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଗ୍ରାମ ପୋଖରୀ ନିଲାମରେ ଅଂଶଗ୍ରହଣ ଲାଗି ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇଥିବା ମହିଳାଙ୍କୁ ଜାତିଆଣ ଆକ୍ଷେପ ସହ ନିଲାମ ପ୍ରକ୍ରିୟା ଠାରୁ ଦୂରେଇ ରଖିବା ନେଇ ଗୁରୁବାର ଜିଲାପାଳଙ୍କ ନିକଟରେ ଏକ ସ୍ୱୟଂ ସହାୟିକା ଗୋଷ୍ଠୀ ଲିଖିତ ଅଭିଯୋଗ କରିଛନ୍ତି। ଏଥିରେ ଦର୍ଶାଯାଇଛି ଯେ, ବାଣପୁର ବ୍ଲକ ଆୟଉପୁର ପଞ୍ଚାୟତ ବେଲଡି ଗ୍ରାମରେ ୫ଟି ଗ୍ରାମ୍ୟ ପୋଖରୀ ନିଲାମ ପାଇଁ ଗତ ସେପ୍ଟେମ୍ବର ୨ରେ ପଞ୍ଚାୟତ ପକ୍ଷରୁ ଦିନ ଧାର୍ଯ୍ୟ ହୋଇଥିଲା। ଏହି ଗ୍ରାମର ରଘୁନାଥ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ପୋଖରୀ ନିଲାମ ନେବା ଲାଗି ନିଷ୍ପତ୍ତି ନେଇଥିଲେ। ଉକ୍ତ ନିଲାମ ଦିନ ଗୋଷ୍ଠୀର କେତେଜଣ ମହିଳା ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ନିଲାମରେ ଅଂଶଗ୍ରହଣ ଲାଗି ଦରଖାସ୍ତ କରିଥିଲେ। ଗ୍ରାମର କେତେଜଣ ମୁଷ୍ଟିମେୟ ଲୋକ ପଞ୍ଚାୟତ କାର୍ଯ୍ୟାଳୟରେ ଜାତିଆଣ ଆକ୍ଷେପ ସହ ନିଲାମରେ ଅଂଶଗ୍ରହଣ ନ କରିବାକୁ ଧମକ ଦେଇଥିଲେ। ପ୍ରତିବାଦରେ ଗୋଷ୍ଠୀର ମହିଳାମାନେ ବାଣପୁର ବିଡିଓ, ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଆସନ୍ତା ୧୭ ତାରିଖରେ ପୋଖରୀଗୁଡିକ ନିଲାମ ସଂକ୍ରାନ୍ତରେ ନିର୍ଦ୍ଦେଶନାମା ଜାରି କରାଯାଇଛି। ନିଲାମରେ ଅଂଶଗ୍ରହଣ କରିବାର ସୁଯୋଗ ଏବଂ ଏହି ଘଟଣାର ତଦନ୍ତ ଲାଗି ଦାବି କରିଛନ୍ତି।

## ୫ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ, ୩ ଗିରଫ

**ପୁରୀ ଅଫିସ,୧୫।୯**

ବ୍ରାଉନସୁଗାର କାରବାର ଅଭିଯୋଗରେ ପୁରୀ ବଳିଆ ପଣ୍ଡା ଥାନା ପୋଲିସ ଗୁରୁବାର ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଗଞ୍ଜାମ ଜିଲା ଆମ୍ବପୁଆ ଥାନା ଅଞ୍ଚଳର ରାମକୃଷ୍ଣ ଲେଙ୍କା, ବେଲଗୁଣ୍ଠ ଥାନା ସରପାଲି ଗ୍ରାମର ମିଳନ ବେହେରା ଓ ପୁରୀ ସଦର ଥାନା ଅନ୍ତର୍ଗତ ଗୋରୁଆଳ ନୂଆପାଟଣା ଗ୍ରାମର ମଦନମୋହନ ବରାଳ। ପୋଲିସ ସେମାନଙ୍କ ନିକଟରୁ ଏକ ପଲିଥିନରେ ୫୭.୫ ଗ୍ରାମର ବ୍ରାଉନସୁଗାର୍ ଜବତ କରିବା ସହ ୩ଟି ମୋବାଇଲ, ଗୋଟିଏ ବାଇକ୍, ନଗଦ ୧ ହଜାର ଟଙ୍କା ଏବଂ ଆଧାର କାର୍ଡ ଜବତ କରିଛି। ଜବତ ବ୍ରାଉନସୁଗାରର ମୂଲ୍ୟ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ପୋଲିସ କହିଛି। କେତେଜଣ ବ୍ୟକ୍ତି ବ୍ରାଉନ ନେଇ ନୂଆ ବାଇପାସ ରୋଡସ୍ଥିତ ଆପାର୍ଟମେଣ୍ଟ ନିକଟରେ କାରବାର କରୁଛନ୍ତି। ବିଶେଷ ସୂତ୍ରରୁ ପୋଲିସ ଖବର ଖବରପାଇ ଏକ ଟିମ ସହ ସେଠାରେ ଚଢାଉ କରିଥିଲେ।

## 'ପୁଷ୍ଟିକର ଖାଦ୍ୟ ଶିଶୁଙ୍କ ଶାରୀରିକ ବିକାଶ କରେ'

**ଖୋର୍ଦ୍ଧା ଅଫିସ,୧୫।୯**

ଖୋର୍ଦ୍ଧା ବ୍ଲକ ଟାଙ୍ଗିଆପଡା ପଞ୍ଚାୟତ ଅନ୍ତର୍ଗତ ଉଇଲକିଶନ ନଗର ଅଙ୍ଗନୱାଡି କେନ୍ଦ୍ର ୧ରେ ଗୁରୁବାର ଜାତୀୟ ପୁଷ୍ଟି ମାସ ଉପଲକ୍ଷେ ପୋଷଣ ଦିବସ ପାଳିତ ହୋଇଯାଇଛି। ଅଙ୍ଗନୱାଡି କର୍ମୀ ମିନତୀ ତ୍ରିପାଠୀ ସଂଯୋଜନା କରିଥିଲେ। କେନ୍ଦ୍ରର ସମସ୍ତ ଶିଶୁ ଓ ମା' ମାନେ ଉପସ୍ଥିତ ଥିଲେ। ଦୈନନ୍ଦିନ ଖାଉଥିବା ଖାଦ୍ୟ କେଉଁ ପ୍ରକାର ଭିଟାମିନ କିମ୍ବା ପୋଷଣ ରହିଛି, ଶିଶୁମାନଙ୍କୁ କ'ଣ ଖାଇବାକୁ ଦେବେ, କଣ ଖାଇବାକୁ ଦେବେ ନାହିଁ, କେଉଁ ଖାଦ୍ୟ ନିହାତି ଖାଇବା ଜରୁରୀ ରହିଛି ସେ ସମ୍ପର୍କରେ ମା'ମାନଙ୍କୁ ବୁଝାଇଥିଲେ। ମହିଳାମାନେ ଘରେ ଶିଶୁଙ୍କୁ ଦେଉଥିବା ଫଳ, ପନିପରିବା ଓ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ସାଥିରେ ଆଣିଥିଲେ। ଶିଶୁଙ୍କୁ ପୁଷ୍ଟିକର ଖାଦ୍ୟ ଦେବାକୁ ଅଙ୍ଗନୱାଡି କର୍ମୀ ତ୍ରିପାଠୀ ପରାମର୍ଶ ଦେଇଥିଲେ। ଶିଶୁଙ୍କ ମାନସିକ, ଶାରୀରିକ, ବୌଦ୍ଧିକ ବିକାଶ ଲାଗି ପୁଷ୍ଟିକର ଯୁକ୍ତ ଖାଦ୍ୟର ଆବଶ୍ୟକତା ରହିଛି ବୋଲି ବୁଝାଇଥିଲେ।


ଉଇଲକିଶନ ନଗର ଅଙ୍ଗନୱାଡି କେନ୍ଦ୍ର ୧ରେ ଅନୁଷ୍ଠିତ ପୋଷଣ ଦିବସ।

# ଏକ ରାଷ୍ଟ୍ର, ଏକ ଭାଷା ଉପରେ ଗୁରୁତ୍ୱ

**ବେଗୁନିଆ,୧୫।୯(ଡି.ଏନ.ଏ.)**

ବେଗୁନିଆ ବ୍ଲକ ଅନ୍ତର୍ଗତ ଗଡମାଣତିରସ୍ଥିତ ରାମଚଣ୍ଡୀ ବିଦ୍ୟାପୀଠ ପରିସରରେ ବୁଧବାର ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସରସ୍ୱତୀ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଅତିଥି ଭାବେ ଶିକ୍ଷାବିତ୍ ବଳରାମ ରଣସିଂହ ଓ ସାମାଜିକ କର୍ମୀ ପୂର୍ଣ୍ଣଚନ୍ଦ୍ର ପାଳ ଯୋଗଦେଇଥିଲେ। ପୁରୀର ଓଡ଼ିଶା ରାଷ୍ଟ୍ରଭାଷା ପରିଷଦ ଓ ଗଡମାଣତିରର ରାମଚଣ୍ଡୀ ବିଦ୍ୟାପୀଠ ମିଳିତ ଆନୁକୂଲ୍ୟରେ ଏହି ଭାଷାର ସୃଷ୍ଟି ଓ ସମୃଦ୍ଧି ସମ୍ବନ୍ଧରେ ବିଶେଷ ଆଲୋଚନା କରାଯାଇଥିଲା। ଆନ୍ତର୍ଜାତିକ ସ୍ତରରେ ମୂଳ ଭାଷା ହେଉଛି ହିନ୍ଦୀ। ଏକ ରାଷ୍ଟ୍ର ଏକ ଭାଷା ଉପରେ ଅତିଥିମାନେ ପୁଙ୍ଖାନୁପୁଙ୍ଖ ଭାବେ ବିସ୍ତୃତ ଆଲୋଚନା କରିଥିଲେ। ନିରଞ୍ଜନ ବେହେରା, ଅନନ୍ୟା ପ୍ରିୟଦର୍ଶିନୀ, ସସ୍ମିତା ପଣ୍ଡା, ଲକ୍ଷ୍ମୀପ୍ରିୟା ପାଳ, ରଶ୍ମି ରଣସିଂହ ଯୋଗଦେଇଥିଲେ। ସୌମ୍ୟରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ।

# ମଦନପୁର ଫୁଟ୍‌ବଲ ଲିଗ୍ : ଗାଦିଶ୍ୱର ସେମିରେ

**ଝାଁଳା,୧୫।୯(ଡି.ଏନ୍.ଏ.)**

ମଦନପୁର ନବଜ୍ୟୋତି କ୍ଲବ ପକ୍ଷରୁ ଆୟୋଜିତ ଫୁଟ୍‌ବଲ ଲିଗ୍ ଟୁର୍ନାମେଣ୍ଟର ଚତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଗୁରୁବାର ୟଙ୍ଗ ଉତ୍କଳ ଭୁବନେଶ୍ୱର ଏବଂ ଗାଦିଶ୍ୱର କୁଜିମହୁଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଦୁଇ ଦଳର ଖେଳାଳି ଭଲ ଖେଳ ପ୍ରଦର୍ଶନ କରିଥିଲେ ମଧ୍ୟ କେହି କାହାରିକୁ ଗୋଲ ଦେଇ ପାରି ନ ଥିଲେ। ଶେଷରେ ଟ୍ରାଏବେକର ସହାୟତା ନିଆଯାଇଥିଲା। କୁଜିମହୁଲ ଗାଦିଶ୍ୱର କ୍ଲବ ୪-୩ ଗୋଲରେ ବିଜୟୀ ହୋଇଥିଲା। ଗାଦିଶ୍ୱରର ମୋହନ ମାଝୀ ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହୋଇଥିଲେ। ମନୋରଞ୍ଜନ ଖୁଣ୍ଟିଆ, ଲଳିତ ବଳିୟାରସିଂ ଓ ଆନନ୍ଦ ନାୟକ ମ୍ୟାଚ୍ ପରିଚାଳନା କରିଥିଲେ। ଶୁକ୍ରବାର ପ୍ରଥମ ସେମିଫାଇନାଲ ମ୍ୟାଚ୍ ପାୱାର କ୍ଲବ କରଡାପଲ୍ଲୀ ଏବଂ ଶିବଶକ୍ତି ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।


ଅତିଥିଙ୍କଠାରୁ ଖେଳାଳି ପୁରସ୍କାର ନେଉଛନ୍ତି।

# କ୍ଷେତ୍ର ପରିଦର୍ଶନ କଲେ ବିଧାୟକ, ଅଧିକାରୀ

**ଜଟଣୀ,୧୫।୯ (ଡି.ଏନ୍.ଏ.)**

ଜଟଣୀସ୍ଥିତ ରାଷ୍ଟ୍ରୀୟ ବିଜ୍ଞାନ ଶିକ୍ଷା ଏବଂ ଅନୁସନ୍ଧାନ ସଂସ୍ଥାନ (ନାଇଜର) ଭୁବନେଶ୍ୱର କ୍ୟାମ୍ପସ ପରିସରରେ ହେବ ଅତ୍ୟାଧୁନିକ କ୍ୟାନ୍‌ସର ହସ୍ପିଟାଲ ଏବଂ ରିସର୍ଚ୍ଚ ସେଣ୍ଟର। ଏହି ହସ୍ପିଟାଲ ନିର୍ମାଣ ପାଇଁ ଯାଉଥିବା ଜମି ପାଇଁ ଗତ ମଙ୍ଗଳବାର ସ୍ଥାନୀୟ ପଦନପୁର ପଞ୍ଚାୟତବାସୀ ବିରୋଧ କରିବା ସହ ଧାରଣା ଦେଇଥିଲେ। ଗୁରୁବାର ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ତହସିଲଦାର ରୁମାନୀ ଜାଫ୍ରି ଏବଂ ବିଡିଓ ସରୋଜ କୁମାର ରାଉତ ଉକ୍ତ ସ୍ଥାନ ପରିଦର୍ଶନ କରିବା ସହିତ ସମସ୍ୟାର ସମାଧାନ ପାଇଁ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଜମି ବଦଳରେ ସରକାର ଅନ୍ୟତ୍ର ଜମି ଗ୍ରାମବାସୀଙ୍କୁ ଯୋଗାଇଦେବା ପାଇଁ ବିଧାୟକ ଏବଂ ଗ୍ରାମବାସୀ ଉପସ୍ଥିତ ଅଧିକାରୀଙ୍କୁ ନିବେଦନ କରିଥିଲେ। ହସ୍ପିଟାଲକୁ କେହି ବିରୋଧ କରୁନାହାନ୍ତି, ହେଲେ ହସ୍ପିଟାଲ ନିର୍ମାଣ ପାଇଁ ଯାଉଥିବା ଜମି ପାଇଁ ବିରୋଧ କରାଯାଉଥିବା ବିଧାୟକ କହିଛନ୍ତି।

ସୂଚନାଥାଉ କି, କେନ୍ଦ୍ର ସରକାରଙ୍କ ଆଟମିକ ଏନର୍ଜି ବିଭାଗ ଏବଂ ଟାଟା ମେମୋରିଆଲ ଟ୍ରଷ୍ଟର ମିଳିତ ସହଯୋଗରେ ନାଇଜର ପରିସରରେ ୬ଶହ କୋଟି ଟଙ୍କା ବ୍ୟୟରେ ଏକ ଅତ୍ୟାଧୁନିକ କ୍ୟାନ୍‌ସର ହସ୍ପିଟାଲ ଏବଂ ରିସର୍ଚ୍ଚ ସେଣ୍ଟର ନିର୍ମାଣ କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବା ନେଇ ସମସ୍ତ କାର୍ଯ୍ୟ ସରିଛି। ହସ୍ପିଟାଲ ପାଇଁ ଆବଶ୍ୟକ ଥିବା ୧୦୦ଏକର ଜମିରୁ ନାଇଜର ୫୦ ଏକରରୁ ଊର୍ଦ୍ଧ୍ୱ ଜମି ପ୍ରଦାନ କରୁଥିବା ବେଳେ ବଳକା ଜମି ରାଜ୍ୟ ସରକାର ପ୍ରଦାନ କରିବା ନେଇ ନିଷ୍ପତ୍ତି ହୋଇଛି। ପଦନପୁର ପଞ୍ଚାୟତ ଅଧୀନ ଭୀମପୁର, ଉପରବସ୍ତ ଗ୍ରାମର ଗୋଚର, ଶ୍ମଶାନ, ଖେଳପଡ଼ିଆ ଆଦି ବିଭିନ୍ନ କିସମର ଜମି ହସ୍ପିଟାଲ ନିର୍ମାଣ ପାଇଁ ଯାଉଥିବାରୁ ଏହାକୁ ରୋକିବା ପାଇଁ ଗତ ମଙ୍ଗଳବାର ଗ୍ରାମବାସୀ ନାଇଜର ଗେଟ୍ ସମ୍ମୁଖରେ ଧାରଣା ଦେଇଥିଲେ। ଏଥିସହ ଜିଲାପାଳ ଏବଂ ନାଇଜର ନିର୍ଦ୍ଦେଶକଙ୍କୁ ସମସ୍ୟାର ସମାଧାନ ପାଇଁ ଦାବିପତ୍ର ପ୍ରଦାନ କରିଥିଲେ। ଉକ୍ତ ଘଟଣାକୁ ନେଇ ଜନପ୍ରତିନିଧି ଏବଂ ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳ ପରିଦର୍ଶନ କରିବା ସହିତ ସମାଧାନ ପାଇଁ ଆଲୋଚନା କରିଥିଲେ। ଆଲୋଚନା ବେଳେ ଗ୍ରାମ୍ୟ କମିଟି ସଭାପତି ସୁରେଶ ଛୋଟରାୟ, ସରପଞ୍ଚ ଅହଲ୍ୟା ନାୟକ, ପ୍ରମୋଦ ହରିଚନ୍ଦନ, କିଶୋର ସାମନ୍ତରାୟ, ପ୍ରିୟ ରଞ୍ଜନ ବେହେରାଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।


ବିଧାୟକ ସୁରେଶ କୁମାର ରାଉତରାୟ ଓ ପ୍ରଶାସନିକ ଅଧିକାରୀ କ୍ଷେତ୍ର ପରିଦର୍ଶନ କରୁଛନ୍ତି।

# କଣ୍ଟେନରରୁ ୬୭ ଗୋରୁ ଉଦ୍ଧାର, ୨ ଅଟକ

- ଜାତୀୟ ରାଜପଥ ସାଜିଛି ଗଳାବାଟ
- ଗାଁ ଗହଳରେ ସକ୍ରିୟ ଗୋଚାଲାଣକାରୀ

**ଖୋର୍ଦ୍ଧା ଅଫିସ,୧୫।୯**

ଜାତୀୟ ରାଜପଥ ଗୋଚାଲାଣର ଗଳାବାଟ ସାଜିଛି। ଭୁବନେଶ୍ୱର-ଚେନ୍ନାଇ ୧୬ ଏବଂ ଖୋର୍ଦ୍ଧା-ନୟାଗଡ ୫୭ ନମ୍ବର ଜାତୀୟ ରାଜପଥରେ ଦୈନିକ ଏକାଧିକ କଣ୍ଟେନରରେ ଗୋରୁଗାଈଙ୍କୁ ବାହାର ରାଜ୍ୟ ଦେଇ ବାଂଲାଦେଶ ଚାଲାଣ କରାଯାଉଛି। ଗଞ୍ଜାମ, କନ୍ଧମାଳ, ନୟାଗଡ଼ ଓ ଖୋର୍ଦ୍ଧାରୁ ଚାଲାଣ କରାଯାଉଛି। ଗୋରୁ ମାଫିଆଙ୍କର ବିଭିନ୍ନ ଗ୍ରାମାଞ୍ଚଳରେ ଏଜେଣ୍ଟ (ଦଲାଲ) ରହିଛନ୍ତି। ଗାଁରୁ କମ୍ ଦାମରେ କିମ୍ବା ରାସ୍ତାକଡରେ ଆଶ୍ରୟ ନେଉଥିବା ଗୋରୁଙ୍କୁ ଚୋରାଇ ଏକାଠି କରିବା ପରେ ବିଳମ୍ବିତ ରାତିରେ ଚାଲାଣ କରୁଛନ୍ତି। ଗୁରୁବାର ନୟାଗଡ କୁଶପଲ୍ଲୀରୁ କଣ୍ଟେନର(ଓଆର-୦୧-ଏମ୪୪୮)ରେ ୬୭ଟି ଗୋରୁ ବାହାର ରାଜ୍ୟକୁ ଚାଲାଣ ହେଉଥିବା ଖବରପାଇ ଗୋ ସୁରକ୍ଷା ବାହିନୀର କର୍ମକର୍ତ୍ତା ପୁରୁସାହି ନିକଟରେ ଗାଡିକୁ ଅଟକାଇବା ସହ ଖୋର୍ଦ୍ଧାର ବାଘମାରୀ ପୋଲିସ ଜିମା ଦେଇଥିଲେ। ଗୋଚାଲାଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଲାଗି ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଭିତ୍ତିକରି ଗୋରୁଙ୍କୁ ଉଦ୍ଧାର କରି ନିକଟ ଗୋଶାଳାକୁ ପଠାଇଥିଲା। କଣ୍ଟେନରକୁ ଜବତ କରିବା ସହ ଏହାର ଡ୍ରାଇଭର, ହେଲପରଙ୍କୁ ଥାନାରେ ଅଟକ ରଖିଛି। ଏମାନେ କେଉଁଠୁ ଆଣୁଥିଲେ, କେଉଁ ସ୍ଥାନକୁ ଚାଲାଣ କରୁଛନ୍ତି। ଏହି ରାକେଟ ପଛର ମାଷ୍ଟର ମାଇଣ୍ଡ କିଏ, ଅନ୍ୟ କେଉଁମାନେ ଏଥିରେ ସାମିଲ ଅଛନ୍ତି, ପୋଲିସ ଏହାର ଖୋଳତାଡ କରୁଛି।

ଅଭିଯୋଗ ଅନୁଯାୟୀ, କୁଶପଲ୍ଲୀ ଅଞ୍ଚଳରୁ ଗୋଚାଲାଣ ହେଉଥିବା ଖବରପାଇ ଗୋ ସୁରକ୍ଷା ବାହିନୀର ଏକାଧିକ କର୍ମକର୍ତ୍ତା ୫୭ ନମ୍ବର ଜାତୀୟ ରାଜପଥର ବିଭିନ୍ନ ଛକରେ ଜଗି ରହିଥିଲେ। ବାଘମାରୀ-ପୁରୁସାହି ରାସ୍ତାରେ ସମ୍ପୃକ୍ତ କଣ୍ଟେନରକୁ ଗୋ ସୁରକ୍ଷା ବାହିନୀର କର୍ମକର୍ତ୍ତା ଅଟକାଇଥିଲେ। କଣ୍ଟେନରରେ ଗୋରୁଙ୍କ ଗୋଡକୁ ବନ୍ଧା ଯିବା ସହ ଜଣକ ଉପରେ ଜଣକୁ ଲଦା ଯାଇଥିବା ଦେଖିବାକୁ ପାଇଥିଲେ। ପରେ କଣ୍ଟେନରକୁ ଧରି ବାଘମାରୀ ପୋଲିସ ଜିମା ଦେଇଥିଲେ। ଏହି ସମୟରେ କଣ୍ଟେନରକୁ ସୁରକ୍ଷା ଲାଗି ୨ଟି କାରରେ ଶତାଧିକ ଗୋଚାଲାଣକାରୀ ଆସି ଗୋସେବକଙ୍କୁ ମାରଣାସ୍ତ୍ର ଦେଖାଇ ଧମକ ଦେଇଥିଲେ। ସେଥିରୁ ଗୋଟିଏ ଗାଡି ଖସିଯାଇଥିବା ବେଳେ ଗୋସେବକ ମାନେ ଗୋଟିଏ ଗାଡି(ଓଡି-୦୨-ଏଏକ୍ସ-୩୦୪୮)କୁ ପୋଲିସ ଜିମା ଦେଇଥିଲେ। ପରେ ଗୋରୁଙ୍କୁ ପୋଲିସ ଉପସ୍ଥିତିରେ ଭାଲିଆବାଡି ଖେଳପଡିଆରେ ଓହ୍ଲାଇ ସେମାନଙ୍କ ପ୍ରାଥମିକ ଚିକିତ୍ସା, ପାଣିର ବ୍ୟବସ୍ଥା କରିଥିଲେ। ବିଭିନ୍ନ ସ୍ଥାନରୁ ସଂଗ୍ରହ କରାଯାଇଥିବା ଗୋ ସୁରକ୍ଷା ବାହିନୀ କର୍ମକର୍ତ୍ତା ସୂଚନା ଦେଇଛନ୍ତି। ସତ୍ୟଜିତ ବେହେରା, ରାଜେଶ ମହାପାତ୍ର, ସ୍ମୃତିରଞ୍ଜନ ପ୍ରଧାନ, ରାଧାମୋହନ ପ୍ରଧାନ, ପ୍ରଫୁଲ୍ଲ କୁମାର ପ୍ରଧାନ, ସୋମନାଥ ପ୍ରଧାନ, ସନ୍ତୋଷ କୁମାର ଦାସ, ଗଦାଧର ବେହେରା, ନିରଞ୍ଜନ ମହାପାତ୍ର, ସନ୍ତୋଷ ମଙ୍ଗରାଜ, ତ୍ରିଲୋଚନ ବେହେରା, ଦିଲୀପ ସିଂଙ୍କ ସମେତ ଏକାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ।


ଜବତ କଣ୍ଟେନର ଓ ଉଦ୍ଧାର ହୋଇଥିବା ଗୋରୁ।




୧୫।୯।୨୦୨୨

| | |
|---|---|
| ୨,୪୨,୨୦୦ ଟଙ୍କା | |
| ସୁନା | ୨.୧୦୦ ଗ୍ରାମ |
| ରୁପା | ୫.୨୦୦ ଗ୍ରାମ |

## ସଂକ୍ଷେପରେ

### ଓଡ଼ିଶାର ଐତିହ୍ୟକୁ ନେଇ ଚଳଚ୍ଚିତ୍ର 'ଲିଙ୍ଗରାଜ ମନ୍ଦିର'

ଭୁବନେଶ୍ୱର,୧୫।୯(ବ୍ୟୁରୋ) - ଲିଙ୍ଗରାଜ ମନ୍ଦିର ଓ ଏହାର କାହାଣୀକୁ ନେଇ ପରଦାକୁ ଆସିବ ଓଡ଼ିଆ ଚଳଚ୍ଚିତ୍ର 'ଲିଙ୍ଗରାଜ ମନ୍ଦିର'। ଦୀର୍ଘଦିନ ପରେ ଓଡ଼ିଶାର ଐତିହ୍ୟକୁ ନେଇ ତିଆରି ହେବାକୁ ଯାଉଥିବା ଏହି ଚଳଚ୍ଚିତ୍ରରେ ଏକ ନିଆରା ପ୍ରେମ କାହାଣୀକୁ ଚିତ୍ରଣ କରାଯାଇଛି। ଲିଙ୍ଗରାଜ ମନ୍ଦିର ନିକଟ ଖୋଳିବା ସମୟରେ ଏକ ପଥର ମୂର୍ତ୍ତି ମିଳୁଛି। ପରବର୍ତ୍ତୀ ସମୟରେ ଏହି ମୂର୍ତ୍ତିର ପ୍ରାଚୀନ ଇତିହାସ ଜଣାପଡିଛି। ମୂର୍ତ୍ତିଟି କାହାର, ମାଟି ତଳେ ତାହାକୁ କିଏ କାହିଁକି ପୋତିଥିଲା ତାହା ସିନେମାରେ ରହିଥିବା ପ୍ରଯୋଜନା ସଂସ୍ଥା ପକ୍ଷରୁ କୁହାଯାଇଛି। ଚଳଚ୍ଚିତ୍ରରେ ପ୍ରେମ, ପ୍ରଣୟ ସହ ନାଟକୀୟ ପୃଷ୍ଠଭୂମି ରହିଛି। ନିର୍ଦ୍ଦେଶନାରେ ଦକ୍ଷିଣ ଭାରତର ନିର୍ଦ୍ଦେଶକ ରବି ରୟାଲ ଥିବାବେଳେ ପ୍ରଯୋଜକ ଏ ସଞ୍ଜୁ ଓ ସହ ପ୍ରଯୋଜକ ଭାବେ ରାଜଶେଖର ରହିଛନ୍ତି। ଓଡ଼ିଆ ସିନେମାରେ ପୁଞ୍ଜି ନିବେଶ କରିବାକୁ ଓଡ଼ିଆ ପ୍ରଯୋଜକ ପଛଘୁଞ୍ଚା ଦେଉଥିବାବେଳେ ଏଥିରେ ଦକ୍ଷିଣ ଭାରତ ଓ ବମ୍ବେରୁ ପ୍ରଯୋଜକ ଏବଂ ନିର୍ଦ୍ଦେଶକ ଯୋଡ଼ିହେବା ନିଶ୍ଚିତ ଓଲିଉଡ୍ ପାଇଁ ଶୁଭଙ୍କର ବୋଲି କୁହାଯାଉଛି। ଚଳଚ୍ଚିତ୍ରର ରହିଥିବା ୬ଟି ଗୀତରେ ଗୁଡ୍‌ଲୀ ରଥ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ଆସନ୍ତା ଜାନୁୟାରୀରୁ ଭୁବନେଶ୍ୱର, ଗଡ ମଧୁପୁର, କୋରାପୁଟ, ଜୟପୁର, ରାୟଗଡ଼ା ଓ ବମ୍ବେରେ ସିନେମାର ଶୁଟିଂ ହେବ।

### କଣ୍ଟେନରରୁ ୬୭ ଗୋରୁ ଉଦ୍ଧାର: ୨ ଅଟକ

ଖୋର୍ଦ୍ଧା ଅଫିସ,୧୫।୯: ଜାତୀୟ ରାଜପଥ ଗୋଚାଲାଣର ଗଳାବାଟ ସାଜିଛି। ଭୁବନେଶ୍ୱର-ଚେନ୍ନାଇ ୧୬ ଏବଂ ଖୋର୍ଦ୍ଧା-ନୟାଗଡ ୫୭ ନମ୍ବର ଜାତୀୟ ରାଜପଥରେ ଦୈନିକ ଏକାଧିକ କଣ୍ଟେନରରେ ଗୋରୁଗାଈଙ୍କୁ ବାହାର ରାଜ୍ୟ ଦେଇ ବାଂଲାଦେଶ ଚାଲାଣ କରାଯାଉଛି। ଗଞ୍ଜାମ, କନ୍ଧମାଳ, ନୟାଗଡ଼ ଓ ଖୋର୍ଦ୍ଧାରୁ ଚାଲାଣ କରାଯାଉଛି। ଗୋରୁ ମାଫିଆଙ୍କର ବିଭିନ୍ନ ଗ୍ରାମାଞ୍ଚଳରେ ଏଜେଣ୍ଟ (ଦଲାଲ) ରହିଛନ୍ତି। ଗାଁରୁ କମ୍ ଦାମରେ କିମ୍ବା ରାସ୍ତାକଡରେ ଆଶ୍ରୟ ନେଉଥିବା ଗୋରୁଙ୍କୁ ଚୋରାଇ ଏକାଠି କରିବା ପରେ ବିଳମ୍ବିତ ରାତିରେ ଚାଲାଣ କରୁଛନ୍ତି। ଗୁରୁବାର ନୟାଗଡ କୁଶପଲ୍ଲୀରୁ କଣ୍ଟେନର(ଓଆର-୦୧-ଏମ୪୪୮୮)ରେ ୬୭ଟି ଗୋରୁ ବାହାର ରାଜ୍ୟକୁ ଚାଲାଣ ହେଉଥିବା ଖବରପାଇ ଗୋ ସୁରକ୍ଷା ବାହିନୀର କର୍ମକର୍ତ୍ତା ପୁରୁସାହି ନିକଟରେ ଗାଡିକୁ ଅଟକାଇବା ସହ ଖୋର୍ଦ୍ଧାର ବାଘମାରୀ ପୋଲିସ ଜିମା ଦେଇଥିଲେ। ଗୋଚାଲାଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଲାଗି ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଭିତ୍ତିକରି ଗୋରୁଙ୍କୁ ଉଦ୍ଧାର କରି ନିକଟ ଗୋଶାଳାକୁ ପଠାଇଥିଲା। କଣ୍ଟେନରକୁ ଜବତ କରିବା ସହ ଏହାର ଡ୍ରାଇଭର, ହେଲପରଙ୍କୁ ଥାନାରେ ଅଟକ ରଖିଛି। ଏମାନେ କେଉଁଠୁ ଆଣୁଥିଲେ, କେଉଁ ସ୍ଥାନକୁ ଚାଲାଣ କରୁଛନ୍ତି। ଏହି ରାକେଟ ପଛର ମାଷ୍ଟର ମାଇଣ୍ଡ କିଏ, ଅନ୍ୟ କେଉଁମାନେ ଏଥିରେ ସାମିଲ ଅଛନ୍ତି, ପୋଲିସ ଏହାର ଖୋଳତାଡ କରୁଛି।

### ଗାଦିଶ୍ୱର ସେମିଫାଇନାଲରେ
#### ମଦନପୁର ଫୁଟ୍‌ବଲ ଲିଗ୍ ଟୁର୍ଣ୍ଣାମେଣ୍ଟ

ଯାଁଳା,୧୫।୯(ଡି.ଏନ୍.ଏ.): ମଦନପୁର ନବଜ୍ୟୋତି କ୍ଲବ ପକ୍ଷରୁ ଆୟୋଜିତ ଫୁଟ୍‌ବଲ ଲିଗ୍ ଟୁର୍ଣ୍ଣାମେଣ୍ଟର ଚତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଗୁରୁବାର ୟଙ୍ଗ ଉତ୍କଳ ଭୁବନେଶ୍ୱର ଏବଂ ଗାଦିଶ୍ୱର କୁଜିମହୁଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଦୁଇ ଦଳର ଖେଳାଳି ଭଲ ଖେଳ ପ୍ରଦର୍ଶନ କରିଥିଲେ ମଧ୍ୟ କେହି କାହାକୁ ଗୋଲ ଦେଇ ପାରି ନ ଥିଲେ। ଶେଷରେ ଟାଏବ୍ରେକର ସହାୟତା ନିଆଯାଇଥିଲା। କୁଜିମହୁଲ ଗାଦିଶ୍ୱର କ୍ଲବ ୪-୩ ଗୋଲରେ ବିଜୟୀ ହୋଇଥିଲା। ଗାଦିଶ୍ୱରର ମୋହନ ମାଝୀ ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହୋଇଥିଲେ। ମନୋରଞ୍ଜନ ଖୁଣ୍ଟିଆ, ଲଳିତ ବଲିୟାରସିଂ ଓ ଆନନ୍ଦ ନାୟକ ମ୍ୟାଚ୍ ପରିଚାଳନା କରିଥିଲେ। ଶୁକ୍ରବାର ପ୍ରଥମ ସେମିଫାଇନାଲ ମ୍ୟାଚ୍ ପାୱାର କ୍ଲବ କରଡାପଲ୍ଲୀ ଏବଂ ଶିବଶକ୍ତି ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

# ରେଳମନ୍ତ୍ରୀଙ୍କୁ ଗୁହାରି ଜଣାଇଲେ ଛାତ୍ର

## ରେଲୱେ ଲେଭଲ କ୍ରସିଂ ଲାଗି ସ୍କୁଲ ଯିବାକୁ ହଇରାଣ ହେଉଛନ୍ତି

ପୁରୀ ଅଫିସ,୧୫।୯:

ପୁରୀର ବୀରପ୍ରତାପପୁର ଗ୍ରାମକୁ ଗୁରୁବାର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଗସ୍ତ ଅବସରରେ ଜଣେ ଛାତ୍ର ତାଙ୍କ ପାଦ ତଳେ ପଡ଼ି ଗୁହାରି ଜଣାଇଛନ୍ତି। ରେଲୱେ ଲେଭଲ କ୍ରସିଂ ଲାଗି ସ୍କୁଲକୁ ଯାତାୟାତ ସମସ୍ୟା ସମ୍ପର୍କରେ ସେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏ ନେଇ ରାଜ୍ୟ ସରକାରଙ୍କୁ ଅବଗତ କରାଇବା ସହ ଆବଶ୍ୟକ ପଦକ୍ଷେପ ନେବେ ବୋଲି ରେଳମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ଫଳରେ ସମ୍ପୃକ୍ତ ଛାତ୍ରଙ୍କ ଓଠରେ ହସ ଫୁଟିଛି।

ସୂଚନା ଅନୁଯାୟୀ, ବୀରପ୍ରତାପପୁର ଗ୍ରାମ ନିକଟ ରେଳଲାଇନ୍ କାର୍ଯ୍ୟର ଅନୁଧାନ ପାଇଁ ରେଳମନ୍ତ୍ରୀ ଯାଇଥିଲେ। ରେଳମନ୍ତ୍ରୀ ଏକ ଶୋଭାଯାତ୍ରାରେ ଯାଉଥିବା ବେଳେ ହଠାତ୍ ଦ୍ୱିତୀୟ ଶ୍ରେଣୀ ଛାତ୍ର ବଦ୍ରି ପ୍ରସାଦ ପଣ୍ଡା ଗହଳି ମଧ୍ୟରେ ପଶିଆସି ତାଙ୍କ ପାଦ ତଳେ ପଡ଼ି ସମସ୍ୟା ଜଣାଇଥିଲେ। ସେ କହିଥିଲେ, ରେଲୱେ ଲେଭଲ କ୍ରସିଂ ଯୋଗୁ ପିଲାମାନେ ସ୍କୁଲରେ ପହଞ୍ଚିବା ବିଳମ୍ବ ହେଉଛି, କାରଣ ୨ କିଲୋମିଟର ରାସ୍ତା ବୁଲିବାକୁ ପଡୁଛି। ପିଲାମାନେ ପ୍ରତିଦିନ ଏତେ ରାସ୍ତା ଚାଲିକରି ଯିବା କଷ୍ଟକର ହେଉଛି। ସେହିପରି ବିଦ୍ୟାଳୟ ପରିସରରେ ଖେଳିବାକୁ କି ଖାଇବାକୁ ଜାଗା ନାହିଁ ବୋଲି ମଧ୍ୟ ଜଣାଇଥିଲେ। ଏହା ଶୁଣି ରେଳମନ୍ତ୍ରୀ ସମ୍ପୃକ୍ତ ଛାତ୍ରଙ୍କ ମୁଣ୍ଡରେ ହାତ ବୁଲାଇ ଆଶୀର୍ବାଦ ଦେବା ସହ ସମସ୍ୟାର ସମାଧାନ କରାଯିବ ବୋଲି କହିଥିଲେ। ଏ ନେଇ ବଦ୍ରି କହିଛନ୍ତି, ମନ୍ତ୍ରୀଙ୍କୁ ମୁଣ୍ଡିଆ ମାରି ଗୁହାରି ଜଣାଇଲି। ମନ୍ତ୍ରୀ ସବୁ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ମନ୍ତ୍ରୀ ବୈଷ୍ଣବ କହିଛନ୍ତି, ବୀରପ୍ରତାପପୁର ଗ୍ରାମରେ ଯାହା ସମସ୍ୟା ଥିଲା ତାହାର ସମାଧାନ ପାଇଁ ପ୍ରଶାସନିକ ତଦନ୍ତ ସରିଛି। ପୂର୍ବରୁ ଗସ୍ତ କରି ପ୍ରଶାସନକୁ ତଦନ୍ତ ଲାଗି ନିର୍ଦ୍ଦେଶ ଦେଇଥିଲି। ଆଜି ପୁଣି ଅନୁଧାନ କରିଛି। ସେହିପରି ସମ୍ପୃକ୍ତ ଛାତ୍ରଙ୍କ ଦାବି ସମ୍ପର୍କରେ ରାଜ୍ୟ ସରକାରଙ୍କୁ ଅବଗତ କରାଇବି। ଉଲ୍ଲେଖଯୋଗ୍ୟ, ବୀରପ୍ରତାପପୁର ପଞ୍ଚାୟତର ଅଧିକାଂଶ ଗ୍ରାମବାସୀ ରେଲୱେ ଲେଭଲ କ୍ରସିଂ ଦ୍ୱାରା ଯାତାୟାତ ଲାଗି ହଇରାଣ ହେଉଛନ୍ତି। ଏ ନେଇ ବିକଳ୍ପ ବ୍ୟବସ୍ଥା ନିମନ୍ତେ ରେଳମନ୍ତ୍ରୀଙ୍କୁ ପଞ୍ଚାୟତବାସୀ ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ଓ ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ରଙ୍କ ମାଧ୍ୟମରେ ନିବେଦନ କରିଥିଲେ। ସେମାନଙ୍କ ନିବେଦନ ରକ୍ଷାକରି ରେଳମନ୍ତ୍ରୀ ସେଠାକୁ ଯାଇଥିଲେ। ଏହି ସମସ୍ୟା ନେଇ ମନ୍ତ୍ରୀଙ୍କୁ ଗ୍ରାମବାସୀ ପୁଣି ନିବେଦନ କରିଥିବା ଜଣାପଡ଼ିଛି।


ମନ୍ତ୍ରୀଙ୍କୁ ବଦ୍ରି ପ୍ରସାଦ ଅଭିଯୋଗ କରୁଛନ୍ତି ।


ବୀରପ୍ରତାପପୁର ଗସ୍ତ ଅବସରରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ ଅନ୍ୟମାନେ ।


କଣାସ-ନୂଆ ଜଗନ୍ନାଥ ସଡ଼କ ସଂଯୋଗ ରାସ୍ତାରେ ସୃଷ୍ଟି ହୋଇଥିବା ଖାଲଖମା।

## କଣାସ-ନୂଆ ଜଗନ୍ନାଥ ସଡ଼କ ସଂଯୋଗ ରାସ୍ତା ଶୋଚନୀୟ

କଣାସ,୧୫।୯(ସ୍ୱ.ପ୍ର.):

କଣାସ ପଞ୍ଚାୟତ ସମିତି କାର୍ଯ୍ୟାଳୟ ନିକଟରୁ ବାହାରିଥିବା ରାସ୍ତା ପଣିଆପଡା, କଅଁରପୁର, କୋଟକଣା ଦେଇ ନୂଆ ଜଗନ୍ନାଥ ସଡ଼କରେ ସଂଯୋଗ ହୋଇଛି । ଉକ୍ତ ୬କି.ମି ରାସ୍ତା ମଧ୍ୟରୁ ୪କି.ମି. ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ ଉକ୍ତ ରାସ୍ତା ପ୍ରତି ଦୃଷ୍ଟିଦେଉ ନ ଥିବାରୁ ଦୈନନ୍ଦିନ ଛୋଟବଡ଼ ଦୁର୍ଘଟଣାମାନ ଘଟୁଥିବାର ନଜିର ରହିଛି। କଣାସଠାରୁ ପଣିଆପଡ଼ା ଗ୍ରାମ ମଧ୍ୟରେ ରାସ୍ତାରେ ବଡ଼ବଡ଼ ଖାଲଖମା ସୃଷ୍ଟି ହୋଇ ପାଣି ଜମି ରହୁଥିବାରୁ ଦୈନନ୍ଦିନ ଦୁର୍ଘଟଣାମାନ ଘଟୁଛି। କଣାସରେ କଣାସ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଓ ବିଭିନ୍ନ ବ୍ୟାଙ୍କର କର୍ମଚାରୀମାନେ ପୁରୀରେ ରହୁଥିବାରୁ ଦୈନନ୍ଦିନ ଏହି ରାସ୍ତା ଦେଇ କାର୍ଯ୍ୟାଳୟକୁ ଯିବା ଆସିବା କରୁଛନ୍ତି। ଆଳିବାଡ, ଅଣ୍ଡାଳସିଂହ, ବିଜିପୁର, ବିନ୍ଧଣ, ଖଣ୍ଡହତା, ଗଡସାହି, ଗଡିଶାଗୋଦା, ଯାମଳଗୋଦା ପଞ୍ଚାୟତର ଜନସାଧାରଣ ଦୈନନ୍ଦିନ ଏହି ରାସ୍ତା ଦେଇ କଣାସରେ ଥିବା ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ ଓ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବାଆସିବା କରୁଛନ୍ତି। ଉକ୍ତ ରାସ୍ତାଟି ଗ୍ରାମ୍ୟ ଉନ୍ନୟନ ବିଭାଗର ହୋଇଥିବାରୁ ବିଭାଗୀୟ ଅଧିକାରୀମାନେ ରାସ୍ତା ପ୍ରତି ଦୃଷ୍ଟିଦେଉ ନ ଥିବାରୁ ଜନଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ପ୍ରକାଶଥାଉକି, କିଛିଦିନ ତଳେ ଉକ୍ତ ରାସ୍ତାରେ କଣାସ ବିଡିଓ କାର୍ଯ୍ୟାଳୟରୁ କାର୍ଯ୍ୟ ସାରି ବାଇକ୍ ଯୋଗେ ପୁରୀ ଯାଉଥିବା ବେଳେ ଉକ୍ତ ରାସ୍ତାରେ ପଡିଯାଇ ଆହତ ହୋଇଥିଲେ। ତେଣୁ ଉକ୍ତ ରାସ୍ତା ପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରିବା ପାଇଁ ଦାବି ହେଉଛି।

# ବ୍ୟାଙ୍କ ଶାଖା ପରିଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

## ୨୦ରେ ବ୍ୟାଙ୍କ ସମ୍ମୁଖରେ ଧାରଣା ନିଷ୍ପତ୍ତି

ଗୋପ,୧୫।୯(ଡି.ଏନ.ଏ)

ରାଜ୍ୟ ସରକାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ବିଭିନ୍ନ ଯୋଜନା ମାଧ୍ୟମରେ ଋଣ ଯୋଗାଇ ଦେଉଛନ୍ତି। କିନ୍ତୁ ଗୋପ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଶାଖା ପରିଚାଳକ ଋଣ ସମେତ ଅନ୍ୟାନ୍ୟ କାର୍ଯ୍ୟ କରୁ ନ ଥିବା ଅଭିଯୋଗ ହେଉଛି। ତେଣୁ ଗୋପ ମହିଳା ମହାସଂଘ ପକ୍ଷରୁ ଉକ୍ତ ବ୍ୟାଙ୍କ ଶାଖା ପରିଚାଳକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କ ଅନ୍ୟାନ୍ୟ କାର୍ଯ୍ୟ କରିବା ପାଇଁ ଦାବି କରିଛନ୍ତି। ନଚେତ୍ ଶତାଧିକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଆସନ୍ତା ୨୦ତାରିଖରେ ବ୍ୟାଙ୍କ ଗେଟ୍‌ରେ ତାଲା ପକାଇ ଧାରଣା ଦେବେ ବୋଲି ବ୍ୟାଙ୍କ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଛନ୍ତି। ପ୍ରକାଶ ଯେ, ଗୋପ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ୧୯୭୬ ମସିହାରେ ଖୋଲାଯାଇଥିଲା। ଏହି ବ୍ୟାଙ୍କ ଉପରେ ଗୋପ ବ୍ଲକର ୧୦/୧୨ଟି ପଞ୍ଚାୟତର ଜନସାଧାରଣ ନିର୍ଭର କରୁଥିବା ବେଳେ ୩୦ହଜାରରୁ ଅଧିକ ଜମାକାରୀ ରହିଛନ୍ତି। ହେଲେ ଏହି ବ୍ୟାଙ୍କରେ ବ୍ଲକର ୪୯୨୦ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରାୟ ୫ ହଜାରରୁ ଅଧିକ ଜମା ଖାତାରେ ଲକ୍ଷାଧିକ ଟଙ୍କା ରହିଛି। କିନ୍ତୁ ବ୍ୟାଙ୍କ ଶାଖା ପରିଚାଳକ ଗୋଷ୍ଠୀ ମହିଳାଙ୍କୁ ସରକାରୀ ଋଣ, ଜମା ଖାତା ଅପଡେଟ, ନୂତନ ମହିଳା ଗୋଷ୍ଠୀର ଖାତା ନ ଖୋଲିବା, ବିଭିନ୍ନ କାର୍ଯ୍ୟ ଲାଗି ଯାଉଥିବା ମହିଳାଙ୍କୁ ବାରମ୍ବାର ଦୌଡ଼ାଇବା ସହିତ କିଛି ବ୍ୟାଙ୍କ କାର୍ଯ୍ୟ କରୁ ନାହାନ୍ତି। ଏ ନେଇ ଗୋପ ମହିଳା ମହାସଂଘ ସଭାନେତ୍ରୀ ମିନାକ୍ଷୀ ପୁଷ୍ଟି ଉକ୍ତ ବ୍ୟାଙ୍କର ଉଚ୍ଚ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ। କିନ୍ତୁ କୌଣସି ଅଧିକାରୀ ଏହି ଅଭିଯୋଗକୁ ଗୁରୁତ୍ୱ ନ ଦେବାରୁ ଏପରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସଭାନେତ୍ରୀ ପୁଷ୍ଟି ସୂଚନା ଦେଇଛନ୍ତି। ଏ ଅଭିଯୋଗ ସମ୍ପର୍କରେ ଗୋପ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର ଶାଖା ପରିଚାଳକ ସବ୍ୟସାଚୀ ସେଠୀଙ୍କୁ ପଚାରିବାରେ ବ୍ୟାଙ୍କରେ କର୍ମଚାରୀ ଅଭାବକୁ ନେଇ କାର୍ଯ୍ୟ ବିଳମ୍ବିତ ହେଉଥିବା କହିଛନ୍ତି।

# ୫ ଲକ୍ଷର ବ୍ରାଉନସୁଗାର ଜବତ, ୩ ଗିରଫ

ପୁରୀ ଅଫିସ,୧୫।୯

ବ୍ରାଉନସୁଗାର କାରବାର ଅଭିଯୋଗରେ ବଳିଆପଣ୍ଡା ଥାନା ପୋଲିସ ଗୁରୁବାର ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଗଞ୍ଜାମ ଜିଲା ଆସ୍କପୁଆ ଥାନା ଅଞ୍ଚଳର ରାମକୃଷ୍ଣ ଲେଙ୍କା(୨୫), ବେଲଗୁଣ୍ଠ ଥାନା ସରପାଲି ଗ୍ରାମର ମିଳନ ବେହେରା(୨୬) ଓ ପୁରୀ ସଦର ଥାନା ଅନ୍ତର୍ଗତ ଗୋରୁଆଳ ନୂଆପାଟଣା ଗ୍ରାମର ମଦନମୋହନ ବରାଳ (୨୬)। ପୋଲିସ ସେମାନଙ୍କ ନିକଟରୁ ଏକ ପଲିଥିନରେ ୫୭.୫ ଗ୍ରାମର ବ୍ରାଉନସୁଗାର୍ ଜବତ କରିବା ସହ ୩ଟି ମୋବାଇଲ, ଗୋଟିଏ ବାଇକ୍, ନଗଦ ୧ ହଜାର ଟଙ୍କା ଏବଂ ଆଧାର କାର୍ଡ ଜବତ କରିଛି। ଜବତ ବ୍ରାଉନସୁଗାରର ମୂଲ୍ୟ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ପୋଲିସ କହିଛି। ଏ ନେଇ ପୋଲିସ ଏକ ମାମଲା(ନଂ.୧୧୭/୨୨) ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, ଗୁରୁବାର ସକାଳ ପ୍ରାୟ ୮ଟା ୧୦ରେ କେତେଜଣ ବ୍ୟକ୍ତି ବ୍ରାଉନ ସୁଗାର ନେଇ ନୂଆ ବାଇପାସ ରୋଡସ୍ଥିତ ଆପାର୍ଟମେଣ୍ଟ ନିକଟରେ କାରବାର କରୁଛନ୍ତି। ବିଶେଷ ସୂତ୍ରରୁ ପୋଲିସ ଖବରପାଇ ଏକ ଟିମ ସହ ସେଠାରେ ଚଢାଉ କରିଥିଲେ। ଚଢ଼ାଉରେ ୩ ଜଣ ଯୁବକଙ୍କୁ ଗିରଫ କରି ତାଙ୍କ ନିକଟରୁ ବ୍ରାଉନ ସୁଗାର ଜବତ କରିଥିଲେ।

# ରାୟଗଡ଼ାରୁ ନିଖୋଜ ନାବାଳକ ପୁରୀରୁ ଉଦ୍ଧାର

## ପାଠପଢ଼ା ଚିନ୍ତାରେ ଘରୁ ଚାଲିଆସିଥିଲେ

ପୁରୀ ଅଫିସ,୧୫।୯:

ରାୟଗଡ଼ା ଜିଲା ଥେରୁବାଲି ଅଞ୍ଚଳର ଜଣେ ନିଖୋଜ ନାବାଳକଙ୍କୁ ଗୁରୁବାର ପୂର୍ବାହ୍ନରେ ପୁରୀ ରେଳଷ୍ଟେଶନରୁ ଆର୍‌ପିଏଫ୍ ଉଦ୍ଧାର କରିଛି। ସମ୍ପୃକ୍ତ ନାବାଳକ ହେଲେ ଥେରୁବାଲି ଅଞ୍ଚଳର ଅଶୋକ ସେନାପତିଙ୍କ ପୁଅ ନିତେଶ ସେନାପତି(୧୫)। ନିତେଶଙ୍କୁ ପ୍ରଥମେ ରେଲୱେ ଚାଇଲ୍ଡଲାଇନ ଓ ପରେ ସିଡବ୍ଲ୍ୟୁସିରେ ହାଜର କରାଯାଇଥିଲା। ପରେ ଅପରାହ୍ନ ୨ଟାରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଆର୍‌ପିଏଫ୍ ଇନ୍ସପେକ୍ଟର ଅପରେଶ ବେହେରା ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ପାଠପଢ଼ାକୁ ନେଇ ନିତେଶ ଚିନ୍ତାରେ ଥିବାବେଳେ ଘର ଲୋକଙ୍କ ଉପରେ ରାଗି ପୁରୀ ପଳାଇ ଆସିଥିଲେ। ନିତେଶଙ୍କୁ ନ ପାଇ ପରିବାରବର୍ଗ ରାୟଗଡ଼ା ଜିଲାର ଚାନ୍ଦିଲି ଥାନାରେ ଅପହରଣ ଅଭିଯୋଗ କରିଥିଲେ। ତଦନ୍ତରୁ ନିତେଶ ପୁରୀ ଚାଲିଆସିଥିବା ଜଣାପଡ଼ିଥିଲା। ଏ ନେଇ ଚାନ୍ଦିଲି ଥାନା ପୋଲିସ ପୁରୀ ଆର୍‌ପିଏଫ୍‌କୁ ବୁଧବାର ରାତିରେ ଜଣାଇଥିଲେ। ଏହାପରେ ଆର୍‌ପିଏଫ୍ ଟିମ୍ ଖୋଜାଖୋଜି କରିଥିଲେ। ଗୁରୁବାର ସକାଳେ ନିତେଶଙ୍କୁ ଠାବ କରିବା ପରେ ତାଙ୍କ ପରିବାରକୁ ଖବର ଦେଇଥିଲେ। ନିତେଶଙ୍କ ମା' ଓ ବାପା ପୁରୀ ଆସି ତାଙ୍କୁ ସାଙ୍ଗରେ ନେଇ ଘରକୁ ଫେରିଥିବା ଜଣାପଡ଼ିଛି।

# ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଶାନ୍ତି ଶୋଭାଯାତ୍ରା


ନିମାପଡ଼ାରେ ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ବାହାରିଥିବା ଶାନ୍ତି ଶୋଭାଯାତ୍ରା।

ନିମାପଡ଼ା,୧୫।୯(ଡି.ଏନ୍.ଏ.):

ନିମାପଡ଼ାରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ସ୍ୱଚ୍ଛ ସବୁଜ ଭାରତ କାର୍ଯ୍ୟକ୍ରମ, ଆଜାଦୀ କା ଅମୃତ ମହୋତ୍ସବ, ଶାନ୍ତି ଶୋଭାଯାତ୍ରା, ଚାରାରୋପଣ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଏନ୍‌ଏସି ଉପାଧ୍ୟକ୍ଷ ସନ୍ତୋଷ ଦାଶ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଶ୍ୱବିଦ୍ୟାଳୟର ବ୍ରହ୍ମାକୁମାରୀ ଭଉଣୀ ସୁବାଷିନୀ, କୁନ୍ତଳା, ସୁଷମା, ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ, ଉଦ୍ଦେଶ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ। ବିଶ୍ୱବିଦ୍ୟାଳୟର ଶତାଧିକ ଭଉଣୀ ଭାଇଙ୍କ ଏକ ଶାନ୍ତି ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ବୃକ୍ଷ ହିଁ ଜୀବନ, ବୃକ୍ଷ ହିଁ ଦେବତା, ବୃକ୍ଷ ବଞ୍ଚିଲେ ଆମେ ବଞ୍ଚିବା, ସାରା ଜଗତ ବଞ୍ଚିବ ବୋଲି ଶୋଭାଯାତ୍ରାରେ ଭଉଣୀ ଭାଇମାନେ ବାର୍ତ୍ତା ବାଣ୍ଟିଥିଲେ। ଏହି ଅବସରରେ ଅମୃତ ମହୋତ୍ସବର ଗରିମା ଉପରେ ଅତିଥିମାନେ ଆଲୋଚନା କରିଥିଲେ। ଆୟୋଜିତ ଚାରାରୋପଣ କାର୍ଯ୍ୟକ୍ରମରେ ଭଉଣୀ ଭାଇମାନେ ନିମାପଡ଼ା ଥାନା, କୋର୍ଟ ପରିସର, କୋର୍ଟ ରାସ୍ତାରେ ବିଭିନ୍ନ କିସମ ବୃକ୍ଷର ଚାରାରୋପଣ କରି ସବୁଜ ବିପ୍ଳବ ସୃଷ୍ଟି ପାଇଁ ଆହ୍ୱାନ ଦେଇଥିଲେ।

# ଜଳ ନିଷ୍କାସନରେ ବାଧକ କଳିକତି ଦଳ



କଣାସ,୧୫।୯(ସ୍ୱ.ପ୍ର.):

ବନ୍ୟା ଛାଡିଗଲା ପରେ ମଧ୍ୟ କଣାସ ଅଞ୍ଚଳରେ ପ୍ରବାହିତ ହେଉଥିବା ଦୟା ଓ ଲୁଣାନଦୀର ମଧ୍ୟବର୍ତ୍ତୀ ଅଞ୍ଚଳରୁ ବର୍ତ୍ତମାନ ସୁଦ୍ଧା ବନ୍ୟା ଓ ବର୍ଷାଜଳ କମୁ ନାହିଁ। ଧାନଜମିରେ ୩ରୁ ୪ଫୁଟ୍‌ର ଜଳ ଲହଡା ଭାଙ୍ଗୁଥିବା ବେଳେ ଅନେକ ଧାନଜମିରେ ଫୁଲ ଫୁଟିଗଲାଣି। ଖବର ଅନୁଯାୟୀ, ଦୟା ଓ ଲୁଣାନଦୀକୁ ନିଷ୍କାସନ ପାଇଁ ଥିବା ଆରଦଙ୍ଗାନାଳ, ସୁହାଗପୁର ନାଳ ଓ ସିରେଇ ନାଳ ଏବଂ ଅନେକ ଛୋଟଛୋଟ ନାଳରେ କଳିକତି ଦଳ ଜମା ହୋଇଥିବାରୁ ବର୍ଷା ଓ ବନ୍ୟାଜଳ ନଦୀକୁ ନିଷ୍କାସନ ହୋଇପାରୁନାହିଁ। ଫଳରେ କଣାସ ବ୍ଲକର ତ୍ରିଲୋଚନପୁର, କଣାସ, ସିରେଇ, ଅଣ୍ଡାଳସିଂହ, ବିଜିପୁର, ବିନ୍ଧଣ, ଗଡସାହି, ଖଣ୍ଡହତା, ଆଳିବାଡ, ଯାମଳଗୋଦା, ଗଡିଶାଗୋଦା ପଞ୍ଚାୟତର ଧାନଜମିରେ ବର୍ଷା ଓ ବନ୍ୟାଜଳ କମୁ ନାହିଁ। ଆରଦଙ୍ଗା ଓ ସୁହାଗପୁର ନାଳରେ ପ୍ରଚୁର କଳିକତି ଦଳ ଥିବାରୁ ଜଳ ନିଷ୍କାସନରେ ବ୍ୟାଘାତ ସୃଷ୍ଟି କରୁଛି। ଉକ୍ତ ନାଳଗୁଡିକ ଦୀର୍ଘଦିନର ହୋଇଥିବାରୁ ବିଭାଗୀୟ ଉଚ୍ଚ ଅଧିକାରୀମାନେ ତୁରନ୍ତ ନାଳଗୁଡିକରୁ ଦଳସଫା କରି ଜଳ ନିଷ୍କାସନ କରିବାପାଇଁ କଣାସ ଅଞ୍ଚଳର ଚାଷୀମାନେ ଦାବି କରିଛନ୍ତି।

# ଶିକ୍ଷାନୁଷ୍ଠାନରେ ତାଲା ପକାଇ ଛାତ୍ରୀଛାତ୍ରଙ୍କ ବିକ୍ଷୋଭ

## ବଦଳି ଶିକ୍ଷକଙ୍କ ପୁନଃ ନିଯୁକ୍ତି ଦାବି

ସାକ୍ଷୀଗୋପାଳ,
୧୫।୯(ସ୍ୱ.ପ୍ର./ଡି.ଏନ.ଏ.)

ସତ୍ୟବାଦୀ ବ୍ଲକରେ ଥିବା ସରକାରୀ ପ୍ରାଥମିକ ଶିକ୍ଷକ ଶିକ୍ଷାନୁଷ୍ଠାନ (ସିଟି ସ୍କୁଲ)ର ଜଣେ ଶିକ୍ଷକଙ୍କ କିଛିଦିନ ତଳେ ଅନ୍ୟତ୍ର ବଦଳି ହୋଇଯାଇଛି। ଶିକ୍ଷାନୁଷ୍ଠାନରେ ଶିକ୍ଷକ କମ୍ ଥିବାବେଳେ ଶିକ୍ଷକ ନିଯୁକ୍ତି କରିବା ବଦଳରେ ବଦଳି କରାଯାଇଥିବାରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଫଳରେ ବଦଳି ଶିକ୍ଷକଙ୍କ ପୁନଃ ନିଯୁକ୍ତି ଦାବିରେ ଗୁରୁବାର ଛାତ୍ରୀଛାତ୍ରୀମାନେ ଶିକ୍ଷାନୁଷ୍ଠାନରେ ତାଲା ପକାଇ ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଖବରପାଇ ଏହି ଶିକ୍ଷାନୁଷ୍ଠାନର ଭାରପ୍ରାପ୍ତ ଅଧ୍ୟକ୍ଷା ଜସ୍ମିନ ପଟ୍ଟନାୟକ ଘଟଣାସ୍ଥଳରେ ପହଞ୍ଚି ଧାରଣାରତ ଛାତ୍ରୀଛାତ୍ରଙ୍କୁ ବୁଝାଶୁଝା କରିବା ପରେ ତାଲା ଖୋଲିବା ସହ ବିକ୍ଷୋଭରୁ ଓହରିଥିଲେ।

ସୂଚନା ଅନୁଯାୟୀ, ଚଳିତ ମାସରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ କରାଯାଇଥିଲା। ଏଥିରେ ଥିବା ନିର୍ଦ୍ଦେଶ ଅନୁଯାୟୀ ସରକାରୀ ପ୍ରାଥମିକ ଶିକ୍ଷକ ଶିକ୍ଷା ଅନୁଷ୍ଠାନର ବିଜ୍ଞାନ ଶିକ୍ଷକ ମନୋରଞ୍ଜନ ମିଶ୍ରଙ୍କ ପଦୋନ୍ନତି ଭିତ୍ତିରେ ରାଇଚକ୍ରଧରପୁର ହାଇସ୍କୁଲକୁ ବଦଳି କରାଯାଇଥିଲା। ଏହି ଘଟଣା ଜଣାପଡିବା ପରେ ଛାତ୍ରୀଛାତ୍ରମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ତେଣୁ ବିଜ୍ଞାନ ଶିକ୍ଷକଙ୍କୁ ପୁନଃ ନିଯୁକ୍ତି ଦାବିରେ ଗୁରୁବାର ଅପରାହ୍ନ ୧୦ଟାରେ ଛାତ୍ରୀଛାତ୍ରମାନେ ଶିକ୍ଷାନୁଷ୍ଠାନ ଫାଟକରେ ତାଲା ପକାଇ ବିକ୍ଷୋଭ କରିଥିଲେ। ଫଳରେ ଅନୁଷ୍ଠାନର ଭାରପ୍ରାପ୍ତ ଅଧ୍ୟକ୍ଷ ପଟ୍ଟନାୟକଙ୍କ ସହ ଶିକ୍ଷୟିତ୍ରୀ ରୂପାଲି ଅପରାଜିତା ମହାନ୍ତି, ଲାଇବ୍ରେରିଆନ ରାଜେଶ ମଲ୍ଲିକ, ପିଟି ଯୁଧିଷ୍ଠିର ସାହୁ ପ୍ରମୁଖ ପ୍ରବେଶ କରିପାରି ନ ଥିଲେ। ଦୀର୍ଘ ସମୟ ପରେ ଅଧ୍ୟକ୍ଷଙ୍କ ସହ ଛାତ୍ରୀଛାତ୍ରଙ୍କ ଆଲୋଚନା ହୋଇଥିଲା। ଛାତ୍ରୀଛାତ୍ର କରିଥିବା ଦାବି ଅନୁଯାୟୀ, ଏହି ଶିକ୍ଷାନୁଷ୍ଠାନରେ ୮୪ଜଣ ଛାତ୍ରୀଛାତ୍ର ପ୍ରଶିକ୍ଷଣ ନେଉଛନ୍ତି। ଅନୁଷ୍ଠାନରେ ମାତ୍ର ଦୁଇଜଣ ଶିକ୍ଷକ ରହିଛନ୍ତି। ଜଣେ ବିଜ୍ଞାନ ଓ ଅନ୍ୟ ଜଣେ କଳା ଶିକ୍ଷକ। ଆଉ କିଛିଦିନ ପରେ ପରୀକ୍ଷା ଥିବାବେଳେ ହଠାତ୍ ବିଜ୍ଞାନ ଶିକ୍ଷକଙ୍କ ବଦଳି ଯୋଗୁ ପଢ଼ାରେ ଅସୁବିଧା ହେବ। ଆଗକୁ ଜଣେ ଶିକ୍ଷକରେ କିଭଳି ଅନୁଷ୍ଠାନ ଚାଲିବ। ତେଣୁ ବିଜ୍ଞାନ ଶିକ୍ଷକଙ୍କୁ ପୁନଃ ଅବସ୍ଥାପିତ କରା ନ ଯିବା ପର୍ଯ୍ୟନ୍ତ ଧାରଣା ଚାଲୁ ରହିବ। ସେପଟେ ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷ ପଟ୍ଟନାୟକ କହିଛନ୍ତି, ଏହି ସମସ୍ୟାର ସମାଧାନ ପାଇଁ ଏସ୍‌ସିଇଆରଟିକୁ ଜଣାଇଛୁ। ଖୁବ୍‌ଶୀଘ୍ର କୌଣସି ଉତ୍ତର ଆସିଲେ ସେ ଅନୁଯାୟୀ ନିଷ୍ପତ୍ତି ନିଆଯିବ।


ଭାରପ୍ରାପ୍ତ ଅଧ୍ୟକ୍ଷା ଜସ୍ମିନ ପଟ୍ଟନାୟକ ଧାରଣାରତ ଛାତ୍ରୀଛାତ୍ରଙ୍କୁ ବୁଝାଶୁଝା କରୁଛନ୍ତି ।

## ଜିଲା ଯୋଜନା ବୋର୍ଡ ସଦସ୍ୟାଙ୍କୁ ସମ୍ବର୍ଦ୍ଧନା

ତିଗିରିଆ (ଡି.ଏନ.ଏ) :ତିଗିରିଆ ବ୍ଲକ ୧୫ ନଂ. ଜୋନ୍ ଜିଲା ପରିଷଦ ସଭ୍ୟା ସସ୍ମିତା ରାଉତ କଟକ ଜିଲା ଯୋଜନା ବୋର୍ଡ ସଦସ୍ୟା ଭାବେ ନିର୍ବାଚିତ ହୋଇଛନ୍ତି। ଏନେଇ ତାଙ୍କୁ ଗୁରୁବାର ତିଗିରିଆ ବ୍ଲକ ବିଜେଡି ତରଫରୁ ଫୁଲ ତୋଡ଼ା ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଛି। ଏହି ସମୟରେ ବିଜେଡି ଯୁବ ସଂଗଠକ ବିଜୟ ବଲିୟାର ସିଂ, ଛାତ୍ର ବିଜେଡ଼ି ସାଧାରଣ ସମ୍ପାଦକ ଶକ୍ତି ପ୍ରସାଦ ସାହୁ, ଉପସଭାପତି ରାଜେଶ କୁମାର ସାହୁ, ସାଧାରଣ ସମ୍ପାଦକ ଶୁଭେନ୍ଦୁ ସାହୁ, ଶିବପ୍ରସାଦ ଦାସ ଓ ସୌମ୍ୟରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ସାପ କାମୁଡ଼ାରେ ଶିଶୁକନ୍ୟା ମୃତ

ବଡ଼ମ୍ବା, ୧୫।୯ (ଡି.ଏନ.ଏ) : ବଡ଼ମ୍ବା ଥାନା ଅନ୍ତର୍ଗତ ଗୋବର୍ଦ୍ଧନପୁର ଗ୍ରାମରେ ସାପ କାମୁଡ଼ାରେ ଜଣେ ଶିଶୁ କନ୍ୟାର ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ଟୁଲୁ ସାହୁଙ୍କ ଝିଅ ସରସ୍ୱତୀ (୨)। ବୁଧବାର ରାତିରେ ସରସ୍ୱତୀ ଘରେ ଶୋଇଥିବା ବେଳ ଏକ ବିଷଧର ସାପ ତାକୁ କାମୁଡ଼ି ଦେଇଥିଲା। ଚିକିତ୍ସା ଲାଗି ତାକୁ କଟକ ନିଆଗଲାବେଳେ ବାଟରେ ତାର ମୃତ୍ୟୁ ହୋଇଛି।

### ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଏକାଧିକ କୋଠା ଶୁଭାରମ୍ଭ

ସାଲେପୁର,୧୫।୯(ଡି.ଏନ୍.ଏ.): ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ପ୍ରାୟ ୧କୋଟିରୁ ଉର୍ଦ୍ଧ୍ୱ ଟଙ୍କାରେ ନିର୍ମିତ ଏକାଧିକ ବିଲ୍ଡିଂର ଗୁରୁବାର ଶୁଭରମ୍ଭ ହୋଇଛି। ବାଲିସାହି ପୂର୍ବତନ ସରପଞ୍ଚ ସରସ୍ୱତୀ ବେହେରାଙ୍କ ପ୍ରତିନିଧି ଜୟରାମ ବେହେରାଙ୍କ ତତ୍ତ୍ୱାବଧାନରେ ମୁଖ୍ୟ ଅତିଥି ଭାବେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଯୋଗଦେଇ ଏହି ଉନ୍ନୟନମୂଳକ କାର୍ଯ୍ୟର ଉଦ୍‌ଘାଟନ କରିଥିଲେ। ଏଥିରେ ସାଲେପୁର ପଞ୍ଚାୟତ ସମିତି ଅଧକ୍ଷ ରାମଚନ୍ଦ୍ର ଭୋଇ, ପଞ୍ଚାୟତ ସମିତି ଉପାଧକ୍ଷଙ୍କ ପ୍ରତିନିଧି ବିଶ୍ୱଜିତ୍ ବିଶ୍ୱାଳ, ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ଡା.ବିଜୟ ପ୍ରଧାନ, କନିଷ୍ଠ ଯନ୍ତ୍ରୀ ତପନ ବେହେରା, ବାଲିସାହି ସରପଞ୍ଚ ପବିତ୍ର ସାମଲ, ସମିତିସଭ୍ୟା ଗୌତମୀ ମଲ୍ଲିକ, ଜିଲାପରିଷଦ ସଦସ୍ୟା ନମିତା ସେଠୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଥିଲେ। ଏଥିସହ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନିର୍ମାଣ ହୋଇଥିବା ରୋଗୀ ପରିଚାରକ ଗୃହ, ବହିର୍ବିଭାଗର ନୂତନ ଗୃହ, ଚକ୍ଷୁ ବିଭାଗର ନୂତନ ଗୃହ ଉଦ୍‌ଘାଟନ କରିଥିଲେ। ନବକିଶୋର କର, ବିରଞ୍ଚି ନାରାୟଣ କର ପ୍ରମୁଖ ଏହାକୁ ପରିଚାଳନା କରିଥିଲେ।

### ଓଡ଼ିଶା କୃଷକ ସଭା ସମ୍ମିଳନୀ

ମଙ୍ଗୁଳି, ୧୫।୯(ଡି.ଏନ୍.ଏ.): ଓଡ଼ିଶା କୃଷକ ସଭା ଟାଙ୍ଗୀ-ଚୌଦ୍ୱାର ବ୍ଲକ କମିଟି ପକ୍ଷରୁ ୩ୟ ସମ୍ମିଳନୀ ଶାଳଗାଁସ୍ଥିତ ଶାଳେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ କଟକ ଜିଲା କୃଷକ ସଭା ଉପସଭାପତି ବଦ୍ରି ନାରାୟଣ ଦାସ ଉଦ୍‌ଘାଟନ କରିଥିଲେ। ଶାଳଗାଁର ପୂର୍ବତନ ସମିତି ସଭ୍ୟ ରମେଶ ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ଶତାଧିକ କୃଷକ ଯୋଗଦେଇଥିଲେ। ସଙ୍ଗଠନର ଜିଲା ସମ୍ପାଦକ ଡମ୍ବରୁଧର ସାହୁ, କୃଷକନେତା ବିଷ୍ଣୁ ବେହେରା ପ୍ରମୁଖ ଏଥିରେ ଯୋଗଦେଇ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ କୃଷକ-ଶ୍ରମିକ ମାରଣ ନୀ ତି ଉପରେ ଆଲୋଚନା କରିଥିଲେ। ବିଶେଷକରି କେନ୍ଦ୍ର ସରକାର ଏମ୍‌ଏସ୍‌ପି ପାଇଁ ଆଇନଗତ ବ୍ୟବସ୍ଥା ନ କରିବା, କୃଷି ଋଣ ଛାଡ଼ ନ କରିବା, ରାସାୟନିକ ସାରର କଳାବଜାରୀ ନ ରୋକିବା, ଦେଶରେ ୫୦ ପ୍ରତିଶତ ଜମିକୁ ଜଳସେଚନ ନ ହେବା, ଭାଗଚାଷୀ ଅଭାବୀ ବିକ୍ରିର ସମ୍ମୁଖୀନ ହେବା, ଚାଷୀ ଓ ଭାଗଚାଷୀଙ୍କୁ ସରକାରୀ ପ୍ରୋତ୍ସାହନ ନ ମିଳିବା ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ଅବସରରେ ନୂତନ କମିଟି ଗଠନ କରାଯାଇଥିଲା। ସଭାପତି ଭାବେ ରମେଶ ଚନ୍ଦ୍ର ବେହେରା ଓ ସମ୍ପାଦକ ଭାବେ ମଳୟ କୁମାର ପୃଷ୍ଟିଙ୍କୁ ଚୟନ କରାଯାଇଥିଲା। ଆଗାମୀ ଦିନରେ ସଙ୍ଗଠନକୁ ମଜବୁତ ପାଇଁ ଉଦ୍ୟମ କରାଯିବ ବୋଲି ରମେଶ କହିଛନ୍ତି। ଏହି ସମ୍ମିଳନୀରେ ଚନ୍ଦ୍ରମୋହନ ମାଝୀ, ମୁକୁନ୍ଦ କୁଇଁକଲ, ପ୍ରେମାନନ୍ଦ ଜେନା, ବିଶ୍ୱରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ମଙ୍ଗୁଳି-ଧୂମାବତୀ ରାସ୍ତା ଶୋଚନୀୟ

**■ଖାଲଖମା ଯୋଗୁ ଘଟୁଛି ଦୁର୍ଘଟଣା**
**■ଯାତାୟାତରେ ସମସ୍ୟା**

ମଙ୍ଗୁଳି,୧୫।୯(ଡି.ଏନ୍.ଏ.)

୫୫ନଂ. ଜାତୀୟ ରାଜପଥର ମଙ୍ଗୁଳିଠାରୁ ଧୂମାବତୀ ପର୍ଯ୍ୟନ୍ତ ୪ କି.ମି. ରାସ୍ତା ଶୋଚନୀୟ ହୋଇପଡିଛି। ଏହି ରାସ୍ତାର ଅଧିକାଂଶ ସ୍ଥାନରେ ଖାଲଖମା ହୋଇଥିବାବେଳେ ବର୍ଷା ହେଲେ ସେଥିରେ ପାଣି ଜମି ରହୁଛି। ଫଳରେ ପଥଚାରୀମାନେ ଏହି ଖାଲରେ ପଡି ଆହତ ହେଉଛନ୍ତି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ଓ ପଥଚାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଆଗକୁ ଦୁର୍ଗାପୂଜା ଆସୁଥିବାରୁ ତୁରନ୍ତ ରାସ୍ତା ମରାମତି କରିବା ପାଇଁ ସେମାନେ ଦାବି କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ସମ୍ବଲପୁର, ଢେଙ୍କାନାଳ, ରାଉରକେଲା ଯିବା ପାଇଁ ଏହା ଏକ ପ୍ରମୁଖ ରାସ୍ତା। ପ୍ରାୟ ୫ ବର୍ଷ ହେବ ରାସ୍ତା ସମ୍ପ୍ରସାରଣ ପାଇଁ ଏହାକୁ ତାଡି ଦିଆଯାଇଛି। ହେଲେ ମରାମତି କରାଯାଉ ନ ଥିବାରୁ ରାସ୍ତା ଅବସ୍ଥା ବେହାଲ ହୋଇପଡିଛି। ଗାଡି ଚାଳକ ଓ ପଥଚାରୀମାନେ ଏହି ବାଟ ଦେଇ ଯାତାୟାତ କରିବା ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି କି ପ୍ରତିଦିନ ଦୁର୍ଘଟଣା ମଧ୍ୟ ଘଟୁଛି। ପ୍ରତିବର୍ଷ ବର୍ଷାଦିନେ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ(ଏନ୍‌ଏଚ୍‌ଏଆଇ)ଙ୍କ ପକ୍ଷରୁ ରାସ୍ତାର ଖାଲ ହୋଇଥିବା ସ୍ଥାନରେ କୋଇଲା ଛାଇ ପକେଇ ସମତୁଲ କରାଯାଇଥାଏ। ହେଲେ ଅସରାଏ ବର୍ଷା ହେଲେ ଏହା



ଧୋଇ ହୋଇଯାଏ। ପ୍ରତିବର୍ଷ ରାସ୍ତା ମରାମତି ପାଇଁ ସ୍ୱତନ୍ତ୍ର ବ୍ୟୟବରାଦ କରାଯାଉଥିଲେ ମଧ୍ୟ ଅବସ୍ଥାରେ ସୁଧାର ଆସୁନାହିଁ ବୋଲି ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିଛନ୍ତି। ଏ ନେଇ ମଙ୍ଗୁଳି ଟ୍ରକ୍ ଆସୋସିଏଶନ ସଭାପତି ନରେନ୍ଦ୍ର ରାଉତରାଏ କହିଛନ୍ତି, ରାସ୍ତା ଅବସ୍ଥା ଶୋଚନୀୟ ଯୋଗୁ ଅଧିକାଂଶ ସମୟରେ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ଏହି ବାଟରେ ଯାତାୟାତ କଲେ ଗାଡ଼ି ମେଣ୍ଟେନାନ୍ସ ଖୋଜୁଛି। ସେହିପରି ସାମାଜିକ କର୍ମୀ କୃଷ୍ଣଚନ୍ଦ୍ର ଦାସ କହିଛନ୍ତି, ପ୍ରତିଦିନ ଏହି ରାସ୍ତାରେ ଶତାଧିକ ଜନସାଧାରଣ ଯାତାୟାତ କରୁଛନ୍ତି। ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଥିଲେ ମଧ୍ୟ ମରାମତି ଦିଗରେ ଦାୟିତ୍ୱରେ ଥିବା ଅଧିକାରୀ ଧ୍ୟାନ ଦେଉନାହାନ୍ତି। ସ୍ଥାନୀୟ ମୁଣ୍ଡମାଳ ଗ୍ରାମର ଏଲ୍‌ଆଇସି ଏଜେଣ୍ଟ ଚିତ୍ତରଞ୍ଜନ କର କହିଛନ୍ତି, ସୋମବାର ସକାଳେ ଅଫିସ କାମରେ ବାଇକ୍‌ରେ ଯାଉଥିବାବେଳେ ମଙ୍ଗୁଳି ଓଭରବ୍ରିଜ୍ ନିକଟ ରାସ୍ତା ମଝିରେ ଥିବା ବଡ଼ ଖାଲରେ ଭାରସାମ୍ୟ ହରାଇ ପଡିଯାଇଥିଲି। ଫଳରେ ମୋ ବାମଗୋଡର ଆଣ୍ଠୁରେ ଆଘାତ ଲାଗିଛି। ସମସ୍ୟା ସମ୍ପର୍କରେ ଜାତୀୟ ରାଜପଥ ବିଭାଗର କନିଷ୍ଠଯନ୍ତ୍ରୀ ଦେବୀ ପ୍ରସାଦ ଦାସଙ୍କୁ ପଚାରିବାରୁ ଆସନ୍ତା ୨ ଦିନ ମଧ୍ୟରେ ଖାଲ ମରାମତି କରାଯିବ ବୋଲି କହିଥିଲେ।

## ବିତ୍ତୀୟ ସାକ୍ଷରତା ସଚେତନତା ଶିବିର

ତିଗିରିଆ,୧୫।୯(ଡି.ଏନ.ଏ)

ତିଗିରିଆ ବ୍ଲକ ଅନ୍ତର୍ଗତ ପାଞ୍ଚଗାଁସ୍ଥିତ ପଞ୍ଚାୟତ କାର୍ଯ୍ୟାଳୟରେ ମହିଳା ଗୋଷ୍ଠୀର କର୍ମକର୍ତ୍ତାଙ୍କୁ ନେଇ ବିତ୍ତୀୟ ସାକ୍ଷରତା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ସଭ୍ୟ ସଞ୍ଜୟ ମଲ୍ଲିକ, ସମ୍ମାନିତ ଅତିଥିଭାବେ ସରପଞ୍ଚ ନିରଞ୍ଜନ ଦଳେଇ, ସମିତି ସଭ୍ୟ ପ୍ରକାଶ ବେହେରା, ଓକିଲ ରଘୁନାଥ ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ଧନ ଫାଉଣ୍ଡେଶନ ମୁମ୍ବାଇର ସିଏଫଏଲ ସଂଯୋଜକ ଲୋପାମୁଦ୍ରା ପଣ୍ଡା ଏବଂ ସିଏଫଏଲର କ୍ଷେତ୍ରାଧିକାରୀ ସହଯୋଗୀ ପୁଷ୍ପାଞ୍ଜଳି ପଣ୍ଡା ଯୋଗଦେଇ ମହିଳାଙ୍କୁ ଅର୍ଥ ସଞ୍ଚୟ ସହ ବୀମା କରି କିପରି ପରିବାର ଓ ନିଜର ସୁରକ୍ଷା କରାଯାଇପାରିବ ସେ ସମ୍ପର୍କରେ କହିଥିଲେ। ଶିବିରରେ ପାଞ୍ଚଗାଁ ମହିଳା ଗୋଷ୍ଠୀର ସଭାନେତ୍ରୀ ସସ୍ମିତା ନାୟକଙ୍କ ସମେତ ଅନ୍ୟ ମହିଳାମାନେ ଉପସ୍ଥିତ ଥିଲେ।

# କୃଷି କ୍ଷେତ୍ରରେ ମହିଳାଙ୍କୁ ସ୍ୱାବଲମ୍ବୀ କରିବା ସରକାରଙ୍କ ଉଦ୍ଦେଶ୍ୟ

ଆଠଗଡ଼,୧୫।୯(ସ୍ୱ.ପ୍ର.)

ଆଠଗଡ଼ ବ୍ଲକ କୃଷକ ସୂଚନା ଓ ପରାମର୍ଶ କେନ୍ଦ୍ର (ଆତ୍ମା) ଆନୁକୂଲ୍ୟରେ ଆଠଗଡ଼ ଏନ୍‌ଏସି କାର୍ଯ୍ୟାଳୟସ୍ଥିତ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ଗୁରୁବାର ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ବିଭିନ୍ନ ପାଣି ପଞ୍ଚାୟତର ସଭ୍ୟାସଭ୍ୟ, କୃଷକ ସାଥୀ, ସେବା ସମବାୟ ସମିତି ସଭାପତି ଓ ବିଭିନ୍ନ ଅଞ୍ଚଳର ଅଗ୍ରଣୀ କୃଷକମାନେ ଉପସ୍ଥିତ ଥିଲେ। ଆତ୍ମାର ଅଧକ୍ଷ ରବୀନ୍ଦ୍ରନାଥ ରାଉତଙ୍କ ଅଧକ୍ଷତାରେ ଆୟୋଜିତ ଏହି କର୍ମଶାଳାରେ କୃଷି, କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଶୁଭାରମ୍ଭ କରିଥିଲେ। କୃଷି କ୍ଷେତ୍ରରେ ମହିଳାଙ୍କୁ ସ୍ୱାବଲମ୍ବୀ କରିବା ରାଜ୍ୟ ସରକାରଙ୍କ ମୂଳ ଉଦ୍ଦେଶ୍ୟ। ସରକାର ଏକ ବିଶାଳ କୃଷି ଅର୍ଥନୀତିର ବିକାଶ କରିବା ପାଇଁ



କର୍ମଶାଳାରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଅନ୍ୟ ଅତିଥିମାନେ।

ପ୍ରୟାସ ଆରମ୍ଭ କରିଛନ୍ତି ବୋଲି ମନ୍ତ୍ରୀ ସ୍ୱାଇଁ କହିଥିଲେ। କଟକ ଜିଲା ମୁଖ୍ୟ କୃଷି ଅଧିକାରୀ ନିରଞ୍ଜନ ଦାସ, ଜିଲା ପ୍ରାଣୀ ସମ୍ପଦ ଅଧିକାରୀ ଡା. ମଧୁସୂଦନ ମୁଦୁଲି, ଜିଲା ମତ୍ସ୍ୟ ଅଧିକାରୀ ଇତିଶ୍ରୀ ରଥ, ଆଠଗଡ଼ ଉଦ୍ୟାନ ବିଭାଗ ସହକାରୀ ନିର୍ଦ୍ଦେଶକ ବିଷ୍ଣୁ ପ୍ରସାଦ ସିଂ ପ୍ରମୁଖ ଯୋଗଦେଇ ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳରେ ଡାଲି ଓ ତୈଳଜାତୀୟ ଫସଲ ଚାଷ ସମ୍ବନ୍ଧରେ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଳସେଚନ ନିର୍ବାହୀ ଯନ୍ତ୍ରୀ ପବିତ୍ର ମୋହନ ପରିଡ଼ା, କ୍ଷୁଦ୍ର ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ଶଶାଙ୍କଶେଖର ପଣ୍ଡା, ଆଠଗଡ଼ ଓପିଟିସିଏଲ୍‌ର ସହକାରୀ ଯନ୍ତ୍ରୀ ସନ୍ତୋଷ ସାମନ୍ତରାୟ ପ୍ରମୁଖ ଯୋଗଦେଇଥିଲେ। ପାଣି ପଞ୍ଚାୟତଗୁଡିକର ଆବଶ୍ୟକୀୟ ମରାମତି, ସୁପରିଚାଳନା, ନୂତନ ପ୍ରକଳ୍ପ, ଆଗ୍ରହୀ ଚାଷୀଙ୍କୁ ଏଥିରେ ସାମିଲ କରିବା ଦିଗରେ ପରାମର୍ଶ ଦେଇଥିଲେ। ଅଗ୍ରଣୀ ଚାଷୀ ନିରାକାର ଲେଙ୍କା, ନୃସିଂହ ମହାପାତ୍ର, ରଞ୍ଜନ ଆଚାର୍ଯ୍ୟ, ସୁନୀଲ ପରିଡ଼ା, ଦେବରାଜ ପ୍ରଧାନ, ପ୍ରମୋଦ ସେଠୀ, ସୁବାସ ପାଳ ପ୍ରମୁଖ ଯୋଗଦେଇ ନିଜର ଅନୁଭୂତି, କୃଷି, କୃଷକଙ୍କ ବିଭିନ୍ନ ସମସ୍ୟା ଓ ସମାଧାନ ପାଇଁ ମନ୍ତ୍ରୀ ଓ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କର୍ମଶାଳାରେ ବ୍ଲକ, ଏନ୍‌ଏସି ଅଞ୍ଚଳରୁ ବହୁ ସଂଖ୍ୟାରେ ଚାଷୀ ଯୋଗ ଦେଇଥିଲେ।

# ‘ସର୍ବସାଧାରଣ ସ୍ଥାନରେ ମୋବାଇଲ ଚାର୍ଜ କରନ୍ତୁ ନାହିଁ’

**ସାଇବର ଠକେଇ ରୋକିବାକୁ ରାଜ୍ୟ ପୋଲିସର ପରାମର୍ଶ**

ଭୁବନେଶ୍ୱର ୧୫।୯ (ବ୍ୟୁରୋ)

ରାଜ୍ୟରେ ବର୍ତ୍ତମାନ ସାଇବର ଠକେଇ ବଡ଼ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କରିଛି। ସାଇବର ଠକ ବିଭିନ୍ନ କୌଶଳ ଆପଣାଇ ଲୋକଙ୍କଠାରୁ ଲକ୍ଷାଧିକ ଟଙ୍କା ଠକି ନେଉଛନ୍ତି। ଏପରିସ୍ଥିତିରେ ସର୍ବସାଧାରଣ ସ୍ଥାନରେ ମୋବାଇଲ ଚାର୍ଜ ନ କରିବାକୁ ରାଜ୍ୟ ପୋଲିସ ଗୁରୁବାର ଟୁଇଟ ଜରିଆରେ ପରାମର୍ଶ ଦେଇଛି। ଟୁଇଟ ମାଧ୍ୟମରେ କୁହାଯାଇଛି, ସର୍ବସାଧାରଣ ସ୍ଥାନରେ ଥିବା ଚାର୍ଜିଂ ଷ୍ଟେଶନ ଏବଂ ୟୁଏସ୍‌ବି ପାୱାର ଷ୍ଟେଶନ ଭଳି ସ୍ଥାନରେ ମୋବାଇଲ ଚାର୍ଜ କରନ୍ତୁ ନାହିଁ। ସାଇବର ଠକ ଆପଣଙ୍କ ବ୍ୟକ୍ତିଗତ ତଥ୍ୟ ନେବାକୁ ଚେଷ୍ଟା କରୁଛନ୍ତି। ଏଥିସହ ମୋବାଇଲରେ ମାଲୱାର ଇନ୍‌ଷ୍ଟଲ୍ କରିବାକୁ ଚେଷ୍ଟା ମଧ୍ୟ କରୁଛନ୍ତି। ତେଣୁ ପରାମର୍ଶ ମାନି ସାଇବର ଠକଙ୍କ ଠାରୁ ସୁରକ୍ଷିତ ରହିବାକୁ କୁହାଯାଇଛି। ବିମାନବନ୍ଦର ଭଳି ହାଇ ସିକ୍ୟୁରିଟି ଜୋନ୍‌ଗୁଡ଼ିକରେ ଥିବା ଚାର୍ଜିଂ ପଏଣ୍ଟରେ ଚାର୍ଜ କଲେ କୌଣସି ଅସୁବିଧାର ସମ୍ଭାବନା ନାହିଁ। ହେଲେ ବସ୍‌ଷ୍ଟାଣ୍ଡ ଭଳି ସ୍ଥାନରେ ମୋବାଇଲ ଚାର୍ଜ ନ କରିବାକୁ ପରାମର୍ଶ ଦିଆଯାଇଛି। ସୁରକ୍ଷା ଦୃଷ୍ଟିରୁ ନିଜ ସହ ପାୱାର ବ୍ୟାଙ୍କ ବ୍ୟବହାର କରିବା ଠିକ୍ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।

# କ୍ଷେତ୍ର ପରିଦର୍ଶନ କଲେ ବିଧାୟକ, ପ୍ରଶାସନିକ ଅଧିକାରୀ

**ହାଟ, ଖେଳପଡ଼ିଆ ଉନ୍ନତୀକରଣ, ମିନି ଷ୍ଟାଡିୟମ ନିର୍ମାଣ ଚିନ୍ତା**

ସାଲେପୁର,୧୫।୯(ଡି.ଏନ୍.ଏ.)

କଟକ ଜିଲାର ସର୍ବପୁରାତନ ସାଲେପୁର ହାଟ, ଖେଳପଡ଼ିଆର ଉନ୍ନତୀକରଣ ଓ ମିନି ଷ୍ଟାଡିୟମ ନିର୍ମାଣ ପାଇଁ ଗୁରୁବାର ବିଧାୟକ ପ୍ରଶାନ୍ତ ବେହେରା ଓ ପ୍ରଶାସନିକ ଅଧିକାରୀ କ୍ଷେତ୍ର ପରିଦର୍ଶନ କରିଛନ୍ତି। ସାଲେପୁର ସାପ୍ତାହିକ ହାଟରେ ଦୀର୍ଘଦିନ ହେବ ବ୍ୟବସାୟୀମାନଙ୍କ ପାଇଁ ବିଭିନ୍ନ ସମସ୍ୟା ଲାଗିରହିଛି। କେନ୍ଦୁପାଟଣା ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ସାଲେପୁର ସାପ୍ତାହିକ ହାଟରେ ନିର୍ମାଣ କରାଯାଇଥିବା ଅଧିକାଂଶ ଗୃହ ଏବେ ଭାଙ୍ଗି ଯାଇଛି। କିଛି ଗୃହର ଛାତରୁ ସିମେଣ୍ଟ ଝଡ଼ି ବିପଦସଙ୍କୁଳ ହୋଇ ପଡ଼ିଛି। ଏନେଇ ବ୍ୟବସାୟୀମାନେ ଉକ୍ତ ଗୃହରେ ନ ବସି ବାହାରେ ଚାଳିଆ ନିର୍ମାଣ କରି ବ୍ୟବସାୟ କରୁଛନ୍ତି। ସାମାନ୍ୟ ବର୍ଷା ହେଲେ ହାଟରେ ଆଣ୍ଠୁଏ ଉଚ୍ଚର ପାଣି ଜମି ରହୁଛି। ବ୍ୟବସାୟୀଙ୍କ ପାଇଁ ପାନୀୟଜଳ, ଶୌଚାଳୟ ଓ ଆଲୋକୀକରଣ ବ୍ୟବସ୍ଥା କରାଯାଇନାହିଁ। ଏସବୁ ସମସ୍ୟାର



ବିଧାୟକ ପ୍ରଶାନ୍ତ ବେହେରା ଓ ଅନ୍ୟମାନେ ହାଟ ପରିଦର୍ଶନ କରୁଛନ୍ତି।

ସମାଧାନ ପାଇଁ ଦୀର୍ଘଦିନ ହେବ ଦାବି ହୋଇ ଆସୁଥିଲା। ଖୁବ୍‌ଶୀଘ୍ର ଏହି ସମସ୍ୟାର ସମାଧାନ ହୋଇଯିବ ବୋଲି ବିଧାୟକ ବେହେରା ପ୍ରତିଶ୍ରୁତି ଦେଇଛନ୍ତି।

ସେହିପରି ସାଲେପୁର ଖେଳପଡ଼ିଆର ଉନ୍ନତୀକରଣ ପାଇଁ ପ୍ରାୟ ୫୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ମଞ୍ଜୁର କରାଯାଇଛି ବୋଲି ବିଧାୟକ କହିଛନ୍ତି। ଏହି ପଡ଼ିଆର ଚତୁଃପାର୍ଶ୍ୱରେ ପାଚେରି କରାଯିବା ସହ ଷ୍ଟେଜ୍, ଗ୍ୟାଲେରି ଓ ଡ୍ରେସିଂରୁମ ନିର୍ମାଣ ପାଇଁ ଜାଗା ଚିହ୍ନଟ କରାଯାଇଛି। ଏହାଛଡ଼ା ଖୁବ୍‌ଶୀଘ୍ର ସାଲେପୁର ହାଇସ୍କୁଲର ଷ୍ଟାଡିୟମ୍ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ବିଧାୟକ ବେହେରା କହିଛନ୍ତି। କାର୍ଯ୍ୟକ୍ରମରେ କେନ୍ଦୁପାଟଣା ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ରାମନାରାୟଣ ମଲ୍ଲିକ, ମଣ୍ଡଳ ଉନ୍ନୟନ ଅଧିକାରୀ ସୂର୍ଯ୍ୟକାନ୍ତ ରାଉତ, ପଞ୍ଚାୟତ ସମିତି ଅଧକ୍ଷ ରାମଚନ୍ଦ୍ର ଭୋଇ, ନନ୍ଦକିଶୋର ଭୂୟାଁ, ସୌମ୍ୟରଞ୍ଜନ ମଲ୍ଲ, ବ୍ଲକ ସହକାରୀ ଯନ୍ତ୍ରୀ ବିଭୁତିଭୂଷଣ ନାୟକ, ବିରଞ୍ଚିନାରାୟଣ କର, ସୌମ୍ୟରଞ୍ଜନ ମଲ୍ଲ, କମଳାପ୍ରସାଦ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ବାସନ୍ତୀ ଜୟଦୁର୍ଗା ବିଦ୍ୟାଳୟରେ ହିନ୍ଦୀ ଦିବସ

ମାହାଙ୍ଗା,୧୫।୯(ସ୍ୱ.ପ୍ର.)

ମାହାଙ୍ଗା ବ୍ଲକ ଅନ୍ତର୍ଗତ କୋଳିଅଠାସ୍ଥିତ ବାସନ୍ତୀ ଜୟଦୁର୍ଗା ନୋଡାଲ ବିଦ୍ୟାଳୟ ପରିସରରେ ଗୁରୁବାର ରାଷ୍ଟ୍ରୀୟ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ରବିନାରାୟଣ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ନନ୍ଦକିଶୋର ସାହୁ, ମୁଖ୍ୟବକ୍ତା ଭାବେ ଧନେଶ୍ୱର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଶରତ ଚନ୍ଦ୍ର ରାଉତ, ମହିଉଦ୍ଦିନ ଖାଁ ଓ ସୁଶ୍ରୀ ସିପ୍ରା ଦାଶ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ଟୁଇଙ୍କିଲ ସେନ ସ୍ୱାଗତ ଭାଷଣ ଓ ଶିକ୍ଷକ ନରହରି ସାହୁ ଧନ୍ୟବାଦ ଦେଇଥିଲେ। ପୂର୍ବରୁ ହିନ୍ଦୀ ଦିବସ ଉପଲକ୍ଷେ ଆୟୋଜିତ ହୋଇଥିବା ବକ୍ତୃତା ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷକ ବସନ୍ତ ସିଂ, ଶିକ୍ଷୟିତ୍ରୀ ସ୍ମୃତିଲିପ୍ସା ସାହୁ, ପଦ୍ମାବତୀ ପାତ୍ର, ଅଜୟ ସେନାପତି, କିରଣବାଳା ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ ।

# ବନ୍ୟାବିପନ୍ନଙ୍କୁ ରିଲିଫ ଯୋଗାଣ ଦାବି




କଂଗ୍ରେସ ପ୍ରତିନିଧି ମଣ୍ଡଳୀ ସହକାରୀ ଜିଲାପାଳ ଦେବେନ୍ଦ୍ର ଖଟୁଆଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ବାଙ୍କୀ,୧୫।୯(ସ୍ୱ.ପ୍ର.)

ବାଙ୍କୀ ଅଞ୍ଚଳ ବନ୍ୟାବିପନ୍ନଙ୍କୁ ୧୫ଦିନିଆ ରିଲିଫ ଯୋଗାଣ ପାଇଁ ସ୍ୱତନ୍ତ୍ର ରିଲିଫ କମିଶନଙ୍କ ନିକଟରେ ଗୁରୁବାର ଦାବି ହୋଇଛି। ଏନେଇ ରାଜ୍ୟ ଯୁବ କଂଗ୍ରେସ ସଭାପତି ଡ. ସ୍ମୃତିରଞ୍ଜନ ଲେଙ୍କାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ବାଙ୍କୀ ସହକାରୀ ଜିଲାପାଳ ଦେବେନ୍ଦ୍ର ଖଟୁଆଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଚଳିତବର୍ଷ ମହାନଦୀରେ ବନ୍ୟା ଯୋଗୁ ବାଙ୍କୀରେ ବ୍ୟାପକ କ୍ଷୟକ୍ଷତି ହୋଇଥିବାବେଳେ ଏଥିରେ ବହୁଲୋକ ପ୍ରଭାବିତ ହୋଇଛନ୍ତି। ବିଶେଷକରି ଚାଷୀକୁଳଙ୍କ ଶହ ଶହ ଏକର ଚାଷଜମିରେ ଫସଲ ଉଜୁଡିଯାଇଛି। ଫଳରେ ଚାଷୀଙ୍କ ଅମଳ ଓ ରୋଜଗାର ପାଣିରେ ମିଳେଇ ଯାଇଛି। ଚାଷୀକୁଳ ନିଜ ପରିବାର ପୋଷଣ ଲାଗି ମୁଣ୍ଡରେ ହାତଦେଇ ବସିଛି। ସେହିପରି ଗରିବ ଶ୍ରେଣୀ ଲୋକଙ୍କ ମାଟିଘର ଲଗାଣ ବର୍ଷା ଓ ବନ୍ୟାରେ ଭାଙ୍ଗିଯାଇଛି। ରାଜ୍ୟ ସରକାର ବିପନ୍ନଙ୍କ ପାଇଁ ୧୫ଦିନ ଲାଗି ରିଲିଫ ଘୋଷଣା କରିଥିଲେ ମଧ୍ୟ ଏଯାବତ୍ ବାଙ୍କୀ ଅଞ୍ଚଳର ବନ୍ୟାବିପନ୍ନଙ୍କୁ କୌଣସି ରିଲିଫ ମିଳିପାରିନାହିଁ। ତେଣୁ ରାଜ୍ୟ ସରକାର ଘୋଷଣା କରିଥିବା ୧୫ଦିନିଆ ରିଲିଫ ବିପନ୍ନଙ୍କୁ ତୁରନ୍ତ ପ୍ରଦାନ କରାଯିବାର ବ୍ୟବସ୍ଥା କରିବାକୁ ଡ. ଲେଙ୍କା ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ।

# ୨ ଦିନିଆ ରିମାଣ୍ଡରେ ଆସିଲେ ୨ ଅଭିଯୁକ୍ତ

**ନକଲି ମେଡିସିନ କାରବାର ମାମଲା**

କଟକ ଅଫିସ,୧୫।୯

ନକଲି ଔଷଧ କାରବାର ମାମଲାରେ ଗିରଫ ହୋଇ ଜେଲରେ ଥିବା ୨ ଅଭିଯୁକ୍ତଙ୍କୁ କମିଶନରେଟ୍ ପୋଲିସ ଗୁରୁବାର ଦୁଇଦିନିଆ ରିମାଣ୍ଡରେ ଆଣିଛି। ପୋଲିସ ପକ୍ଷରୁ ଏନେଇ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଗୁରୁବାର ଆବେଦନ କରାଯିବା ପରେ କୋର୍ଟ ଅନୁମତି ଦେଇଥିଲେ। ଅଭିଯୁକ୍ତ ଦ୍ୱୟ ହେଲେ ଜାଉଁଳିଆପଟିସ୍ଥିତ ପୂଜା ଏଣ୍ଟରପ୍ରାଇଜର୍ସର ସଞ୍ଜୟ ଜଲାନ ଓ ମାଣିକଘୋଷ ବଜାର ଭି. ଆର. ଡ୍ରଗ୍ସ ଏଜେନ୍ସିର ରାହୁଲ କୁମାର କ୍ୟାଲ। ନକଲି ଔଷଧ କାରବାରର ଚେର କେତେଦୂର ଲମ୍ବିଛି ଏସବୁର ପର୍ଦ୍ଦାଫାଶ ପାଇଁ ପୋଲିସ ଅଭିଯୁକ୍ତଙ୍କୁ ପଚରାଉଚୁରା କରୁଛି। ଏଥିରୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହସ୍ତଗତ ହେବ ଓ ନକଲି ମେଡିସିନ କାରବାରର ତଦନ୍ତ ଆଗକୁ ବଢ଼ିପାରିବ ବୋଲି ଡିସିପି ପିନାକ ମିଶ୍ର କହିଛନ୍ତି। ସୂଚନା ଅନୁସାରେ, ରକ୍ତଚାପର ଚିକିତ୍ସା ପାଇଁ ନକଲି ମେଡିସିନ ଟେଲ୍‌ମା-୪୦ ଓ ଟେଲ୍‌ମା-ଏଏମ୍ ବିକ୍ରି କରୁଥିବା ନେଇ ପୂଜା ଏଣ୍ଟରପ୍ରାଇଜର୍ସ ଏବଂ ଭି. ଆର୍. ଡ୍ରଗ୍ସ ଏଜେନ୍ସି ନାମରେ କଟକ ରେଞ୍ଜ-୧ ଡ୍ରଗ୍ସ ଇନ୍ସପେକ୍ଟର ତୁଷାର ରଞ୍ଜନ ପାଣିଗ୍ରାହୀ ଗତ ୧୦ ତାରିଖରେ ପୁରୀଘାଟ ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାରେ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କ ମେଡିସିନ ଗୋଦାମରେ ଚଢ଼ାଉ କରି ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଥିଲା। ତଦନ୍ତ ପରେ ନକଲି ମେଡିସିନ ଗୟା ଓ ବାଙ୍ଗାଲୁରୁରୁ ଅଣାଯାଉଥିବା ଜଣାପଡିଥିଲା। ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ଗୟା ଓ ବାଙ୍ଗାଲୁରୁ ଯାଇ ତଦନ୍ତ କରିବ ଏବଂ ଆଗାମୀ ଦିନରେ ଗିରଫ ବ୍ୟକ୍ତିଙ୍କ ସଂଖ୍ୟା ବୃଦ୍ଧି ପାଇବ ବୋଲି ଡିସିପି କହିଥିଲେ। ଏ ସମ୍ପର୍କରେ ଡ୍ରଗ୍ସ ଆଣ୍ଡ୍ କସ୍‌ମେଟିକ୍ସ ଆକ୍ଟରେ କଟକ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ୨ ଷ୍ଟକିଷ୍ଟଙ୍କ ନାମରେ ଦୁଇଟି ମାମଲା ଓ ପୁରୀଘାଟ ଥାନାରେ ଦୁଇଟି ମାମଲା ରୁଜୁ ହୋଇଥିଲା। ବିଭାଗ ପକ୍ଷରୁ ଉକ୍ତ ମେଡିସିନ ଦ୍ୱୟର ବିକ୍ରି ନିଷେଧ କରାଯିବା ସହ ଦୁଇ ଅଭିଯୁକ୍ତ ଷ୍ଟକିଷ୍ଟଙ୍କ ଡ୍ରଗ୍ସ ଲାଇସେନ୍ସକୁ ମଧ୍ୟ ବାତିଲ କରାଯାଇଥିଲା। ଏଥିସହ କଟକ ଜିଲା କେମିଷ୍ଟ ଆଣ୍ଡ୍ ଡ୍ରଗିଷ୍ଟ ଆସୋସିଏଶନ ପକ୍ଷରୁ ଦୁଇ ମେଡିସିନ ଷ୍ଟକିଷ୍ଟଙ୍କ ସଦସ୍ୟ ପଦ ମଧ୍ୟ ରଦ୍ଦ କରାଯାଇଥିଲା।

# ନକଲି ଔଷଧ ବ୍ୟବସାୟୀଙ୍କ ପ୍ରତି କଠୋର ହେବ ୟୁସିଡିଏ

ଭୁବନେଶ୍ୱର, ୧୫।୯ (ବ୍ୟୁରୋ)

ନକଲି ଔଷଧ କାରବାର କରୁଥିବା ବା ଅସାଧୁ ଉପାୟ ଅବଲମ୍ବନ କରୁଥିବା ପଞ୍ଜୀକୃତ ଔଷଧ ବ୍ୟବସାୟୀଙ୍କ ପ୍ରତି ଆହୁରି କଠୋର ହେବ ଉତ୍କଳ କେମିଷ୍ଟ ଆଣ୍ଡ୍ ଡ୍ରଗିଷ୍ଟ ଆସୋସିଏଶନ (ୟୁସିଡିଏ)। ନକଲି ଔଷଧ କାରବାରରେ ସମ୍ପୃକ୍ତ ୨ଟି ସଂସ୍ଥାକୁ ସଭ୍ୟ ପଦରୁ ବରଖାସ୍ତ କରାଯାଇଥିବାବେଳେ ଏଭଳି କାର୍ଯ୍ୟାନୁଷ୍ଠାନ ଆଗକୁ ଜାରି ରହିବ ବୋଲି ଗୁରୁବାର ଅଟଳ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଇଛି। ସମ୍ପାଦକ ପ୍ରଶାନ୍ତ ମହାପାତ୍ର କହିଛନ୍ତି, ସରକାରଙ୍କ ଗୋଟିଏ ଦେଶ ଗୋଟିଏ ଟିକସ ନୀତି ଆଧାରରେ ଯେ କୌଣସି ବ୍ୟବସାୟୀ ଜିଏସ୍‌ଟି ଭରି ଯେକୌଣସି ସ୍ଥାନରୁ ଯେକୌଣସି ଜିନିଷ କିଣିପାରିବେ। ହେଲେ ଏହାର ସୁଯୋଗ ନେଇ କିଛି ଅସାଧୁ




ବ୍ୟବସାୟୀ ବିଭିନ୍ନ ସ୍ଥାନରୁ ନକଲି ଔଷଧ ଆମଦାନୀ କରି ବିକ୍ରି କରୁଛନ୍ତି। ତେବେ ପଞ୍ଜୀକୃତ ଥିବା କମ୍ପାନୀଗୁଡ଼ିକୁ ଉତ୍କଳ କେମିଷ୍ଟ ଆଣ୍ଡ୍ ଡ୍ରଗିଷ୍ଟ ଆସୋସିଏଶନ (ୟୁସିଡିଏ) ତଦାରଖ କରିପାରିବ। ମାତ୍ର ଅଣପଞ୍ଜୀକୃତ ବ୍ୟବସାୟୀଙ୍କ ହିସାବ ରଖିବା ଆସୋସିଏଶନ ପକ୍ଷେ ଅସମ୍ଭବ। ଫଳରେ ଆସୋସିଏଶନ ଅଗୋଚରରେ ସେମାନେ କଳା ସାମ୍ରାଜ୍ୟ ବିଛାଇ ଚାଲିଛନ୍ତି। ଅପରପକ୍ଷେ କମ୍ପାନୀ ପଞ୍ଜୀକୃତ ପାଇକାରୀ ବ୍ୟବସାୟୀ କେବଳ କମ୍ପାନୀଠାରୁ ଔଷଧ କିଣିବାର ନିୟମ ଥିବାବେଳେ ଅଧିକ ଲାଭ ଆଶାରେ କେତେଜଣ ପଞ୍ଜୀକୃତ ବ୍ୟବସାୟୀ ଅସାଧୁ ବ୍ୟବସାୟୀଙ୍କଠାରୁ ଔଷଧ କିଣୁଛନ୍ତି। ଏହା ନଜରକୁ ଆସିବାମାତ୍ରେ ତଦାରଖ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ସମଗ୍ର ରାଜ୍ୟରେ ବର୍ତ୍ତମାନ ଆସୋସିଏଶନ୍‌ରେ ପ୍ରାୟ ୨୫ହଜାର ପଞ୍ଜୀକୃତ ବ୍ୟବସାୟୀ ରହିଥିବାବେଳେ ୫ରୁ ୭ହଜାର ଅଣପଞ୍ଜୀକୃତ ବ୍ୟବସାୟୀ ଅଛନ୍ତି। ଓଡ଼ିଶାରେ ନକଲି ଔଷଧ ତିଆରି ହେଉନାହିଁ। ଏସବୁ ଔଷଧ ରାଜ୍ୟ ବାହାରୁ ଆସୁଛି। ଚିହ୍ନଟ ହୋଇଥିବା ନକଲି ଔଷଧ କନ୍‌ସାଇନ୍‌ମେଣ୍ଟ ବେଙ୍ଗାଲୁରୁ ଓ ଗୟାରୁ ଆସିଛି। ରାଜ୍ୟ ବାହାରୁ କେଉଁ ସ୍ଥାନରୁ ଔଷଧ ଆସିଛି, କିଏ ମଗାଇଛି ଏବଂ କିଏ ବିକିଛି ଏସବୁର ଖୋଳତାଡ଼ ସହ କାର୍ଯ୍ୟାନୁଷ୍ଠାନ ଜାରି ରହିବ ବୋଲି ସେ ସୂଚନା ଦେଇଛନ୍ତି। ସଭାପତି ପି. ସତ୍ୟନାରାୟଣ କହିଛନ୍ତି, ଅନ୍‌ଲାଇନ ଔଷଧ ବ୍ୟବସାୟ ନିୟମାନୁଯାୟୀ ବୈଧ ହୋଇ ନ ଥିଲେ ବି ଅନେକ କମ୍ପାନୀ ଏହାକୁ ରିହାତି ଦରରେ ଯୋଗାଇ ଦେଉଛନ୍ତି। ଫଳରେ ଅସାଧୁ ବ୍ୟବସାୟୀ ନାମୀଦାମୀ କମ୍ପାନୀର ପ୍ୟାକିଂ ବ୍ୟବହାର କରି ରିହାତି ଦରରେ ନକଲି ଔଷଧ ବିକ୍ରି କରୁଛନ୍ତି। ଅପରପକ୍ଷେ ଭେଷଜ ବିଭାଗରେ ଆବଶ୍ୟକ ସଂଖ୍ୟକ ଅଫିସ୍‌ର କିମ୍ବା କର୍ମଚାରୀ ନ ଥିବାରୁ ଓ ତଦାରଖ ହୋଇପାରୁ ନ ଥିବାରୁ ଏଭଳି ଘଟଣା ଘଟୁଛି। ଆସୋସିଏଶନ୍ ପକ୍ଷରୁ ଏହାକୁ ନିନ୍ଦା କରାଯାଉଛି ବୋଲି ସେ କହିଛନ୍ତି। ସମ୍ମିଳନୀରେ କୋଷାଧକ୍ଷ ଅଜୟ ଗୋୟଙ୍କା ଉପସ୍ଥିତ ଥିଲେ।

## ଶୈଳବାଳା କଲେଜରେ ରାଜ୍ୟସ୍ତରୀୟ ପାଠଚକ୍ର

କଟକ ଅଫିସ: କଟକସ୍ଥିତ ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟରେ ପ୍ରାଣୀବିଜ୍ଞାନ ବିଭାଗ ପକ୍ଷରୁ ଗୁରୁବାର ରାଜ୍ୟସ୍ତରୀୟ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଡ. ଗାୟତ୍ରୀ ବିଶ୍ୱାଳ ଅଧ୍ୟକ୍ଷତା କରିଥିବାବେଳେ ଏସ୍‌ସିବି ମେଡିକାଲର ଚର୍ମରୋଗ ବିଶେଷଜ୍ଞ ଡା. ଶୁଭଶ୍ରୀ ମଢୁଆନ୍ଦ ଅତିଥି ଭାବେ ଯୋଗଦେଇଥିଲେ। ବିଭାଗୀୟ ମୁଖ୍ୟ ଡ. ପ୍ରୀତିପ୍ରଜ୍ଞା ରାୟ ଅତିଥି ପରିଚୟ ଓ ଶିବାଙ୍ଗୀ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### କଲେଜ ୱାର୍ଡେନ୍ କ୍ୱାର୍ଟର୍ସରେ ଅଗ୍ନିକାଣ୍ଡ

ଚୌଦ୍ୱାର, ୧୫।୯(ଡି.ଏନ୍.ଏ.): ଚୌଦ୍ୱାର କଲେଜ ଛାତ୍ରୀନିବାସ ସଂଲଗ୍ନ ୱାର୍ଡେନ୍ କ୍ୱାର୍ଟର୍ସରେ ଗୁରୁବାର ସକାଳେ ଅଗ୍ନିକାଣ୍ଡ ଘଟି ଅନେକ ଆସବାବପତ୍ର ପୋଡିଯାଇଛି। ୱାର୍ଡେନ୍ ଦାୟିତ୍ୱରେ ଥିବା ଅଧ୍ୟାପକ ବସନ୍ତ କୁମାର ବିଶ୍ୱାଳ ଉକ୍ତ କ୍ୱାର୍ଟର୍ସରେ ରହୁଥିଲେ। ସକାଳେ ସପରିବାର ବାହାରକୁ ଯାଇଥିବାବେଳେ ହଠାତ୍ କ୍ୱାର୍ଟର୍ସ ଭିତରୁ ଧୂଆଁ ବାହାରୁଥିବା କଲେଜର କେତେଜଣ କର୍ମଚାରୀ ଦେଖିବାକୁ ପାଇଥିଲେ। ଖବରପାଇ ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ପୂଜାଘରୁ ନିଆଁ ଲାଗି ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି ବୋଲି ଅଧ୍ୟକ୍ଷ ଉମେଶ ଚନ୍ଦ୍ର ଦେବତା କହିଛନ୍ତି।

### ମାରପିଟ ଘଟଣା, ଅଭିଯୁକ୍ତ ଗିରଫ

କଟକ ସଦର, ୧୫।୯(ଡି.ଏନ୍.ଏ.): ମାରପିଟ୍ କରିବା ଅଭିଯୋଗରେ କନ୍ଦରପୁର ପୋଲିସ ଗୁରୁବାର ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ କୋରପଦା ଗ୍ରାମର ଶଙ୍କର୍ଷଣ ସାହୁ। ପୋଲିସ ସୂତ୍ରରୁ ପ୍ରକାଶ, ବୁଧବାର ଅଭିଯୁକ୍ତ ଜଣଙ୍କ ଗାଁଦାଣ୍ଡରେ ଯାଉଥିବାବେଳେ ଗୋଡ଼ରେ ଏକ ବାଉଁଶ କିଳା ବାଜିଥିଲା। ଏହି କିଳାରେ ଏକ ଛେଳି ବନ୍ଧା ହୋଇଥିଲା। ଏହାପରେ ଅଭିଯୁକ୍ତ ଜଣକ ଉତ୍କ୍ଷିପ୍ତ ହୋଇ ଛେଳି ବାନ୍ଧିଥିବା ଗୁରୁବାରୀ ସାହୁଙ୍କୁ ଆକ୍ରମଣ କରି ଆହତ କରିଥିଲେ। ଏ ସମ୍ପର୍କରେ ଗୁରୁବାରିଙ୍କ ପୁଅ ଜ୍ଞାନେନ୍ଦ୍ର ସାହୁ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୬୬/୨୨) ରୁଜୁ କରିଥିଲା।

### ମାନସ ପରିଡ଼ାଙ୍କ ଉପରୁ ବହିଷ୍କାର ଆଦେଶ ପ୍ରତ୍ୟାହାର

ମଙ୍ଗୁଳି, ୧୫।୯(ଡି.ଏନ୍.ଏ.): କଂଗ୍ରେସ ଯୁବନେତା ମାନସ ପରିଡ଼ାଙ୍କ ଉପରୁ ବହିଷ୍କାର ଆଦେଶ ପ୍ରତ୍ୟାହାର କରାଯାଇଛି ବୋଲି କଟକ ନଗର କଂଗ୍ରେସ ପକ୍ଷରୁ ଗୁରୁବାର ଏକ ପ୍ରେସ୍ ଇସ୍ତାହାରରେ କୁହାଯାଇଛି। ପରିଡା ଏହି ବହିଷ୍କାର ପ୍ରତ୍ୟାହାର ପାଇଁ କଟକ ନଗର ଜିଲା କଂଗ୍ରେସ ସଭାପତି ସୁରେଶ ମହାପାତ୍ର, ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି। ପରିଡା ପୂର୍ବରୁ ବ୍ଲକ କଂଗ୍ରେସର ସାଧାରଣ ସମ୍ପାଦକ, କଟକ ଜିଲା ଯୁବ କଂଗ୍ରେସର ୨ଥର ମହାସଚିବ, କଟକ ଜିଲା କଂଗ୍ରେସର ସମ୍ପାଦକ, କଟକ ନଗର ଜିଲା କଂଗ୍ରେସର ୨ଥର ସାଧାରଣ ସମ୍ପାଦକ ସହିତ ଦଳର ବହୁ ସାଙ୍ଗଠନିକ ଦାୟିତ୍ୱ ନିର୍ବାହ କରିଛନ୍ତି। ହେଲେ ଦଳ ବିରୋଧୀ କାର୍ଯ୍ୟ କରିବା ଅଭିଯୋଗ ହେବା ପରେ ପୂର୍ବତନ ନଗର କଂଗ୍ରେସ ସଭାପତି ଗିରିବାଳା ବେହେରା ତାଙ୍କୁ ଦଳରୁ ବହିଷ୍କାର କରିଥିଲେ।

# ଆନ୍ଧ୍ରପ୍ରଦେଶର ବ୍ୟାଣ୍ଡପାର୍ଟିରେ ଜମିବ ଭସାଣି

କଟକ ଅଫିସ,୧୫।୯




ଶାରଦୀୟ ପୂଜା ପାଇଁ କଟକର ପୂଜା ମଣ୍ଡପଗୁଡିକ ଚଳଚଞ୍ଚଳ ହୋଇଛି। ମା'ଙ୍କ ଆବାହନ ଲାଗି ବିଭିନ୍ନ କମିଟି କର୍ମକର୍ତ୍ତାଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ଏହି ପୂଜା ଦୌଡ଼ରେ ନିଜକୁ ସାମିଲ କରିଛି ଶିଖରପୁର-ଗଣ୍ଡରପୁର-ମହାନଦୀ ବିହାର ପୂଜା କମିଟି। କଟକ ସହରର ପୂର୍ବାଞ୍ଚଳରେ ଏହି ପୂଜା କମିଟି ବହୁ ପୁରୁଣା ଅନୁଷ୍ଠାନ। ୧୯୧୫ ମସିହାରେ ଏକ ବଙ୍ଗୀୟ ପରିବାରର ଉଦ୍ୟମରେ ଏହି ଅଞ୍ଚଳରେ ଶାରଦୀୟ ପୂଜା ଆରମ୍ଭ ହୋଇଥିଲା। ପ୍ରଥମେ ହରପାର୍ବତୀଙ୍କ ମୂର୍ତ୍ତି ଶିଖରପୁର ରେଲୱେ ଲେଭଲ କ୍ରସିଂ ଫାଟକ ନିକଟ ଏକ ଅସ୍ଥାୟୀ ମଣ୍ଡପରେ ପୂଜା କରାଯାଉଥିଲା। ୧୯୬୨ରେ ଶିଖରପୁର ଛକରେ ପୂଜା କମିଟିର ତତ୍କାଳୀନ ସମ୍ପାଦକ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଉଦ୍ୟମରେ ଏକ ନୂତନ ମଣ୍ଡପ ନିର୍ମାଣ କରାଯାଇଥିଲା। ଲେଭଲ କ୍ରସିଂ ଫାଟକ ନିକଟରେ ଥିବା ମଣ୍ଡପରୁ ହରପାର୍ବତୀ ମୂର୍ତ୍ତିକୁ ଏହି ମଣ୍ଡପକୁ ଅଣାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ୧୯୮୯ରେ ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ କରାଯାଇଥିଲା। ସେବେଠାରୁ ପ୍ରତିବର୍ଷ ଆଡ଼ମ୍ବର ସହକାରେ ଦୁର୍ଗାପୂଜା ପାଳିତ ହୋଇଆସୁଛି। ୨୦୧୧ଠାରୁ କଟକ ସହରରେ ଚାନ୍ଦିମେଢ ତାଲିକାରେ ଏହି ପୂଜା କମିଟି ସାମିଲ ହୋଇଛି। ଚଳିତବର୍ଷ ଦଶହରାରେ କମିଟି ପକ୍ଷରୁ ଆନ୍ଧ୍ରପ୍ରଦେଶ ଶ୍ରୀକାକୁଳମର ଭେଙ୍କେଟେଶ୍ୱର ବ୍ୟାଣ୍ଡପାର୍ଟିକୁ ଅଣାଯିବ। ୫ ଦିନ ବ୍ୟାପୀ ମା'ଙ୍କ ନିକଟରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ। ଚଳିତବର୍ଷ ଦୁର୍ଗାପୂଜାକୁ ଆହୁରି ଆକର୍ଷଣୀୟ କରିବାକୁ ମା'ଙ୍କ ମଣ୍ଡପ ସମ୍ମୁଖରେ ବିରାଟ ତୋରଣ ସହ ସ୍ଥାନୀୟ ଅଞ୍ଚଳର ମୁଖ୍ୟ ପଥରେ ୫ରୁ ୭ଟି ତୋରଣ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ସେହିପରି ଆଲୋକ ସାଜସଜ୍ଜା ଉପରେ କମିଟି ଗୁରୁତ୍ୱ ଦେଇଛି। ଚଳିତବର୍ଷ ୨୫ରୁ ୩୦ ଲକ୍ଷ ଟଙ୍କା ପୂଜା ବଜେଟ ରହିଛି। ମହାଷ୍ଟମୀରେ ପାରମ୍ପରିକ ରୀତିନୀତି ଅନୁଯାୟୀ ମା'ଙ୍କ ପୂଜାର୍ଚ୍ଚନା ସହ ଶ୍ରଦ୍ଧାଳୁମାନଙ୍କ ନିମନ୍ତେ ପ୍ରସାଦ ବିତରଣ କରାଯିବ। ସେହିଭଳି ମହାନବମୀରେ ଖିରି, ଦଶମୀରେ ଦହିପଖାଳ ଓ ଶାଗଭଜା ଭୋଗ କରାଯିବାକୁ ପରମ୍ପରା ରହିଛି।



“ଶ୍ରଦ୍ଧାଳୁମାନେ ଶାନ୍ତିଶୃଙ୍ଖଳାର ସହିତ ମା'ଙ୍କୁ ଦର୍ଶନ କରିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଚଳିତବର୍ଷ ସାଜସଜ୍ଜା ସହ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦିଆଯାଇଛି। ଏହା ପୂର୍ବାଞ୍ଚଳର ସବୁଠାରୁ ପୁରାତନ ପୂଜା ଅନୁଷ୍ଠାନ ହୋଇଥିବାରୁ ପୂଜା ଆରମ୍ଭ ଦିନଠାରୁ ଭସାଣି ପର୍ଯ୍ୟନ୍ତ ସବୁକିଛି ଶାନ୍ତିଶୃଙ୍ଖଳାର ସହ କରିବା ଏହାର ବିଶେଷତ୍ୱ।

**ଜୟନ୍ତ କୁମାର ପ୍ରଧାନ, ସଭାପତି**



“ପୂଜା ପାଇଁ କର୍ମକର୍ତ୍ତାଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ସୁରୁଖୁରୁରେ ପୂଜା ସମ୍ପନ୍ନ ପାଇଁ ସେମାନେ ଲାଗିପଡିଛନ୍ତି। ପୂଜା ମଣ୍ଡପ ସମ୍ମୁଖ ଓ ଗଣ୍ଡରପୁର ଅଞ୍ଚଳର ରାଜପଥ ପାର୍ଶ୍ୱ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି। ସିଏମ୍‌ସି ଓ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷଙ୍କୁ ଏହି ରାସ୍ତା ମରାମତି ପାଇଁ କୁହାଯାଇଥିଲା। ହେଲେ ଏପର୍ଯ୍ୟନ୍ତ ତାହା ହୋଇନାହିଁ। ଦୁର୍ଗାପୂଜା ପୂର୍ବରୁ ଏହି ମରାମତି କରିବା ପାଇଁ ସେ ନିବେଦନ କରିଛନ୍ତି।

**ବିଷ୍ଣୁଚରଣ ନାୟକ, ସମ୍ପାଦକ**

### ମଦ ଗାଡ଼ି ଲୁଟ୍ ଘଟଣା, ଫେରାର ଅଭିଯୁକ୍ତ ଗିରଫ

ମଙ୍ଗୁଳି, ୧୫।୯(ଡି.ଏନ୍.ଏ.)

ମଦ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଲୁଟ୍ ଘଟଣାରେ ସମ୍ପୃକ୍ତ ଥିବା ଜଣେ ଫେରାର ଅଭିଯୁକ୍ତଙ୍କୁ ଜଗତ୍‌ପୁର ପୋଲିସ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ଅଣ୍ଡେଇସାହିର ଅକ୍ଷୟ ବେହେରା। ପୋଲିସ ସୂଚନା ମୁତାବକ, ଗତ ଜାନୁୟାରୀ ୨୭ରେ ଟାଙ୍ଗୀ ଥାନା ଅଧୀନ ତରତ ଗ୍ରାମର ମନୋଜ ପ୍ରତାପଙ୍କ ପିକ୍‌ଅପ୍ ଭ୍ୟାନ୍‌ରେ ୧୧ଲକ୍ଷ ଟଙ୍କାର ବିଦେଶୀ ମଦ ଖୋର୍ଦ୍ଧା ଯାଉଥିଲା। ଏହି ସମୟରେ ୭ ଜଣ ଦୁର୍ବୃତ୍ତ ବାଇକ୍‌ରେ ପିଛାକରି ଉକ୍ତ ପିକ୍‌ଅପ୍ ଭ୍ୟାନ୍‌କୁ ବିରୂପା ବ୍ରିଜ୍ ନିକଟରେ ଅଟକାଇଥିଲେ। ପରେ ଚାଳକଙ୍କୁ ମାଡ଼ ମାରିବା ସହ ମାରଣାସ୍ତ୍ର ଦେଖାଇ ଉକ୍ତ ଭ୍ୟାନ୍‌କୁ ନେଇ ଚମ୍ପଟ ମାରିଥିଲେ। ଏ ନେଇ ମନୋଜ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୪୫/୨୨) ରୁଜୁ କରି ୬ ଜଣଙ୍କୁ ଗିରଫ କରିଥିଲା। ଏଥିସହ ମଦ ବୋଝେଇ ଭ୍ୟାନ୍‌କୁ ଜବତ କରିଥିଲା। ହେଲେ ଅକ୍ଷୟ ଫେରାର ହୋଇଯାଇଥିଲେ। ବୁଧବାର ଅଣ୍ଡେଇସାହିରେ ଅକ୍ଷୟ ଥିବା ପୋଲିସ ଖବର ପାଇବା ପରେ ସେଠାରେ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲା।

# ପ୍ରଫେସର ଚିତ୍ତରଞ୍ଜନ ତ୍ରିପାଠୀଙ୍କୁ ବିଶ୍ୱେଶ୍ୱରାୟା ସମ୍ମାନ



କାର୍ଯ୍ୟକ୍ରମରେ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚିତ୍ତରଞ୍ଜନ ତ୍ରିପାଠୀଙ୍କୁ ବିଶ୍ୱେଶ୍ୱରାୟା ସମ୍ମାନ ପ୍ରଦାନ କରାଯାଉଛି।

କଟକ ଅଫିସ,୧୫।୯

ଭାରତରତ୍ନ ସାର୍ ବିଶ୍ୱେଶ୍ୱରାୟା ଜଣେ କର୍ମଯୋଗୀ ଥିଲେ। ନବଭାରତ ନିର୍ମାଣରେ ତାଙ୍କର ଅବଦାନ ଅବିସ୍ମରଣୀୟ। ଇଞ୍ଜିନିୟରମାନେ ଦେଶ ପ୍ରଗତିର ମେରୁଦଣ୍ଡ ବୋଲି ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ କହିଛନ୍ତି। ଦି ଓଡ଼ିଶା ଇଞ୍ଜିନିୟର୍ସ ଫୋରମ ପକ୍ଷରୁ କଟକ ସାରଳା ଭବନଠାରେ ଇଞ୍ଜିନିୟର୍ସ ଦିବସ ଗୁରୁବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ହରିଚନ୍ଦନ ଯୋଗଦେଇ ଉପରୋକ୍ତ ବିଷୟରେ କହିଥିଲେ। ଏଥିରେ ଫୋରମ୍‌ର ଅଧ୍ୟକ୍ଷ ଇଂ. ପ୍ରଭାକର

### ଦି ଓଡ଼ିଶା ଇଞ୍ଜିନିୟର୍ସ ଫୋରମ ପକ୍ଷରୁ ଇଞ୍ଜିନିୟର ଦିବସ ପାଳିତ

ସ୍ୱାଇଁ ସଭାପତିତ୍ୱ କରି ବିଶ୍ୱେଶ୍ୱରାୟାଙ୍କୁ ଇଞ୍ଜିନିୟରିଂ ଜଗତର ପ୍ରବାଦପୁରୁଷ ରୂପେ ବର୍ଣ୍ଣନା କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଟାଟା ପାୱାରର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଇଂ. ଶେନ୍‌ବାଗମ୍ ମାଛିରାମ ଯୋଗ ଦେଇଥିଲେ। ଏହି ଅବସରରେ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚିତ୍ତରଞ୍ଜନ ତ୍ରିପାଠୀଙ୍କୁ ବିଶ୍ୱେଶ୍ୱରାୟା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଥିସହ ବିଭିନ୍ନ ବିଭାଗରେ କୃତିତ୍ୱ ପାଇଁ ଇଂ. ଶେନ୍‌ବାଗମ୍ ମାଛିରାମ, ଇଂ. ଅରୁଣ ରଥ, ସନ୍ତୋଷ ବେହେରାଙ୍କୁ ଗୁଣବତ୍ତା ଯାନ୍ତ୍ରିକ ପୁରସ୍କାର ପ୍ରଦାନ କରାଯାଇଥିଲା। ଫୋରମ୍‌ର ବୈଷୟିକ ପତ୍ରିକା ଭର୍ଟେକ୍ସ ଉନ୍ମୋଚିତ ହୋଇଥିଲା। ଭର୍ଟେକ୍ସର ମୁଖ୍ୟ ସମ୍ପାଦକ ପ୍ରଫେସର ପ୍ରଭାତ ପାଢୀ ସ୍ୱାଗତ ଭାଷଣ, ଫୋରମ୍‌ର ସମ୍ପାଦକ ଶିଶିର ସାହୁ ବିବରଣୀ ପାଠ କରିଥିଲେ। ଫୋରମର କାର୍ଯ୍ୟକାରୀ ସଭାପତି ଇଂ. ବିମଳ ଚନ୍ଦ୍ର ଦାଶ ବିଶ୍ୱେଶ୍ୱରାୟାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଇଂ. ସୁଚିତ୍ରା ସାହୁ ଓ ସୁଶାନ୍ତ ସେଠୀ ମାନପତ୍ର ପାଠ ଉପସଭାପତି ଇଂ. ସୁଶୀଳ ମହାପାତ୍ର ଧନ୍ୟବାଦ ଦେଇଥିଲେ।

### ‘ନୂତନ ଭାରତ ଗଠନରେ ଇଞ୍ଜିନିୟରଙ୍କ ଭୂମିକା ଅତୁଳନୀୟ’

କଟକ ଅଫିସ,୧୫।୯

କଟକ ସିଟି ଇଞ୍ଜିନିୟର୍ସ କ୍ଲବ ପକ୍ଷରୁ ଗୁରୁବାର ଶ୍ରୀରାମଚନ୍ଦ୍ର ଭବନରେ ଇଞ୍ଜିନିୟର୍ସ ଦିବସ ପାଳିତ ହୋଇଯାଇଛି। କ୍ଲବ୍ ସଭାପତି ଇଂ. ତାପସ ଚନ୍ଦ୍ର ସାମନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସିଡିଏ ଅଧ୍ୟକ୍ଷ ଇଂ. ଅନିଲ କୁମାର ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ିଶା ସରକାରଙ୍କର ପୂର୍ବତନ ଇଞ୍ଜିନିୟର ଇନ୍ ଚିଫ୍ ଇଂ. ଦ୍ୱୀପାୟନ ପଟ୍ଟନାୟକ ଯୋଗଦେଇ ନୂତନ ଭାରତ ଗଠନରେ ଇଞ୍ଜିନିୟରଙ୍କ ଭୂମିକା ଅତୁଳନୀୟ ବୋଲି କହିଥିଲେ। ପୂର୍ବତନ ସଭାପତି ଇଂ. ପୂର୍ଣ୍ଣଚନ୍ଦ୍ର ଦାଶ ଅତିଥି ପରିଚୟ, କ୍ଲବ ସମ୍ପାଦକ ଇଂ. ମିହିର ବାରିକ ବିବରଣୀ ପାଠ, ଉପସଭାପତି ଇଂ. ଶୂନ୍ୟଶ୍ୱର ସ୍ୱାଇଁ କ୍ଲବର ନୂତନ ସଭ୍ୟମାନଙ୍କ ନାମ ଘୋଷଣା କରିଥିଲେ। ଏଥିରେ ପୂର୍ତ୍ତ ବିଭାଗର ପୂର୍ବତନ ସର୍ବୋଚ୍ଚ ଯନ୍ତ୍ରୀ ଇଂ. ଗୋପାଳକୃଷ୍ଣ ବେହେରା ଯୋଗଦେଇଥିଲେ। କ୍ଲବର ବୈଷୟିକ ପତ୍ରିକା ‘ଇଞ୍ଜିନିୟର୍ସ ଭଏସ୍’ ଲୋକାର୍ପିତ ହୋଇଥିଲା। ଏଥିସହ କ୍ଲବର ବରିଷ୍ଠ ସଦସ୍ୟ ଇଂ. ସୁବୋଧ ରାଉତରାୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଇଂ. ଯଦୁନାଥ ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ‘ଅପରାଧ ନିୟନ୍ତ୍ରଣରେ ସହାୟକ ହେବ ସିସିଟିଭି କ୍ୟାମେରା’

କଟକ ଅଫିସ,୧୫।୯

କଟକ ସହରକୁ ଅପରାଧମୁକ୍ତ ରଖିବା ଉଦ୍ଦେଶ୍ୟରେ କମିଶନରେଟ୍ ପୋଲିସ ପକ୍ଷରୁ ଅତ୍ୟାଧୁନିକ ସିସିଟିଭି କ୍ୟାମେରା କଣ୍ଟ୍ରୋଲ ରୁମ୍ ଗୁରୁବାରଠାରୁ କାର୍ଯ୍ୟକ୍ଷମ ହୋଇଛି। ଡିସିପିଙ୍କ କାର୍ଯ୍ୟାଳୟରେ ସ୍ଥାପିତ ଏହି ବ୍ୟବସ୍ଥାକୁ ଡିସିପି ପିନାକ ମିଶ୍ର ଉଦ୍‌ଘାଟନ କରିଥିଲେ। ସହରର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଛକ ଜାଗାରେ ଲାଗିଥିବା ପ୍ରାୟ ୨୦୦ କ୍ୟାମେରାର ସଂଯୋଗ ଏଠାରେ ରହିଛି। କମିଶନରେଟ୍ ପୋଲିସକୁ ଅପରାଧ ନିୟନ୍ତ୍ରଣ କ୍ଷେତ୍ରରେ ଅଧିକ ମାତ୍ରାରେ

### ସିସିଟିଭି କ୍ୟାମେରା କଣ୍ଟ୍ରୋଲ ରୁମ୍ ଉଦ୍‌ଘାଟିତ

ସହାୟକ ହୋଇପାରିବ। ଆଗାମୀ ଦିନରେ ଅଧିକ ସ୍ଥାନରେ ଏହି କ୍ୟାମେରା ଲଗାଯିବ। ଏହି ଅତ୍ୟାଧୁନିକ କଣ୍ଟ୍ରୋଲ ରୁମ୍‌ରେ ବସି କନଷ୍ଟେବଳ ଓ ହାବିଲଦାରମାନେ ଅଧିକାରୀମାନଙ୍କ ସହ ଆଇନଶୃଙ୍ଖଳା ପରିସ୍ଥିତିକୁ ଅନୁଧ୍ୟାନ କରିବେ। ବିଶେଷକରି ଆଗକୁ ଶାରଦୀୟ ପୂଜା ଥିବାରୁ ସିସିଟିଭି କ୍ୟାମେରା ଫୁଟେଜକୁ ନଜରରେ ରଖି ପୋଲିସ କାମ କରିବ ବୋଲି ଡିସିପି କହିଛନ୍ତି।



ଡିସିପି ପିନାକ ମିଶ୍ର ଏଲ୍‌ଇଡି ସ୍କ୍ରିନ୍‌ରେ ସିସିଟିଭି ଫୁଟେଜ୍‌କୁ ଅନୁଧ୍ୟାନ କରୁଛନ୍ତି।

# ମହିଳାଙ୍କୁ ବିଷଦେଇ ମାରିବା ଅଭିଯୋଗ, ୨ ଗିରଫ

କଣ୍ଟାପଡା, ୧୫।୯(ଡି.ଏନ୍.ଏ.)

ଗୋବିନ୍ଦପୁର ଥାନା ଅନ୍ତର୍ଗତ ବଡ ୱାଉବରାଇ ଗ୍ରାମର ଦୀପ୍ତିମୟୀ ମିଶ୍ର ନାମ୍ନୀ ଜଣେ ମହିଳାଙ୍କୁ ବିଷ ଦେଇ ମାରିବା ଅଭିଯୋଗରେ ପୋଲିସ ୨ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ମହିଳାଙ୍କ ଶ୍ୱଶୁର ରମେଶ ଚନ୍ଦ୍ର ମିଶ୍ର ଓ ଦିଅର ସ୍ମୃତିରଞ୍ଜନ ମିଶ୍ର(୩୦)। ଅଭିଯୋଗ ଅନୁଯାୟୀ, ଯାଜପୁର ଜିଲା ପାଣିକୋଇଲି ଥାନା ଅଧୀନ ଛୋଟରାୟପୁର ଗ୍ରାମର ଦୀପ୍ତିମୟୀଙ୍କୁ ୧ ବର୍ଷ ତଳେ ବଡ ୱାଉବରାଇ ଗ୍ରାମର ରଶ୍ମିରଞ୍ଜନ ମିଶ୍ର ପ୍ରେମବିବାହ କରିଥିଲେ। ସୋମବାର ରାତିରେ ଦୀପ୍ତିମୟୀ ଘରେ ଶୋଇଥିବାବେଳେ ତାଙ୍କର ଶିଶୁକନ୍ୟା ଜୋରରେ କାନ୍ଦିଥିଲା। ଶିଶୁକନ୍ୟାର କାନ୍ଦ ଶୁଣି ପରିବାର ଲୋକେ ସେଠାରେ ପହଞ୍ଚିବାବେଳକୁ ଦୀପ୍ତିମୟୀ ମୁମୂର୍ଷ ଅବସ୍ଥାରେ ପଡିଥିବା ଦେଖିବାକୁ ପାଇଥିଲେ। ତୁରନ୍ତ ତାଙ୍କୁ ଅଡଶପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ତଦନ୍ତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇଥିଲା। ଯୌତୁକ ପାଇଁ ଶାଶୁଘର ଲୋକେ ଦୀପ୍ତିମୟୀଙ୍କୁ ବିଷ ଦେଇ ମାରି ଦେଇଥିବା ତାଙ୍କ ଭାଇ ଗଣେଶ ପ୍ରସାଦ ମିଶ୍ର ମଙ୍ଗଳବାର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ହତ୍ୟା ମାମଲା(ନଂ.୧୨୫/୨୨)ରୁଜୁକରିଥିଲା।

# ପୁନରୁଦ୍ଧାର ହେବ ଉର୍ଦ୍ଦୁ ପାଠାଗାର

କଟକ ଅଫିସ,୧୫।୯

କଟକ ସହରର ଏକମାତ୍ର ତଥା ପ୍ରଥମ ଉର୍ଦ୍ଦୁ ପାଠାଗାରର ପୁନରୁଦ୍ଧାର କରାଯିବ। ପ୍ରାୟ ୯ ବର୍ଷ ହେବ ବନ୍ଦ ରହିଥିବା ଏହି ପାଠାଗାରକୁ କଟକ ମହାନଗର ନିଗମ(ସିଏମ୍‌ସି) ଖୋଲିବାକୁ ନିଷ୍ପତ୍ତି ନେଇଛି। ସିଏମ୍‌ସିକୁ ଦାନସୂତ୍ରରେ ମିଳିଥିବା ଏହି ପାଠାଗାରର ମାଲିକାନାସ୍ୱତ୍ୱକୁ ନିଜ ନାମକୁ ଅଣାଯିବା ପରେ ପୁନରୁଦ୍ଧାର କାର୍ଯ୍ୟ କରାଯିବ। ଏନେଇ ଯୋଜନା ପ୍ରସ୍ତୁତ କରାଯାଉଥିବାବେଳେ ତହସିଲଦାରଙ୍କୁ ଏହାର ସ୍ଥିତାବସ୍ଥା ସମ୍ପର୍କରେ ସିଏମ୍‌ସି ପକ୍ଷରୁ ରିପୋର୍ଟ ମଗାଯାଇଛି। ଏ ସମ୍ପର୍କରେ ଗତ କାଉନ୍‌ସିଲ ବୈଠକରେ ଆଲୋଚନା ହୋଇଥିଲା। ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡିପିଆର) ପ୍ରସ୍ତୁତ କରିବାକୁ ବିଭାଗୀୟ ଅଧିକାରୀଙ୍କୁ କର୍ତ୍ତୃପକ୍ଷ



ଉର୍ଦ୍ଦୁ ପାଠାଗାର ଛାତରୁ ଖସିଥିବା ସିମେଣ୍ଟ କଂକ୍ରିଟ୍।

ନିର୍ଦ୍ଦେଶ ଦେଇଛନ୍ତି। ମାଲିକାନାସ୍ୱତ୍ୱ ପରିବର୍ତ୍ତନ ପାଇଁ ସିଏମ୍‌ସି ପକ୍ଷରୁ ପ୍ରୟାସ ଜାରି ରହିଥିବା ଜଣାପଡ଼ିଛି । ଏନେଇ ତହସିଲଦାରଙ୍କୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି। ସିଏମ୍‌ସି ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ପୁରୁଣାକୋଠାର ସ୍ଥିତି ଯାଞ୍ଚ କରାଯାଇ ମରାମତି କରାଯିବ। ସେଥିରେ ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥା କରାଯିବ। ପୁରୁଣା ପୁସ୍ତକ ସହ କିଛି ନୂତନ ପୁସ୍ତକକୁ ସାମିଲ କରାଯିବ। ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଓ ମହିଳାଙ୍କ ପାଇଁ ସ୍ୱତନ୍ତ୍ର କକ୍ଷ କରାଯିବ।

୧୯୭୦ ମସିହାରେ ବକ୍ସିବଜାରରେ ଜଣେ ଅବସରପ୍ରାପ୍ତ ପ୍ରଶାସକ ନିଜସ୍ୱ ଅର୍ଥରେ ଏହି ପାଠାଗାର ପ୍ରତିଷ୍ଠା କରିଥିଲେ। ଏଠାରେ ବହୁ ମୂଲ୍ୟବାନ ପୁସ୍ତକ ରଖାଯାଇଥିଲା। ପାଠାଗାରକୁ ଏକ ଛୋଟ କୋଠରିରେ ପରିଚାଳନା କରାଗଲା। ପରବର୍ତ୍ତୀ ସମୟରେ ଅର୍ଥାତ୍ ୧୯୯୨ରେ ପାଠାଗାର ପରିଚାଳନା କରିବା ପାଇଁ ସିଏମ୍‌ସିକୁ ଦାନ ସୂତ୍ରରେ ଦିଆଯାଇଥିଲା। ପରେ ସିଏମ୍‌ସି ଏହାକୁ ନିଜ ଅଧୀନକୁ ନେଇ ଚଳାଇଥିଲା। ଏହି ପାଠାଗାରରେ ବହୁ ପ୍ରସିଦ୍ଧ ଉର୍ଦ୍ଦୁ ଲେଖକଙ୍କ ପୁସ୍ତକ, ଧର୍ମପୁସ୍ତକ ସମେତ ଓଡ଼ିଆ ପୁସ୍ତକ ରଖାଯାଇଥିଲା। ପ୍ରାୟ

### ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ପାଇଁ ପ୍ରୟାସ ଜାରି

୧୦ ହଜାର ପୁସ୍ତକ ଏଠାରେ ଉପଲବ୍ଧ ଥିବାବେଳେ ପ୍ରତିଦିନ ୨୦୦ରୁ ଊର୍ଦ୍ଧ୍ୱ ପାଠକ ଏଠାକୁ ପଢିବାକୁ ଆସୁଥିଲେ। କିଛିବର୍ଷ ପରେ ରକ୍ଷଣାବେକ୍ଷଣ ଅଭାବରୁ ପାଠାଗାରର ଛାତ ଓ କାନ୍ଥଗୁଡ଼ିକ ବିପର୍ଯ୍ୟସ୍ତ ହୋଇପଡିଥିଲା। ପ୍ଲାଷ୍ଟର ଖସିବା ଯୋଗୁ ସିଏମ୍‌ସି କର୍ତ୍ତୃପକ୍ଷ ୨୦୧୩ରେ ଏହାକୁ ବିପଦସଙ୍କୁଳ ଘୋଷଣା କରି ବନ୍ଦ କରିଦେଇଥିଲେ। ପରେ ଏହାର ପୁନରୁଦ୍ଧାର କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ହେଲେ ଇତିମଧ୍ୟରେ ୯ ବର୍ଷ ବିତିଯାଇଥିଲେ ମଧ୍ୟ ପାଠାଗାରର ପୁନରୁଦ୍ଧାର ହୋଇପାରିନାହିଁ। ଏବେ ଏଥିପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏ ସମ୍ପର୍କରେ ସିଏମ୍‌ସି ଡେପୁଟି କମିଶନର ଅଜୟ ମହାନ୍ତି କହିଛନ୍ତି,ପାଠାଗାର ଜମିର ମାଲିକାନାସ୍ୱତ୍ୱ ପରିବର୍ତ୍ତନ ପରେ ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହେବ।




କଟକ ମହାନଗର ନିଗମର ୨୪ନଂ. ୱାର୍ଡ ପକ୍ଷରୁ ହରିପୁର-ଦୋଳମୁଣ୍ଡାଇ ଅଞ୍ଚଳରୁ ଗୁରୁବାର ବାହାରିଥିବା ଡେଙ୍ଗୁ ସଚେତନତା ଶୋଭାଯାତ୍ରା।




କଟକ ସହରର ବିଭିନ୍ନ ସମସ୍ୟା ନେଇ ଭାଜପା କଟକ ନଗର ଜିଲା ପକ୍ଷରୁ ଗୁରୁବାର ସିଏମ୍‌ସି ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।

## ସଂକ୍ଷେପରେ

### ଦୁଇଦିନିଆ ରିମାଣ୍ଡରେ ଆସିଲେ ୨ ଅଭିଯୁକ୍ତ

#### ନକଲି ମେଡିସିନ କାରବାର ମାମଲା

କଟକ ଅଫିସ,୧୫।୯: ନକଲି ଔଷଧ କାରବାର ମାମଲାରେ ଗିରଫ ହୋଇ ଜେଲରେ ଥିବା ୨ ଅଭିଯୁକ୍ତଙ୍କୁ କମିଶନରେଟ୍ ପୋଲିସ ଗୁରୁବାର ଦୁଇଦିନିଆ ରିମାଣ୍ଡରେ ଆଣିଛି। ପୋଲିସ ପକ୍ଷରୁ ଏନେଇ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଗୁରୁବାର ଆବେଦନ କରାଯିବା ପରେ କୋର୍ଟ ଅନୁମତି ଦେଇଥିଲେ। ଅଭିଯୁକ୍ତ ଦ୍ୱୟ ହେଲେ ଜାଉଁଳିଆପଟିସ୍ଥିତ ପୂଜା ଏଣ୍ଟରପ୍ରାଇଜର୍ସର ସଞ୍ଜୟ ଜଲାନ ଓ ମାଣିକଘୋଷ ବଜାର ଭି. ଆର. ଡ୍ରଗ୍ସ ଏଜେନ୍ସିର ରାହୁଲ କୁମାର କ୍ୟାଲ। ନକଲି ଔଷଧ କାରବାରର ଚେର କେତେଦୂର ଲମ୍ବିଛି ଏସବୁର ପର୍ଦ୍ଦାଫାଶ ପାଇଁ ପୋଲିସ ଅଭିଯୁକ୍ତଙ୍କୁ ପଚରାଉଚୁରା କରୁଛି। ଏଥିରୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହସ୍ତଗତ ହେବ ଓ ନକଲି ମେଡିସିନ କାରବାରର ତଦନ୍ତ ଆଗକୁ ବଢ଼ିପାରିବ ବୋଲି ଡିସିପି ପିନାକ ମିଶ୍ର କହିଛନ୍ତି।

### ନ୍ୟାୟ ପାଇଁ ଜିଲାପାଳଙ୍କ ଦ୍ୱାରସ୍ଥ

ଖୋର୍ଦ୍ଧା ଅଫିସ,୧୫।୯: ଖୋର୍ଦ୍ଧା ବରୁଣେଇ ଶିଳ୍ପାଞ୍ଚଳରେ ଥିବା କେତେକ ରାଷ୍ଟ୍ରାୟତ୍ତ କମ୍ପାନୀରେ ଶ୍ରମିକଙ୍କୁ ଶୋଷଣ କରାଯାଉଛି। ଧାର୍ଯ୍ୟ ସମୟଠାରୁ ଅଧିକ ସମୟ ଖଟାଉଛନ୍ତି। ଦରମା ଠିକ୍ ସମୟରେ ମିଳୁନାହିଁ। ପ୍ରତିବାଦ କଲେ ଛଟେଇ କରିଦିଆଯାଉଛି। ଶ୍ରମ ଆଇନକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଛି। ଏନେଇ କମ୍ପାନୀ ବିରୋଧରେ ଜିଲା ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ ହେଉଛି। କେବଳ ପ୍ରତିଶ୍ରୁତି ମିଳୁଛି, କୌଣସି ପଦକ୍ଷେପ ନିଆଯାଉ ନାହିଁ। ଗୁରୁବାର ଏକ ଟ୍ରାନ୍ସପୋର୍ଟ ଅଧୀନରେ କାର୍ଯ୍ୟରତ ଶତାଧିକ ଶ୍ରମିକ ନ୍ୟାୟ ଦାବିରେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବା ସହ କମ୍ପାନୀ କର୍ତ୍ତୃପକ୍ଷଙ୍କ ମନମୁଖି କାର୍ଯ୍ୟ, ଛଟେଇ ବିରୋଧରେ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ। ପ୍ରଶାସନର ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।ଅଭିଯୋଗରେ ଦର୍ଶାଯାଇଛି ଯେ, ଉକ୍ତ ଟ୍ରାନ୍ସପୋର୍ଟ ଅଧୀନରେ ଏକାଧିକ ଶ୍ରମିକ ଏକ କମ୍ପାନୀରେ ଦୀର୍ଘ ୧୦ ବର୍ଷରୁ ଊର୍ଦ୍ଧ୍ୱ ହେବ କାମ କରି ଆସୁଛନ୍ତି। କମ୍ପାନୀରେ କାର୍ଟୁନ ଲୋଡିଙ୍ଗ, ଅନଲୋଡ କାମ କରୁଛନ୍ତି। କମ୍ପାନୀ କାର୍ଟୁନ ପିଛା ୪୭ ପଇସା ଦେଉଥିଲେ। ତେବେ ଶ୍ରମ ଆଇନ ଅନୁଯାୟୀ ୧୦ରୁ ୧୨ ଘଣ୍ଟା ପରିବର୍ତ୍ତେ ଅଧିକ ୨ ଘଣ୍ଟା କାମରେ ଖଟାଉଛନ୍ତି। ସମୟ ଅବଧି ପରେ ମଧ କମ୍ପାନୀ ଗେଟ୍ ବନ୍ଦ କରି ଶ୍ରମିକଙ୍କୁ କାମ କରିବାକୁ ବାଧ କରୁଛନ୍ତି। ପ୍ରତିବାଦ କଲେ, ଚାକିରିରୁ ଛଟେଇ ଏବଂ ମିଥ୍ୟା କେସରେ ଛନ୍ଦି ଦେବା ଲାଗି ଧମକ ଦେଉଛନ୍ତି। ଗତ ଶୁକ୍ରବାର କାର୍ଟୁନ ପିଛା ୧୩ ପଇସା ବଢ଼ାଇ ୬୦ ପଇସା ବୃଦ୍ଧି ଲାଗି ଦାବି କରି କାର୍ଯ୍ୟ ବନ୍ଦ କରିଥିଲୁ। ଏନେଇ କମ୍ପାନୀ ମୁଖ୍ୟ ପରିଚାଳକଙ୍କୁ ଜଣାଇଥିଲୁ। ପରବର୍ତ୍ତୀ ସମୟରେ ପୋଲିସ ହସ୍ତକ୍ଷେପ ପରେ ସମାଧାନ ହୋଇଥିଲା। ତେବେ କମ୍ପାନୀର ମୁଖ୍ୟ ବିନା କାରଣରେ ଶ୍ରମିକଙ୍କୁ କାମରୁ ଛଟେଇ କରି ବାହାର ଶ୍ରମିକଙ୍କୁ ଆଣି କାମ କରୁଛନ୍ତି। ଉପଯୁକ୍ତ ପଦକ୍ଷେପ ସହ ଶ୍ରମିକମାନଙ୍କୁ ନ୍ୟାୟ ଦିଆଯାଉ ବୋଲି ଦାବି କରିଛନ୍ତି।

# ପାନୀୟଜଳ, ଆଲୋକ ବ୍ୟବସ୍ଥା ନାହିଁ

ବୋଲଗଡ଼,୧୫।୯(ଡି.ଏନ୍.ଏ.): ପୂର୍ବତଟ ରେଳପଥ ଅଧୀନ ବୋଲଗଡ଼ ରେଲୱେ ଷ୍ଟେଶନରେ ପାନୀୟଜଳ ଏବଂ ଆଲୋକୀକରଣ ବ୍ୟବସ୍ଥା ନ ଥିବାରୁ ଯାତ୍ରୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ଷ୍ଟେଶନ ପୂର୍ବରୁ ବୋଲଗଡ଼ ଟାଉନ ପାସେଞ୍ଜର୍ ହଲ୍ଟ ଥିବା ବେଳେ ଗତ ଜୁନ ୩୦ରେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସ୍ଥାନୀୟ ଜନସାଧାରଣଙ୍କ ଦାବିକୁ ଗ୍ରହଣ କରି ଏଠାରେ ପହଞ୍ଚି ବୋଲଗଡ଼ ଷ୍ଟେଶନର ମାନ୍ୟତା ପ୍ରଦାନ କରିଥିଲେ। ସେବେଠାରୁ ଏହି ଷ୍ଟେଶନରେ ଏକ୍ସପ୍ରେସ୍ ଟ୍ରେନ ରହଣି ଆରମ୍ଭ ହୋଇଥିଲା। ତେବେ ଷ୍ଟେଶନରେ ଅବ୍ୟବସ୍ଥା ଯୋଗୁ ଯାତ୍ରୀ ଓ ରେଲୱେ କର୍ମଚାରୀ ହଇରାଣ ହେଉଛନ୍ତି। ଏଠାରେ ଥିବା ଏକ ନଳକୂପ ଖରାପ ହୋଇ ବନ୍ଦ ପଡିଛି। ଫଳରେ ପିଇବା ପାଣି ପାଇଁ ଯାତ୍ରୀ ଓ ରେଲୱେ କର୍ମଚାରୀ ନିକଟ ବ୍ଲକ କାର୍ଯ୍ୟାଳୟରୁ ଆଣୁଛନ୍ତି। ଭୁବନେଶ୍ୱର-ନୟାଗଡ ସେବା ଏକ୍ସପ୍ରେସ୍ ଏବଂ ପୁରୀ ନୁଆଗାଁ ପାସେଞ୍ଜର୍ ସ୍ପେଶାଲ ଟ୍ରେନ ପ୍ରତ୍ୟହ ପୂର୍ବାହ୍ନ ୧୦ଟା ମଧ୍ୟରେ ଏଠାରେ ପହଞ୍ଚୁଥିବା ବେଳେ ରାତି ୮ଟାରୁ ୮ଟା ୩୦ ମଧ୍ୟରେ ପୁଣି ଏଠାରେ ପହଞ୍ଚିଥାଏ। ଶତାଧିକ ଯାତ୍ରୀ ଏଠାରୁ ଦୈନନ୍ଦିନ ପୁରୀ ଓ ଭୁବନେଶ୍ୱର ଯାଇଥାନ୍ତି। ଷ୍ଟେଶନରେ ଆଲୋକୀକରଣ ସୁବିଧା ନ ଥିବାରୁ ରାତିରେ ଫେରୁଥିବା ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଷ୍ଟେଶନରେ ଥିବା କାର୍ଯ୍ୟାଳୟ ଅଞ୍ଚଳଟି ଆଲୋକିତ ହେଉଥିବା ବେଳେ ପ୍ରବେଶ ପଥ ଓ ସର୍କୁଲେଟିଙ୍ଗ ଅଞ୍ଚଳ ସମ୍ପୂର୍ଣ୍ଣ ଅନ୍ଧାକାର ରହୁଛି। ଯାତ୍ରୀ ଲିଟୁ ପଟ୍ଟନାୟକ କୁହନ୍ତି, ପାନୀୟଜଳର ସୁବିଧା ନ ଥିବାରୁ ଯାତ୍ରୀ ପିଇବା ପାଣି ପାଇଁ ହନ୍ତସନ୍ତ ହୋଇଥାନ୍ତି। ପ୍ଲାଟଫର୍ମ ଓ ପ୍ରବେଶ ପଥରେ ଆଲୋକୀକରଣ ନ ଥିବାରୁ ରାତିରେ ପୁରୀ ଓ ଭୁବନେଶ୍ୱରରୁ ଫେରୁଥିବା ଯାତ୍ରୀ ହଇରାଣ ହେବା ସହ ନିରାପଦ ମଣନାହାନ୍ତି। ଅନ୍ୟପକ୍ଷରେ ଷ୍ଟେଶନ ପରିଚାଳନା ଦାୟିତ୍ୱରେ ଥିବା ଷ୍ଟେଶନ ଟିକେଟ ବୁକିଙ୍ଗ ଅଥରିଟି (ଏସ୍‌ଟିବିଏ) ଏଜେଣ୍ଟ ଉମାକାନ୍ତ ବେବର୍ତ୍ତା ପଟ୍ଟନାୟକ କହିଛନ୍ତି, ଏ ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଛି। ଖୁବ୍‌ଶୀଘ୍ର ଉକ୍ତ ସମସ୍ୟାର ସମାଧାନ କରାଯିବ ବୋଲି ବିଭାଗ ପକ୍ଷରୁ ମେସେଜ ଆସିଥିବା ସେ କହିଛନ୍ତି।

**ବୋଲଗଡ଼ ରେଲୱେ ଷ୍ଟେଶନ**




## ଓଡ଼ିଶାର ଐତିହ୍ୟକୁ ନେଇ ଚଳଚ୍ଚିତ୍ର ‘ଲିଙ୍ଗରାଜ ମନ୍ଦିର’




ସଙ୍ଗୀତ ରେକର୍ଡିଂ ସମୟରେ ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟ୍ଟଶାଣୀ ଓ ଅନ୍ୟମାନେ ।

ଭୁବନେଶ୍ୱର,୧୫।୯(ବ୍ୟୁରୋ): ଲିଙ୍ଗରାଜ ମନ୍ଦିର ଓ ଏହାର କାହାଣୀକୁ ନେଇ ପରଦାକୁ ଆସିବ ଓଡ଼ିଆ ଚଳଚ୍ଚିତ୍ର ‘ଲିଙ୍ଗରାଜ ମନ୍ଦିର’। ଦୀର୍ଘଦିନ ପରେ ଓଡ଼ିଶାର ଐତିହ୍ୟକୁ ନେଇ ତିଆରି ହେବାକୁ ଯାଉଥିବା ଏହି ଚଳଚ୍ଚିତ୍ରରେ ଏକ ନିଆରା ପ୍ରେମ କାହାଣୀକୁ ଚିତ୍ରଣ କରାଯାଇଛି। ଲିଙ୍ଗରାଜ ମନ୍ଦିର ନିକଟ ଖୋଳିବା ସମୟରେ ଏକ ପଥର ମୂର୍ତ୍ତି ମିଳୁଛି। ପରବର୍ତ୍ତୀ ସମୟରେ ଏହି ମୂର୍ତ୍ତିର ପ୍ରାଚୀନ ଇତିହାସ ଜଣାପଡିଛି। ମୂର୍ତ୍ତିଟି କାହାର, ମାଟି ତଳେ ତାହାକୁ କିଏ କାହିଁକି ପୋତିଥିଲା ତାହା ସିନେମାରେ ରହିଥିବା ପ୍ରଯୋଜନା ସଂସ୍ଥା ପକ୍ଷରୁ କୁହାଯାଇଛି। ଚଳଚ୍ଚିତ୍ରରେ ପ୍ରେମ, ପ୍ରଣୟ ସହ ନାଟକୀୟ ପୃଷ୍ଠଭୂମି ରହିଛି। ନିର୍ଦ୍ଦେଶନାରେ ଦକ୍ଷିଣ ଭାରତର ନିର୍ଦ୍ଦେଶକ ରବି ରୟାଲ ଥିବାବେଳେ ପ୍ରଯୋଜକ ଏ ସଞ୍ଜୁ ଓ ସହ ପ୍ରଯୋଜକ ଭାବେ ରାଜଶେଖର ରହିଛନ୍ତି। ଓଡ଼ିଆ ସିନେମାରେ ପୁଞ୍ଜି ନିବେଶ କରିବାକୁ ଓଡ଼ିଆ ପ୍ରଯୋଜକ ପଛଘୁଞ୍ଚା ଦେଉଥିବାବେଳେ ଏଥିରେ ଦକ୍ଷିଣ ଭାରତ ଓ ବମ୍ବେରୁ ପ୍ରଯୋଜକ ଏବଂ ନିର୍ଦ୍ଦେଶକ ଯୋଡ଼ିହେବା ନିଶ୍ଚିତ ଓଲିଉଡ୍ ପାଇଁ ଶୁଭଙ୍କର ବୋଲି କୁହାଯାଉଛି।

ଚଳଚ୍ଚିତ୍ରର ରହିଥିବା ୬ଟି ଗୀତରେ ଗୁଡ୍‌ଲୀ ରଥ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ଆସନ୍ତା ଜାନୁୟାରୀରୁ ଭୁବନେଶ୍ୱର, ଗଡ ମଧୁପୁର, କୋରାପୁଟ, ଜୟପୁର, ରାୟଗଡ଼ା ଓ ବମ୍ବେରେ ସିନେମାର ଶୁଟିଂ ହେବ। ଅଭିନୟ ପାଇଁ ଓଲିଉଡ୍ ଅଭିନେତ୍ରୀ ଭୂମିକା ଚୁକ୍ତି କରିଥିବାବେଳେ ଅତିଶୀଘ୍ର ବଲିଉଡ୍ ଏବଂ ଓଲିଉଡ୍ କଳାକାର ଚୟନ କରାଯିବ ବୋଲି କ୍ରିଏଟିଭ୍ ହେଡ୍ ପ୍ରଣୟ ଜେଠୀ ସୂଚନା ଦେଇଛନ୍ତି। ଶୁକ୍ରବାର ଏହି ଚଳଚ୍ଚିତ୍ର ସଙ୍ଗୀତ ରେକର୍ଡିଂ ସମୟରେ ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟ୍ଟଶାଣୀ, ବିଧାୟକ ସୁରେଶ କୁମାର ରାଉତରାୟ, କଣ୍ଠଶିଳ୍ପୀ ସୁସ୍ମିତା ଦାସ, ଅଭିନେତା ରବି ମିଶ୍ର, ସଚ୍ଚିକାନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ବାଲିସାହି, ଲୋକନାଥ ରୋଡ୍ ଚଉଡ଼ା ହେବ



ଜିଲାପାଳ ସମର୍ଥ ବର୍ମା ଓ ଅନ୍ୟମାନେ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଅନୁଧ୍ୟାନ କରିବାକୁ ଯାଉଛନ୍ତି ।

**ପ୍ରଶାସନ ପକ୍ଷରୁ ମାପଚୁପ ଆରମ୍ଭ**

ପୁରୀ ଅଫିସ,୧୫।୯: ଶ୍ରୀକ୍ଷେତ୍ରକୁ ବିଶ୍ୱ ଐତିହ୍ୟ ନଗରୀ ଭାବେ ଗଢ଼ି ତୋଳିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପୁରୀରେ ବିଭିନ୍ନ ଉନ୍ନୟନମୂଳକ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ବାଲି ସାହି ଓ ଲୋକନାଥ ରୋଡ୍ ରାସ୍ତା ଚଉଡ଼ା ହେବା ନେଇ ପ୍ରଶାସନ ପକ୍ଷରୁ ପଦକ୍ଷେପ ଆରମ୍ଭ ହୋଇଛି। ଏ ନେଇ ଜିଲା ପ୍ରଶାସନ ପକ୍ଷରୁ ଗୁରୁବାର ମାପଚୁପ ସହ ସର୍ଭେ କାର୍ଯ୍ୟ ଆରମ୍ଭ ହୋଇଛି। ସ୍ଥାନୀୟ ବାସିନ୍ଦାଙ୍କ ସହ ଆଲୋଚନା ପରେ ଜିଲାପାଳ, ଉପଜିଲାପାଳ, ଓବିସିସି ଅଧିକାରୀ, ସ୍ଥାନୀୟ ପୋଲିସଙ୍କ ଉପସ୍ଥିତିରେ ମାପଚୁପ କରାଯାଇଛି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟକୁ ସଶକ୍ତୀକରଣ କରିବା ପାଇଁ ଉଭୟ ସାହିର ରାସ୍ତାକୁ ୪୦ଫୁଟ ଚଉଡ଼ା ରାସ୍ତାରେ ପରିବର୍ତ୍ତନ କରାଯିବା ନେଇ ପ୍ରଶାସନ ନିଷ୍ପତ୍ତି ନେଇଛି। ତେବେ ସ୍ଥାନୀୟବାସିନ୍ଦାଙ୍କ ସହମତିରେ ଏହି କାର୍ଯ୍ୟ କରାଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି।

ଶ୍ରୀମନ୍ଦିର ସିଂହଦ୍ୱାରଠାରେ ଠିଆ ହେଲେ ଦେଖାଯିବ ସ୍ୱର୍ଗଦ୍ୱାର। ପର୍ଯ୍ୟଟକ, ପୁରୀ ସହରବାସୀ ଓ ବାଲିସାହି ବାସିନ୍ଦାଙ୍କୁ ଏଣିକି ଆଉ ଟ୍ରାଫିକ ସମସ୍ୟା ଭୋଗିବାକୁ ପଡ଼ିବ ନାହିଁ। ଜିଲାପାଳ ସମର୍ଥ ବର୍ମା, ଉପଜିଲାପାଳ, ଓବିସିସି ଅଧିକାରୀଙ୍କ ଉପସ୍ଥିତିରେ ଅମିନ ମାପଚୁପ କରିଥିଲେ।

## ବିସର୍ଜନରେ ହିନ୍ଦୁ ବିରୋଧୀ କାର୍ଯ୍ୟକୁ ବିରୋଧ

### ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ

ଖୋର୍ଦ୍ଧା ଅଫିସ,୧୫।୯: ଜଟଣୀରେ ଗଣେଶ ପୂଜା ବିସର୍ଜନ ସମୟରେ ପୌର ପ୍ରଶାସନ ପକ୍ଷରୁ କରାଯାଇଥିବା ଅସ୍ଥାୟୀ ପୋଖରୀରେ ଅବ୍ୟବସ୍ଥା ସମ୍ପର୍କରେ ଖୋର୍ଦ୍ଧା ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଦର୍ଶାଯାଇଛି ଯେ, ଜଟଣୀର ବିଭିନ୍ନ ମଣ୍ଡପରେ ଗଣେଶ ପୂଜା ୧୧ଦିନ ବ୍ୟାପୀ ଆଡ଼ମ୍ବରରେ ପାଳନ କରାଯାଇଥାଏ। ବିସର୍ଜନ ଲାଗି ମା'ଡମଣେଇ ମନ୍ଦିର ନିକଟରେ ଅସ୍ଥାୟୀ ପୋଖରୀ କରାଯାଇଥିଲା। ମୂର୍ତ୍ତି ବିସର୍ଜନ ସମୟରେ ଉକ୍ତ ପୋଖରୀରେ ଆଣ୍ଠୁଏ ପାଣି ବ୍ୟବସ୍ଥା କରାଯାଇଥିଲା। କ୍ରେନ ମାଧ୍ୟମରେ ମୂର୍ତ୍ତିକୁ ଉଠାଇବା ସମୟରେ ଯେଉଁ ମୂର୍ତ୍ତିଗୁଡିକ ଭାଙ୍ଗି ଯାଉଥିଲା, ତାହାକୁ ଜେସିବି ମାଧ୍ୟମରେ ଠେଲି ପୋଖରୀରେ ଫୋପାଡି ଦିଆଯାଉଥିଲା। ଏହା ହିନ୍ଦୁ ସଂସ୍କୃତି ପ୍ରତି କୁଠାରାଘାତ। ଏଗାର ଦିନ ବ୍ୟାପୀ ଆଡ଼ମ୍ବରରେ ପୂଜାର୍ଚ୍ଚନା ପରେ ବିସର୍ଜନ ସମୟରେ ପୌର ପ୍ରଶାସନ ପକ୍ଷରୁ ମୂର୍ତ୍ତିଗୁଡିକୁ ଏଭଳି ଫିଙ୍ଗାଯିବା ହିନ୍ଦୁଙ୍କ ଧର୍ମୀୟ ଭାବନାକୁ ଆଘାତ ଦେଇଛି। ପୌର ପ୍ରଶାସନର ଏଭଳି ଅବ୍ୟବସ୍ଥା ଏବଂ ହିନ୍ଦୁତ୍ୱ ବିରୋଧୀ କାର୍ଯ୍ୟ ପାଇଁ ସର୍ବସମ୍ମୁଖରେ କ୍ଷମା ମାଗିବା ସହ ଆଗାମୀ ଦିନରେ ଯେପରି ଏହାର ପୁନରାବୃତ୍ତି ନ ହେବ ସେଥିପ୍ରତି ଯତ୍ନବାନ ହେବା ଲାଗି ନିବେଦନ କରିଛନ୍ତି। ବିଶ୍ୱ ହିନ୍ଦୁ ପରିଷଦର ଜିଲା ସମ୍ପାଦକ ପ୍ରଦୀପ କୁମାର ସାହୁ, ବସନ୍ତ ଦାସ, ରାଜେନ୍ଦ୍ର ସିଂଙ୍କ ସମେତ ଏକାଧିକ କର୍ମକର୍ତ୍ତା ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

## ନକଲି ଔଷଧ ବ୍ୟବସାୟୀଙ୍କ ପ୍ରତି ଆହୁରି କଠୋର ହେବ ୟୁସିଡିଏ




ଖବରଦାତା ସମ୍ମିଳନୀରେ ୟୁସିଡିଏର କର୍ମକର୍ତ୍ତାମାନେ ।

ଭୁବନେଶ୍ୱର, ୧୫।୯ (ବ୍ୟୁରୋ): ନକଲି ଔଷଧ କାରବାର କରୁଥିବା ବା ଅସାଧୁ ଉପାୟ ଅବଲମ୍ବନ କରୁଥିବା ପଞ୍ଜୀକୃତ ଔଷଧ ବ୍ୟବସାୟୀଙ୍କ ପ୍ରତି ଆହୁରି କଠୋର ହେବ ଉତ୍କଳ କେମିଷ୍ଟ ଆଣ୍ଡ୍ ଡ୍ରଗିଷ୍ଟ ଆସୋସିଏଶନ (ୟୁସିଡିଏ)। ନକଲି ଔଷଧ କାରବାରରେ ସମ୍ପୃକ୍ତ ୨ଟି ସଂସ୍ଥାକୁ ସଭ୍ୟ ପଦରୁ ବରଖାସ୍ତ କରାଯାଇଥିବାବେଳେ ଏଭଳି କାର୍ଯ୍ୟାନୁଷ୍ଠାନ ଆଗକୁ ଜାରି ରହିବ ବୋଲି ଗୁରୁବାର ଅଟଳ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଇଛି। ସମ୍ପାଦକ ପ୍ରଶାନ୍ତ ମହାପାତ୍ର କହିଛନ୍ତି, ସରକାରଙ୍କ ଗୋଟିଏ ଦେଶ ଗୋଟିଏ ଟିକସ ନୀତି ଆଧାରରେ ଯେ କୌଣସି ବ୍ୟବସାୟୀ ଜିଏସ୍‌ଟି ଭରି ଯେକୌଣସି ସ୍ଥାନରୁ ଯେକୌଣସି ଜିନିଷ କିଣିପାରିବେ। ହେଲେ ଏହାର ସୁଯୋଗ ନେଇ କିଛି ଅସାଧୁ ବ୍ୟବସାୟୀ ବିଭିନ୍ନ ସ୍ଥାନରୁ ନକଲି ଔଷଧ ଆମଦାନୀ କରି ବିକ୍ରି କରୁଛନ୍ତି। ତେବେ ପଞ୍ଜୀକୃତ ଥିବା କମ୍ପାନୀଗୁଡ଼ିକୁ ଉତ୍କଳ କେମିଷ୍ଟ ଆଣ୍ଡ୍ ଡ୍ରଗିଷ୍ଟ ଆସୋସିଏଶନ (ୟୁସିଡିଏ) ତଦାରଖ କରିପାରିବ। ମାତ୍ର ଅଣପଞ୍ଜୀକୃତ ବ୍ୟବସାୟୀଙ୍କ ହିସାବ ରଖିବା ଆସୋସିଏଶନ ପକ୍ଷେ ଅସମ୍ଭବ। ଫଳରେ ଆସୋସିଏଶନ ଅଗୋଚରରେ ସେମାନେ କଳା ସାମ୍ରାଜ୍ୟ ବିଛାଇ ଚାଲିଛନ୍ତି। ଅପରପକ୍ଷେ କମ୍ପାନୀ ପଞ୍ଜୀକୃତ ପାଇକାରୀ ବ୍ୟବସାୟୀ କେବଳ କମ୍ପାନୀଠାରୁ ଔଷଧ କିଣିବାର ନିୟମ ଥିବାବେଳେ ଅଧିକ ଲାଭ ଆଶାରେ କେତେଜଣ ପଞ୍ଜୀକୃତ ବ୍ୟବସାୟୀ ଅସାଧୁ ବ୍ୟବସାୟୀଙ୍କଠାରୁ ଔଷଧ କିଣୁଛନ୍ତି। ଏହା ନଜରକୁ ଆସିବାମାତ୍ରେ ତଦାରଖ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯାଉଛି।

## ମହାନଦୀକୁ ଡେଇଁଥିବା ଯୁବକ ଉଦ୍ଧାର

ବାରଙ୍ଗ,୧୫।୯(ଡି.ଏନ.ଏ): ମୁଣ୍ଡଳି ବ୍ୟାରେଜରେ ଗାଡ଼ି ରଖି ମହାନଦୀକୁ ଡେଇଁଥିବା ଯୁବକ ଗୁରୁବାର ଉଦ୍ଧାର ହୋଇ ଘରେ ପହଞ୍ଚିଛନ୍ତି। ଆଠଗଡ଼ ଥାନା ଅଧୀନ ସର୍ପେଶ୍ୱର ନୂଆଗଡ ସାହିର ପ୍ରଦ୍ୟୁମ୍ନ ବାରିକ ବୁଧବାର ରାତିପ୍ରାୟ ୧୦ଟାରେ ବାଇକ୍ ଧରି ମୁଣ୍ଡଳୀ ବ୍ୟାରେଜ ନିକଟକୁ ଆସିଥିଲେ। ବାଇକ୍ ରଖି କିଛି ସମୟ ଠିଆ ହେବା ପରେ ହଠାତ୍ ବ୍ୟାରେଜ ଉପରୁ ମହାନଦୀକୁ ଡେଇଁପଡିଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ବାରଙ୍ଗ ଅଗ୍ନିଶମ ବାହିନୀ ଓ ଗୋଡିସାହି ଫାଣ୍ଡି ପୋଲିସ ପହଞ୍ଚି ବହୁ ଖୋଜାଖୋଜି କରିବା ସତ୍ତ୍ୱେ ଯୁବକଙ୍କର ପତ୍ତାପାଇ ନ ଥିଲେ। ପରେ ପରିବାର ଲୋକଙ୍କୁ ପୋଲିସ ଜଣାଇ ଦେଇଥିଲେ। କିନ୍ତୁ ଗୁରୁବାର ସକାଳେ ଯୁବକ ଜଣଙ୍କ ନିଜେ ଘରେ ପହଞ୍ଚି ଥିବାର ବାରଙ୍ଗ ଥାନାକୁ ଖବର ମିଳିବାପରେ ପୋଲିସ ଓ ଅଗ୍ନିଶମବାହିନୀ ଆଶ୍ୱସ୍ତି ହୋଇଥିଲେ।

# ଓଭରବ୍ରିଜ୍ ନିର୍ମାଣ ବିଳମ୍ବ ନେଇ ଅସନ୍ତୋଷ

ନିରାକାରପୁର,୧୫।୯(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତ ନୂଆ ଜଗନ୍ନାଥ ସଡ଼କ ଉପରେ ଏକ ଓଭରବ୍ରିଜ ନିର୍ମାଣ ପାଇଁ ନିଷ୍ପତ୍ତି ହୋଇଛି। ଏଥିପାଇଁ ପୂର୍ତ୍ତ ବିଭାଗ ଓ ରେଲୱେ ଅଧିକାରୀ ସ୍ଥିତି ଦେଖିବା ସହ ନକ୍ସା ପ୍ରସ୍ତୁତ କରିସାରିଲେଣି। ଏପରିକି ସେଠାରେ ମୋରମ ଓ ଯନ୍ତ୍ରାଂଶ ମଧ ରଖାଯାଇଛି। ଦୀର୍ଘଦିନ ବିତିଯାଇଥିଲେ ମଧ ନିର୍ମାଣ କାର୍ଯ୍ୟ ଆରମ୍ଭ ହେଉ ନ ଥିବାରୁ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ରାସ୍ତା ସ୍ଥାନୀୟ ଲୋକଙ୍କ ପାଇଁ ଜରୁରୀ ହୋଇଥିବାରୁ ଶୀଘ୍ର କାର୍ଯ୍ୟ ଆରମ୍ଭ କରିବାକୁ ଦାବି ହେଉଛି। ଏନେଇ ଗତ ମଙ୍ଗଳବାର ଟାଙ୍ଗୀ ଅତିରିକ୍ତ ତହସିଲଦାର ଶରତ କୁମାର ଦେହୁରୀ, ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ରମାକାନ୍ତ ନାୟକ ଓ ପଦ୍ମିନୀ କୁମାର ବେହେରା ପ୍ରମୁଖ ନିରାକାରପୁର ରେଳ ଫାଟକ ଅଞ୍ଚଳରେ ପହଞ୍ଚି ସ୍ଥିତି ତଦାରଖ କରି ଫେରିଛନ୍ତି।

ସୂଚନାଥାଉ କି, ନୂଆ ଜଗନ୍ନାଥ ସଡ଼କରେ ରେଳ ବିଭାଗର ୨୧୯ନମ୍ବର ରେଳ ଫାଟକ ରହିଛି। ଏହି ଫାଟକଟି ଦୈନିକ ଟ୍ରେନ୍ ଯାତାୟାତ ଯୋଗୁ ପ୍ରତି ୧୫/୨୦ ମିନିଟ୍‌ରେ ଥରେ ପଡୁଥିବାରୁ ଏହି ରାସ୍ତା ଦେଇ ଯିବାଆସିବା କରୁଥିବା ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବେଳେବେଳେ ଉଭୟ ପାର୍ଶ୍ୱରୁ ଲଗାତର ଟ୍ରେନ ଆସିବା ଯୋଗୁ ପ୍ରାୟ ଅଧଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିଥାଏ। ଏପରିକି ଆମ୍ବୁଲାନ୍ସ ଓ ଦମକଳବାହିନୀ ଗାଡିଗୁଡିକ ମଧ ଏହି ଗହଳିରେ ଅନେକ ସମୟରେ ଫସି ରହୁଥିବା ଦେଖିବାକୁ ମିଳିଛି। ଏ ନେଇ ସ୍ଥାନୀୟ ଅଞ୍ଚଳବାସୀ ପକ୍ଷରୁ ଉକ୍ତ ସ୍ଥାନରେ ଏକ ଓଭରବ୍ରିଜ ନିର୍ମାଣ ପାଇଁ ବହୁବାର ଦାବି ହୋଇଆସୁଥିଲା। ଏହି ଅଭିଯୋଗକୁ ଦୃଷ୍ଟିରେ ରଖି ଏଠାରେ ଓଭରବ୍ରିଜ ନିର୍ମାଣ ପାଇଁ ନିଷ୍ପତ୍ତି ହୋଇ ପୂର୍ତ୍ତ ବିଭାଗ ଓ ରେଳ ବିଭାଗର ଅଧିକାରୀମାନେ ଏହି ସ୍ଥାନକୁ ଆସି ନକ୍ସା ଦେଖିଥିଲେ। ଏଥିସହିତ ସୀମା ନିର୍ଦ୍ଧାରଣ ପାଇଁ ଦାଗ ଦିଆସରିଛି ଏବଂ ବିଭିନ୍ନ ପରୀକ୍ଷା ନିରୀକ୍ଷା ସହିତ ଏହାର ଆପ୍ରୋଚ ରୋଡ ତିଆରି ପାଇଁ କିଛି ମୋରମ ମଧ ରଖାଗଲା। ହେଲେ ଏ ପର୍ଯ୍ୟନ୍ତ ଓଭରବ୍ରିଜ୍ ନିର୍ମାଣ ହୋଇପାରୁନାହିଁ। ପରେ ଟାଙ୍ଗୀ ଅତିରିକ୍ତ ତହସିଲଦାର ଶରତ ଦେହୁରୀ ଓ ଅନ୍ୟ ଅଧିକାରୀମାନେ ଉକ୍ତ ରେଳଫାଟକ ନିକଟରେ ପହଞ୍ଚି ସ୍ଥିତି ପରଖିଛନ୍ତି। ଏ ସମ୍ପର୍କରେ ଟାଙ୍ଗୀ ଅତିରିକ୍ତ ତହସିଲଦାର କହିଛନ୍ତି, ନକ୍ସା ଅନୁସାରେ ରେଳ ବିଭାଗ ଆପ୍ରୋଚ ରାସ୍ତା କରୁଥିଲା, ହେଲେ ଉକ୍ତ ସ୍ଥାନରେ ରାସ୍ତା ପାଇଁ ଏନଓସି ମିଳି ନ ଥିଲା। ତେଣୁ ଉପର ଅଧିକାରୀଙ୍କ ପକ୍ଷରୁ ନିର୍ଦ୍ଦେଶ ଆସିବା ପରେ ଉକ୍ତ ସ୍ଥାନକୁ ଯାଇ କୌଣସି ବେସରକାରୀ ଲୋକଙ୍କ ଜମି ଥିବା ନେଇ ଅଭିଯୋଗ ଥିବାରୁ ସେନେଇ ତଦନ୍ତ କରାଯାଇଛି। ଏହି ରିପୋର୍ଟ ଗଲା ପରେ ସେହି ଅନୁଯାୟୀ କାର୍ଯ୍ୟ ହେବ ବୋଲି ସେ ସୂଚନା ଦେଇଛନ୍ତି। ଯଦି ଆପ୍ରୋଚ ରାସ୍ତା ପାଇଁ ଏନ୍‌ଓସି ମିଳି ନ ଥିଲା, ତେବେ ରେଳ ବିଭାଗ ଖାଲି ନକ୍ସାକୁ ଧରି କିଭଳି ରାସ୍ତା କରୁଥିଲା ବୋଲି ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

**ସ୍ଥିତି ପରଖିଲେ ଅତିରିକ୍ତ ତହସିଲଦାର**

# ରେଳ ମନ୍ତ୍ରୀଙ୍କୁ ଗୁହାରି ଜଣାଇଲେ ଛାତ୍ର

ପୁରୀ ଅଫିସ,୧୫।୯: ପୁରୀର ବୀରପ୍ରତାପପୁର ଗ୍ରାମକୁ ଗୁରୁବାର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଗସ୍ତ ଅବସରରେ ଜଣେ ଛାତ୍ର ତାଙ୍କ ପାଦ ତଳେ ପଡ଼ି ଗୁହାରି ଜଣାଇଛନ୍ତି। ରେଲୱେ ଲେଭଲ କ୍ରସିଂ ଲାଗି ସ୍କୁଲକୁ ଯାତାୟାତ ସମସ୍ୟା ସମ୍ପର୍କରେ ସେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏ ନେଇ ରାଜ୍ୟ ସରକାରଙ୍କୁ ଅବଗତ କରାଇବା ସହ ଆବଶ୍ୟକ ପଦକ୍ଷେପ ନେବେ ବୋଲି ରେଳମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ଫଳରେ ସମ୍ପୃକ୍ତ ଛାତ୍ରଙ୍କ ଓଠରେ ହସ ଫୁଟିଛି।

ସୂଚନା ଅନୁଯାୟୀ, ବୀରପ୍ରତାପପୁର ଗ୍ରାମ ନିକଟ ରେଲଲାଇନ୍ କାର୍ଯ୍ୟର ଅନୁଧ୍ୟାନ ପାଇଁ ରେଳମନ୍ତ୍ରୀ ଯାଇଥିଲେ। ରେଳମନ୍ତ୍ରୀ ଏକ ଶୋଭାଯାତ୍ରାରେ ଯାଉଥିବା ବେଳେ ହଠାତ ଦ୍ୱିତୀୟ ଶ୍ରେଣୀ ଛାତ୍ର ବଦ୍ରି ପ୍ରସାଦ ପଣ୍ଡା ଗହଳି ମଧ୍ୟରେ ପଶିଆସି ତାଙ୍କ ପାଦ ତଳେ ପଡ଼ି ସମସ୍ୟା ଜଣାଇଥିଲେ। ସେ କହିଥିଲେ, ରେଲୱେ ଲେଭଲ କ୍ରସିଂ ଯୋଗୁ ପିଲାମାନେ ସ୍କୁଲରେ ପହଞ୍ଚିବା ବିଳମ୍ବ ହେଉଛି, କାରଣ ୨ କିଲୋମିଟର ରାସ୍ତା ବୁଲିବାକୁ ପଡୁଛି। ପିଲାମାନେ ପ୍ରତିଦିନ ଏତେ ରାସ୍ତା ଚାଲିକରି ଯିବା କଷ୍ଟକର ହେଉଛି। ସେହିପରି ବିଦ୍ୟାଳୟ ପରିସରରେ ଖେଳିବାକୁ କି ଖାଇବାକୁ ଜାଗା ନାହିଁ ବୋଲି ମଧ ଜଣାଇଥିଲେ। ଏହା ଶୁଣି ରେଳମନ୍ତ୍ରୀ ସମ୍ପୃକ୍ତ ଛାତ୍ରଙ୍କ ମୁଣ୍ଡରେ ହାତ ବୁଲାଇ ଆଶୀର୍ବାଦ ଦେବା ସହ ସମସ୍ୟାର ସମାଧାନ କରାଯିବ ବୋଲି କହିଥିଲେ। ଏ ନେଇ ବଦ୍ରି କହିଛନ୍ତି, ମନ୍ତ୍ରୀଙ୍କୁ ମୁଣ୍ଡିଆ ମାରି ଗୁହାରି ଜଣାଇଲି। ମନ୍ତ୍ରୀ ସବୁ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ମନ୍ତ୍ରୀ ବୈଷ୍ଣବ କହିଛନ୍ତି, ବୀରପ୍ରତାପପୁର ଗ୍ରାମରେ ଯାହା ସମସ୍ୟା ଥିଲା ତାହାର ସମାଧାନ ପାଇଁ ପ୍ରଶାସନିକ ତଦନ୍ତ ସରିଛି। ପୂର୍ବରୁ ଗସ୍ତ କରି ପ୍ରଶାସନକୁ ତଦନ୍ତ ଲାଗି ନିର୍ଦ୍ଦେଶ ଦେଇଥିଲି। ଆଜି ପୁଣି ଅନୁଧ୍ୟାନ କରିଛି। ସେହିପରି ସମ୍ପୃକ୍ତ ଛାତ୍ରଙ୍କ ଦାବି ସମ୍ପର୍କରେ ରାଜ୍ୟ ସରକାରଙ୍କୁ ଅବଗତ କରାଇବି। ଉଲ୍ଲେଖଯୋଗ୍ୟ, ବୀରପ୍ରତାପପୁର ପଞ୍ଚାୟତର ଅଧିକାଂଶ ଗ୍ରାମବାସୀ ରେଲୱେ ଲେଭଲ କ୍ରସିଂ ଦ୍ୱାରା ଯାତାୟାତ ଲାଗି ହଇରାଣ ହେଉଛନ୍ତି। ଏ ନେଇ ବିକଳ୍ପ ବ୍ୟବସ୍ଥା ନିମନ୍ତେ ରେଳମନ୍ତ୍ରୀଙ୍କୁ ପଞ୍ଚାୟତବାସୀ ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ଓ ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ରଙ୍କ ମାଧ୍ୟମରେ ନିବେଦନ କରିଥିଲେ। ସେମାନଙ୍କ ନିବେଦନ ରକ୍ଷାକରି ରେଳମନ୍ତ୍ରୀ ସେଠାକୁ ଯାଇଥିଲେ। ଏହି ସମସ୍ୟା ନେଇ ମନ୍ତ୍ରୀଙ୍କୁ ଗ୍ରାମବାସୀ ପୁଣି ନିବେଦନ କରିଥିବା ଜଣାପଡ଼ିଛି।



ମନ୍ତ୍ରୀଙ୍କୁ ବଦ୍ରି ପ୍ରସାଦ ଅଭିଯୋଗ କରୁଛନ୍ତି ।

**ରେଲୱେ ଲେଭଲ କ୍ରସିଂ ଲାଗି ସ୍କୁଲ ଯିବାକୁ ହଇରାଣ ହେଉଛନ୍ତି**



ବୀରପ୍ରତାପପୁର ଗସ୍ତ ଅବସରରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ ଅନ୍ୟମାନେ ।

## ସଂକ୍ଷେପରେ

### ମରଣାନ୍ତକ ଆକ୍ରମଣ ଘଟଣା: ଅଭିଯୁକ୍ତ ଗିରଫ

ନିମାପଡ଼ା,୧୫।୯(ଡି.ଏନ୍.ଏ.): କୌଣସି କାରଣରୁ ବଚସାକୁ ନେଇ ଜଣେ ବ୍ୟକ୍ତିଙ୍କୁ ଆକ୍ରମଣ କରିବା ଘଟଣାରେ ପୋଲିସ ଜଣଙ୍କୁ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଚାରିଛକ ଫାଣ୍ଡି ଅନ୍ତର୍ଗତ ଚଢେଇ ଗାଁର କୃଷ୍ଣଚନ୍ଦ୍ର ରାଉତ(୪୨)। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ କୋର୍ଟ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। ପୋଲିସ ତାଙ୍କଠୁ ଆକ୍ରମଣରେ ବ୍ୟବହୃତ ଲୁହା ପାଇପ୍ ଜବତ କରିଛି। ସୂଚନା ମୁତାବକ, ଚାଷଜମିରେ କେନାଲ ପାଣି ମଡାଇବାକୁ ନେଇ କୃଷ୍ଣଚନ୍ଦ୍ର ଏବଂ ରବୀନ୍ଦ୍ର ପାଢୀଙ୍କ ମଧ୍ୟରେ ଅଗଷ୍ଟ ୨୭ରେ ଗଣ୍ଡଗୋଳ ହୋଇଥିଲା। ସେଥିରେ କୃଷ୍ଣଚନ୍ଦ୍ର କ୍ରୋଧାନ୍ୱିତ ହୋଇ ରବୀନ୍ଦ୍ରଙ୍କୁ କୌଣସି ଏକ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଆକ୍ରମଣରେ ରବୀନ୍ଦ୍ରଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଏନେଇ ରବୀନ୍ଦ୍ର ସେହିଦିନ ଚାରିଛକ ଫାଣ୍ଡିରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ. ୨୮୮/୨୨) ରୁଜୁ କରି ତଦନ୍ତ ଚଳାଇଥିଲା।

### କୁଞ୍ଜେଶ୍ୱରୀ ବ୍ୟବସାୟୀ ସଂଘ କର୍ମକର୍ତ୍ତା ନିର୍ବାଚିତ

କଣାସ,୧୫।୯(ସ୍ୱ.ପ୍ର.): କଣାସ ବ୍ଲକ କଣାସ ପଞ୍ଚାୟତରେ ପ୍ରତିଷ୍ଠିତ ମା' କୁଞ୍ଜେଶ୍ୱରୀ ବ୍ୟବସାୟୀ ସଂଘର ସାଧାରଣ ବୈଠକ ସଂଘ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସଭାପତି ପର୍ଶୁରାମ ରାଉତରାୟଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ବଜାରରେ ଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ମୁଖ୍ୟତଃ ବଜାରର ବ୍ୟବସାୟୀ ଓ ସାଧାରଣ ଲୋକମାନଙ୍କ ପାଇଁ ପରିସ୍ରାଗାର ନ ଥିବାରୁ ବଜାରରେ ଏକ ଶୌଚାଳୟ ନିର୍ମାଣ ପାଇଁ ବ୍ୟବସାୟୀମାନେ ପ୍ରସ୍ତାବ ଦେଇଥିଲେ। ପୂର୍ବ ଆୟବ୍ୟୟ ହିସାବ ପରେ ନୂତନ କମିଟି ଗଠନ କରାଯିବା ପାଇଁ ବ୍ୟବସାୟୀମାନେ ପ୍ରସ୍ତାବ ଦେଇଥିଲେ। ସଭାପତି ଭାବେ ଶ୍ରୀକାନ୍ତ ପଞ୍ଚଯୋଷୀ ନିର୍ବାଚିତ ହୋଇଥିଲେ। ଉପସଭାପତି ଭାବେ ବିଜୟ ଭୋଳ, ସମ୍ପାଦକ ଭାବେ ଶରତ ମହାପାତ୍ର, ସହସମ୍ପାଦକ ନୃପେ ବେଣୁଧର ପାଇକରାୟ ଏବଂ ସୁବାସଚନ୍ଦ୍ର ପ୍ରଧାନ କୋଷାଧକ୍ଷ ଭାବେ ମନୋନୀତ ହୋଇଥିଲେ। ଅଶୋକ ସାହୁ, ଗୁରୁପ୍ରସାଦ ଭୋଳ, ଗୁରୁପ୍ରସାଦ ବଡଜେନା, ଓକିଲ ପ୍ରଧାନ, ଦୀପକ ଭୁଜବଳ, ସୁରଥ ସାହୁ, ହସିଦ୍ ମହମ୍ମଦ, ପ୍ରଦ୍ୟୁମ୍ନ ମନସିଂ ସଦସ୍ୟ ଭାବେ ମନୋନୀତ ହୋଇଥିବାବେଳେ ମୃଷା ମହାପାତ୍ର, ଶ୍ୟାମବନ୍ଧୁ ଭୋଳ, ବିଚିତ୍ରାନନ୍ଦ ପ୍ରଧାନ, ସୁରେନ୍ଦ୍ର ଭୋଳ, ଭାଗୀରଥି ଭୁଜବଳ, ବିକ୍ରମ ମହାପାତ୍ର ଉପଦେଷ୍ଟା ଭାବେ ମନୋନୀତ ହୋଇଥିଲେ। ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ପ୍ରତ୍ୟେକ ବ୍ୟବସାୟୀ ପ୍ରଥମେ ଧ୍ୟାନ ଦେବାକୁ ନବ ନିର୍ବାଚିତ କର୍ମକର୍ତ୍ତାମାନେ ବ୍ୟବସାୟୀମାନଙ୍କୁ ନିବେଦନ କରିଥିଲେ।

### ୨ ଦିନିଆ ରିମାଣ୍ଡରେ ଆସିଲେ ୨ ଅଭିଯୁକ୍ତ

ନକଲି ମେଡିସିନ କାରବାର ମାମଲା

କଟକ ଅଫିସ,୧୫।୯: ନକଲି ଔଷଧ କାରବାର ମାମଲାରେ ଗିରଫ ହୋଇ ଜେଲରେ ଥିବା ୨ ଅଭିଯୁକ୍ତଙ୍କୁ କମିଶନରେଟ୍ ପୋଲିସ ଗୁରୁବାର ଦୁଇଦିନିଆ ରିମାଣ୍ଡରେ ଆଣିଛି। ପୋଲିସ ପକ୍ଷରୁ ଏନେଇ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଗୁରୁବାର ଆବେଦନ କରାଯିବା ପରେ କୋର୍ଟ ଅନୁମତି ଦେଇଥିଲେ। ଅଭିଯୁକ୍ତ ଦ୍ୱୟ ହେଲେ ଜାଉଁଳିଆପଟିସ୍ଥିତ ପୂଜା ଏଣ୍ଟରପ୍ରାଇଜର୍ସର ସଞ୍ଜୟ ଜଲାନ ଓ ମାଣିକଘୋଷ ବଜାର ଭି. ଆର. ଡ୍ରଗ୍ସ ଏଜେନ୍ସିର ରାହୁଲ କୁମାର କ୍ୟାଲ। ନକଲି ଔଷଧ କାରବାରର ଚେର କେତେଦୂର ଲମ୍ବିଛି ଏସବୁର ପର୍ଦ୍ଦାଫାଶ ପାଇଁ ପୋଲିସ ଅଭିଯୁକ୍ତଙ୍କୁ ପଚରାଉଚୁରା କରୁଛି। ଏଥିରୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହସ୍ତଗତ ହେବ ଓ ନକଲି ମେଡିସିନ କାରବାରର ତଦନ୍ତ ଆଗକୁ ବଢ଼ିପାରିବ ବୋଲି ଡିସିପି ପିନାକ ମିଶ୍ର କହିଛନ୍ତି। ସୂଚନା ଅନୁସାରେ, ରକ୍ତଚାପର ଚିକିତ୍ସା ପାଇଁ ନକଲି ମେଡିସିନ ଟେଲ୍‌ମା-୪୦ ଓ ଟେଲ୍‌ମା-ଏଏମ୍ ବିକ୍ରି କରୁଥିବା ନେଇ ପୂଜା ଏଣ୍ଟରପ୍ରାଇଜର୍ସ ଏବଂ ଭି. ଆର୍. ଡ୍ରଗ୍ସ ଏଜେନ୍ସି ନାମରେ କଟକ ରେଞ୍ଜ-୧ ଡ୍ରଗ୍ସ ଇନ୍‌ସପେକ୍ଟର ତୁଷାର ରଞ୍ଜନ ପାଣିଗ୍ରାହୀ ଗତ ୧୦ ତାରିଖରେ ପୁରୀଘାଟ ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାରେ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କ ମେଡିସିନ ଗୋଦାମରେ ଚଢ଼ାଉ କରି ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଥିଲା। ତଦନ୍ତ ପରେ ନକଲି ମେଡିସିନ ଗୟା ଓ ବାଙ୍ଗାଲୁରୁରୁ ଅଣାଯାଉଥିବା ଜଣାପଡିଥିଲା। ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ଗୟା ଓ ବାଙ୍ଗାଲୁରୁ ଯାଇ ତଦନ୍ତ କରିବ ଏବଂ ଆଗାମୀ ଦିନରେ ଗିରଫ ବ୍ୟକ୍ତିଙ୍କ ସଂଖ୍ୟା ବୃଦ୍ଧି ପାଇବ ବୋଲି ଡିସିପି କହିଥିଲେ। ଏ ସମ୍ପର୍କରେ ଡ୍ରଗ୍ସ ଆଣ୍ଡ୍ କସ୍‌ମେଟିକ୍ସ ଆକ୍ଟରେ କଟକ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ୨ ଷ୍ଟକିଷ୍ଟଙ୍କ ନାମରେ ଦୁଇଟି ମାମଲା ଓ ପୁରୀଘାଟ ଥାନାରେ ଦୁଇଟି ମାମଲା ରୁଜୁ ହୋଇଥିଲା। ବିଭାଗ ପକ୍ଷରୁ ଉକ୍ତ ମେଡିସିନ ଦ୍ୱୟର ବିକ୍ରି ନିଷେଧ କରାଯିବା ସହ ଦୁଇ ଅଭିଯୁକ୍ତ ଷ୍ଟକିଷ୍ଟଙ୍କ ଡ୍ରଗ୍ସ ଲାଇସେନ୍ସକୁ ମଧ୍ୟ ବାତିଲ କରାଯାଇଥିଲା। ଏଥିସହ କଟକ ଜିଲା କେମିଷ୍ଟ ଆଣ୍ଡ୍ ଡ୍ରଗିଷ୍ଟ ଆସୋସିଏଶନ ପକ୍ଷରୁ ଦୁଇ ମେଡିସିନ ଷ୍ଟକିଷ୍ଟଙ୍କ ସଦସ୍ୟ ପଦ ମଧ୍ୟ ରଦ୍ଦ କରାଯାଇଥିଲା।

# ଚିକିତ୍ସା ଅବହେଳାରୁ ଗର୍ଭବତୀଙ୍କ ମୃତ୍ୟୁ

- ଅଭିଯୋଗ ଆଣି କାର୍ଯ୍ୟାନୁଷ୍ଠାନ ଦାବିକଲେ ପରିବାରବର୍ଗ
- ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଧାରଣା

ପୁରୀ ଅଫିସ, ୧୫।୯:



କାର୍ଯ୍ୟାନୁଷ୍ଠାନ ଦାବିରେ ମୃତକଙ୍କ ପରିବାର ବର୍ଗ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ମୃତଦେହ ରଖି ଧାରଣା ଦେଇଛନ୍ତି ।

କେରାଣ୍ଡିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ଅବହେଳାରୁ ଜଣେ ଗର୍ଭବତୀଙ୍କ ଜୀବନ ଯାଇଥିବା ଅଭିଯୋଗ ହୋଇଛି। ମୃତକଙ୍କ ପରିବାରବର୍ଗ ଏହି ଅଭିଯୋଗ ଆଣି କାର୍ଯ୍ୟାନୁଷ୍ଠାନ ଦାବିରେ ଗୁରୁବାର ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ଏଥିସହ ଏନେଇ କୁମ୍ଭାରପଡ଼ା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ରାହାଡମଲ ବାଉରିବଶ ଗ୍ରାମର ଅକ୍ଷୟ ମଲ୍ଲିକ୍‌ଙ୍କ ସ୍ତ୍ରୀ ଜାନକୀ ମଲ୍ଲିକ ଗର୍ଭବତୀ ଥିଲେ। ବୁଧବାର ସନ୍ଧ୍ୟା ପ୍ରାୟ ୫ଟାରେ ତାଙ୍କର ପ୍ରସବଜନିତ ଯନ୍ତ୍ରଣା ଆରମ୍ଭ ହୋଇଥିଲା। ପରିବାର ଲୋକେ ଏକ ଆମ୍ବୁଲାନ୍ସ ଯୋଗେ ତାଙ୍କୁ କେରାଣ୍ଡିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ରାତି ପ୍ରାୟ ୮ଟାରେ ଜାନକୀ ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିଲେ। ପରେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଖରାପ ହେବାରେ ଲାଗିଥିଲା। ପରିବାର ଲୋକେ ଜାଣିବାକୁ ପାଇଥିଲେ ନର୍ସମାନେ ଜାନକୀଙ୍କ ପ୍ରସବ କରାଇଥିଲେ। ପ୍ରଚୁର ରକ୍ତସ୍ରାବ ଯୋଗୁ ଜାନକୀଙ୍କ ମୃତ୍ୟୁ ଘଟିଛି। ଏ ନେଇ ଡାକ୍ତରଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଉତ୍ତର ମିଳି ନ ଥିଲା। ପରେ ରାତି ୧୦ଟାରେ ଜାନୀକଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଯିବା ପାଇଁ ନର୍ସ ପରାମର୍ଶ ଦେଇଥିଲେ। ତେବେ ଆମ୍ବୁଲାନ୍ସ ମିଳି ନ ଥିଲା। ଜାନକୀଙ୍କୁ ପରିବାର ଲୋକେ ଏକ ଅଟୋରେ ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ସେତେବେଳକୁ ତାଙ୍କ ଅବସ୍ଥା ସଙ୍ଗିନ ହୋଇପଡ଼ିଥିଲା। ମେଡିକାଲରେ କେହି ସିନିୟର ଡାକ୍ତର ନ ଥିଲେ। ଓଟିର ଚାବି ମିଳି ନ ଥିଲା। ଫଳରେ ସେ ୩୦ ମିନିଟ୍ କାଳ ପଡ଼ିରହି କଷ୍ଟ ପାଇଥିଲେ। ପରେ ଜାନକୀଙ୍କ ଚିକିତ୍ସା ଆରମ୍ଭ କରାଯାଇଥିଲେ ମଧ୍ୟ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସମ୍ପୃକ୍ତ ନର୍ସଙ୍କ ଅବହେଳା, ଡାକ୍ତରଙ୍କ ଦାୟିତ୍ୱହୀନତା କାରଣରୁ ଜାନକୀଙ୍କ ମୃତ୍ୟୁ ଘଟିଥିବା ପରିବାରବର୍ଗ ଅଭିଯୋଗ କରିଛନ୍ତି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକ ଓ ଗ୍ରାମବାସୀ ମୃତଦେହକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ରଖି ନ୍ୟାୟ ଦେବା ସହ କାର୍ଯ୍ୟାନୁଷ୍ଠାନ ଦାବିରେ ଧାରଣା ଦେଇଥିଲେ। ଅନ୍ୟପକ୍ଷରେ ଏ ନେଇ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ କେରାଣ୍ଡିଆ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାୟୀ ଡାକ୍ତର ଓ ଆମ୍ବୁଲାନ୍ସ ଯୋଗାଇ ଦିଆଯିବ ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଜାତା ମିଶ୍ର ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ଜିଲାପାଳଙ୍କ ସହ ଆଲୋଚନା କରାଯାଇ ପରିବାରକୁ କ୍ଷତିପୂରଣ ପ୍ରଦାନ ସହ ନବଜାତ ଶିଶୁକନ୍ୟାର ଭବିଷ୍ୟତ ନେଇ ସହଯୋଗ କରାଯିବ ବୋଲି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିବା ଜଣାପଡ଼ିଛି।



ପୁରୀ ମୋଚିସାହି ଛକ ଗୋପାଳବଲ୍ଲଭ ମାର୍ଗସ୍ଥିତ ସରୋଜିନୀ ଦେବୀ ସ୍ମୃତି ପାଠାଗାରର ବାର୍ଷିକ ଉତ୍ସବରେ ଡାକଟିକଟ ଉନ୍ମୋଚନ କରାଯାଉଛି ।

## ସରୋଜିନୀ ଦେବୀ ପାଠାଗାର ବାର୍ଷିକୋତ୍ସବରେ ଡାକଟିକଟ ଉନ୍ମୋଚନ

ପୁରୀ ଅଫିସ,୧୫।୯

ମୋଚିସାହି ଛକ ଗୋପାଳବଲ୍ଲଭ ମାର୍ଗସ୍ଥିତ ସରୋଜିନୀ ଦେବୀ ସ୍ମୃତି ପାଠାଗାରର ପ୍ରଥମ ବାର୍ଷିକ ଉତ୍ସବ ଗ୍ରନ୍ଥାଗାର ଦୀପ୍ତିରଞ୍ଜନ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗୁରୁବାର ପାଠାଗାର ପରିସରରେ ପାଳିତ ହୋଇଯାଇଛି। ଅବସରପ୍ରାପ୍ତ ରାଷ୍ଟ୍ରଦୂତ ଡ. ମଳୟ ମିଶ୍ର ଏହି ପାଠାଗାରଟିକୁ ନିଜ ମା ସରୋଜିନୀ ଦେବୀଙ୍କ ନାମରେ ଉତ୍ସର୍ଗ କରିଛନ୍ତି। ଗ୍ରନ୍ଥାଗାରିକ ଦୀପ୍ତିରଞ୍ଜନ ସାହୁଙ୍କ ଦ୍ୱାରା ବାର୍ଷିକ ବିବରଣୀ ପରେ ସଭାକାର୍ଯ୍ୟ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିରୂପେ ଡ. ଦାମୋଦର ଆର୍ଯ୍ୟଗ୍ୟ, ସମ୍ମାନିତ ଅତିଥି ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ବିବେକ ପଟ୍ଟନାୟକ, ମୁଖ୍ୟବକ୍ତା ପୁରୀ ଜିଲା ବିଦ୍ୟାଳୟ ଓ ବିଶ୍ୱମ୍ଭର ବିଦ୍ୟାପୀଠର ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ମିଶ୍ର ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପାଠାଗାର ଏବଂ ପୁସ୍ତକ ପଠନର ଉପାଦେୟତା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ପୁରୀ ମୁଖ୍ୟ ଡାକଘରର କର୍ମକର୍ତ୍ତା ହିମାଂଶୁ ଭୂଷଣ ଜଗଦେବ କରଙ୍କ ଉପସ୍ଥିତିରେ ୫ଟଙ୍କା ମୂଲ୍ୟର ସ୍ମାରକୀ ଡାକଟିକଟ ଉନ୍ମୋଚନ କରାଯାଇଥିଲା। ପୂର୍ବରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ପାଠାଗାରର ସମ୍ପାଦିକା କୁମାରୀ ଦୀପିକା ଧନ୍ୟବାଦ ଦେଇଥିଲେ।

## ଏୟାର ଶୋ', ବେଳାଭୂମି ସଫେଇ ପାଇଁ ପ୍ରସ୍ତୁତି

ପୁରୀ ଅଫିସ, ୧୫।୯:

ଆସନ୍ତା ୧୭ ତାରିଖରେ ପୁରୀ ବେଳାଭୂମି ସଫେଇ ଓ ୧୮ରେ ଏୟାର ଶୋ'ର ସଫଳ ଆୟୋଜନ ଲାଗି ଏକ ପ୍ରସ୍ତୁତି ବୈଠକ ଜିଲାପାଳ ସମର୍ଥ ବର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ୧୮ ତାରିଖ ପୂର୍ବାହ୍ନ ୧୦ଟା ୨୦ ମିନିଟରୁ ୧୧ଟା ପର୍ଯ୍ୟନ୍ତ ରାଜଭବନ ପାର୍ଶ୍ୱ ବ୍ଲୁ ଫ୍ଲାଗ୍ ବିଚ୍‌ରେ ବାୟୁସେନା ପକ୍ଷରୁ ଏୟାର ଶୋ' ଅନୁଷ୍ଠିତ ହେବ। ଏଥିଲାଗି ଆଇନ ଶୃଙ୍ଖଳା, ଟ୍ରାଫିକ ନିୟନ୍ତ୍ରଣ, ସ୍ୱାସ୍ଥ୍ୟ, ପାନୀୟଜଳ, ଅଗ୍ନି ନିର୍ବାପକ ଓ ଶୋ' ଦେଖିବାର ସୁବ୍ୟବସ୍ଥା ସହିତ ପ୍ରଚାର ପ୍ରସାର ଇତ୍ୟାଦି ସମ୍ପର୍କରେ ଆଲୋଚନା କରାଯାଇଥିଲା। ପୁରୀରେ ପ୍ରଥମ ଥର ପାଇଁ ଏୟାର ଶୋ' ହେବାକୁ ଯାଉଛି। ଏହାର ସଫଳ ଆୟୋଜନ ଲାଗି ଜିଲାପାଳ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। ସେହିପରି ଷଷ୍ଠ ବାଟାଲିଅନର କର୍ମଚାରୀ, ପୁରୀ ମ୍ୟୁନିସିପାଲିଟି, ଏନ୍‌ସିସି କ୍ୟାଡେଟ, ବ୍ୟବସାୟୀ, ସ୍ୱେଚ୍ଛାସେବୀ ଓ ଜନସାଧାରଣଙ୍କୁ ନେଇ ୧୭ତାରିଖ ସକାଳ ୬ଟାରୁ ପେଣ୍ଟକଟାଠାରୁ ବ୍ଲୁ ଫ୍ଲାଗ୍ ବିଚ୍ ଏବଂ ଭିକ୍ଟୋରିଆ ହୋଟେଲଠାରୁ ବ୍ଲୁ ଫ୍ଲାଗ୍ ବିଚ୍ ପର୍ଯ୍ୟନ୍ତ ବେଳାଭୂମି ସଫେଇ କରାଯିବ। ପୂର୍ବାହ୍ନ ୭ଟାରେ ସଚେତନତା କାର୍ଯ୍ୟକ୍ରମ ଓ ସ୍ୱଚ୍ଛତା ଶପଥ ପାଠ ଅନୁଷ୍ଠିତ ହେବ। ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ବାଲୁକା କଳାରେ ସଚେତନତା ବାର୍ତ୍ତା ଦିଆଯିବ। ଏହି ପ୍ରସ୍ତୁତି ବୈଠକରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ, ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମିହିର ପ୍ରସାଦ ପଣ୍ଡା, ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର, ପୌର ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ଅତିରିକ୍ତ ନିର୍ବାହୀ ଅଧିକାରୀ ମନୋଜ କୁମାର ବେହେରା, ଷଷ୍ଠ ବାଟାଲିଅନର ସୁବେଦାର ମେଜର ରୋହତାସ, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଏୟାର ଶୋ' ବନ୍ଦ ହେଉ

ପୁରୀ ଅଫିସ,୧୫।୯:

ଆସନ୍ତା ୧୮ ତାରିଖରେ ପୁରୀ ବେଳାଭୂମିରେ ହେବାକୁ ଥିବା ସୂର୍ଯ୍ୟକିରଣ ଏୟାର ଶୋ'କୁ ବନ୍ଦ କରିବା ପାଇଁ ଭଏସ୍ ଅଫ୍ କମନ୍‌ମ୍ୟାନ୍ ପକ୍ଷରୁ ଦାବି କରାଯାଇଛି। ଉକ୍ତ ଅନୁଷ୍ଠାନର ମୁଖ୍ୟ ହେକ୍ଟର ମିଶ୍ର ସୂର୍ଯ୍ୟକିରଣ ଶୋ' ପୁରୀରେ କରିବା ଉଚିତ ନୁହେଁ ବୋଲି ଦର୍ଶାଇ ଏୟାର ଚିଫ୍ ମାର୍ଶାଲ ଭି.ଆର୍. ଚୌଧାରୀଙ୍କୁ ଗୁରୁବାର ଚିଠି ଲେଖିଛନ୍ତି। ଉକ୍ତ ଚିଠିରେ ଦର୍ଶାଯାଇଛି ଯେ, ପୁରୀ ହେଉଛି ନୋ ଫ୍ଲାଇଂ ଜୋନ୍। ବିଶ୍ୱବିଖ୍ୟାତ ଶ୍ରୀମନ୍ଦିର ଏଠାରେ ରହିଛି। ଏହା ବହୁ ପୁରାତନ। ବିମାନର ଶବ୍ଦ ଯୋଗୁ ମନ୍ଦିର ଉପରେ ପ୍ରଭାବ ପଡ଼ିବ। ସେହିପରି ପୁରୀରେ ବାଲୁଖଣ୍ଡ ଅଭୟାରଣ୍ୟ ରହିଛି। ଏୟାର ଶୋ' ହେବାକୁ ଥିବା ସ୍ଥାନଠାରୁ ଏହି ଅଭୟାରଣ୍ୟ ୧କି.ମି. ଦୂର। ବିମାନର ଶବ୍ଦ ଯୋଗୁ ଅଭୟାରଣ୍ୟର ଜୀବଜନ୍ତୁଙ୍କ ଉପରେ ମଧ୍ୟ ପ୍ରଭାବ ପଡ଼ିପାରେ। ତେଣୁ ଏହି ଏୟାର ଶୋ' ପୁରୀରେ ହେବା ଉଚିତ ନୁହେଁ ବୋଲି ମିଶ୍ର ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି।

## ସଡ଼କ ଦୁର୍ଘଟଣାଗ୍ରସ୍ତଙ୍କୁ ସେବା ଯୋଗାଇବ 'ରକ୍ଷକ'



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ ।

ନିମାପଡ଼ା,୧୫।୯(ଡି.ଏନ୍.ଏ.):

ପୁରୀ ଜିଲା ପରିବହନ ବିଭାଗ ପକ୍ଷରୁ 'ରକ୍ଷକ' କାର୍ଯ୍ୟକ୍ରମ ଓ ପ୍ରଶିକ୍ଷଣ ଶିବିର ଗୁରୁବାର ନିମାପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟରେ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ସମାରୋହରେ ଅତିଥି ଭାବେ ପୁରୀ ଜିଲା ଅତିରିକ୍ତ ମୋଟର ଯାନ ନିରୀକ୍ଷକ ଅମିତ୍ ରଣା, ପ୍ରଶିକ୍ଷକ ଶୁଭଜିତ୍ ନାୟକ, ଶିକ୍ଷକ ସୁବାସ ପ୍ରଧାନ, ବିଦ୍ୟାଳୟର ଶିକ୍ଷକ ଦୁର୍ଗା ପ୍ରସାଦ ବାରିକ, କ୍ରୀଡା ଶିକ୍ଷକ ରଣଜିତ୍ କେଶରୀ ନାୟକ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ, ଉଦ୍ଦେଶ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ। ରାଜ୍ୟ ସରକାରଙ୍କ ଏହା ଏକ ଅଭିନବ ପ୍ରୟାସ ବୋଲି ଅତିଥିମାନେ କହିଥିଲେ। ସଡ଼କ ସୁରକ୍ଷା, ସଡ଼କ ଦୁର୍ଘଟଣାବେଳେ ଆହତ ବ୍ୟକ୍ତିଙ୍କୁ ଉଦ୍ଧାର କରି ପ୍ରାଥମିକ ସେବା ଯୋଗାଇବା, ଆହତ ବ୍ୟକ୍ତିମାନଙ୍କୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରୋତ୍ସାହନ ରାଶି ଯୋଗାଇଦେବା ବ୍ୟବସ୍ଥା ଉକ୍ତ କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ସମାରୋହରେ ପ୍ରଶିକ୍ଷକମାନେ କାର୍ଯ୍ୟକ୍ରମ ସମ୍ପର୍କରେ ବିଭିନ୍ନ ସ୍କୁଲ କଲେଜର ଏନ୍‌ସିସି, ସ୍କାଉଟ୍‌ସ ଗାଇଡ୍‌ସ, ନୟାସବେରା ୟୁଥ୍ ଟ୍ରଷ୍ଟର ଯୁବ ସ୍ୱେଚ୍ଛାସେବୀମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ଏଥିରେ ନିମାପଡ଼ା ଉଚ୍ଚ ବିଦ୍ୟାଳୟର ବହୁ ଛାତ୍ରଙ୍କ ସମେତ ସ୍ଥାନୀୟ ବାସିନ୍ଦା ଯୋଗଦେଇଥିଲେ।

# ଘରୋଇ ସ୍କୁଲ ଗାଡ଼ି ଉପରେ ଚଢ଼ାଉ

ଗୋପ,୧୫।୯(ଡି.ଏନ.ଏ)

- ଭୟରେ ଅଧାବାଟରେ ଛାତ୍ରୀଛାତ୍ରଙ୍କୁ ଛାଡ଼ି ପଳାଇଲେ
- ୪ ଅଟୋକୁ ଜରିମାନା, ୧୮ ଗାଡ଼ି ବିରୋଧରେ ମାମଲା

ଜିଲା ମୋଟରଯାନ ବିଭାଗ ପକ୍ଷରୁ ଗୋପ ଥାନା ଅଞ୍ଚଳରେ ଥିବା କେତେକ ଘରୋଇ ସ୍କୁଲଗୁଡ଼ିକୁ ବେଆଇନ ଭାବେ ପିଲାମାନଙ୍କୁ ଆଣୁ ଥିବା ଗାଡ଼ି ଉପରେ ବୁଧବାର ଚଢ଼ାଉ କରାଯାଇଥିଲା। ଏହି ସମୟରେ କେତେକ ସ୍କୁଲକୁ ପିଲାମାନଙ୍କୁ ଆଣୁଥିବା ଗାଡ଼ିଗୁଡ଼ିକ ଚଢ଼ାଉ ଭୟରେ ଅଧାବାଟରେ ଛାଡ଼ି ଚାଲିଯାଇଥିବା ଦେଖିବାକୁ ମିଳିଥିଲା। ସୂଚନାଥାଉ କି, କିଛିଦିନ ଧରି ଗୋପ ବ୍ଲକ ଅଞ୍ଚଳରେ ଥିବା ଘରୋଇ ସ୍କୁଲଗୁଡିକରେ ଅଧ୍ୟୟନରତ ଛୋଟ ପିଲାମାନଙ୍କୁ ଘରୋଇ ସ୍କୁଲ ବସ ସହିତ ଅଧିକାଂଶ ଅଟୋ ରିକ୍ସାଗୁଡ଼ିକ ବିନା କାଗଜପତ୍ରରେ ନେଉଥିବା ଅଭିଯୋଗ ହେଉଥିଲା। ଏହି ଅଭିଯୋଗକୁ ନେଇ ଜିଲା ମୋଟରଯାନ ବିଭାଗର ଅତିରିକ୍ତ ଅଧିକାରୀ ଅମିତ କୁମାର ରଣା ଏକ ଟିମ୍ ସହ ଗୋପ ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ। ଚଢ଼ାଉରେ ୪ଟି ଅଟୋ ରିକ୍ସାର କାଗଜପତ୍ର ଯାଞ୍ଚ କରିବାବେଳେ କୌଣସି କାଗଜପତ୍ର ସହିତ ଡ୍ରାଇଭର ଲାଇସେନ୍ସ ନ ଥିଲା। ଫଳରେ ସେମାନଙ୍କ ନାମରେ ଇ-ଚାଲାଣ ମାଧ୍ୟମରେ ଜରିମାନା କରିଥିଲେ। ଏହି ସମୟରେ ଦ୍ରୁତଗତିରେ ଯାଉଥିବା ୧୮ଟି ୪ ଚକିଆ ଗାଡ଼ି ଉପରେ ମଧ୍ୟ ମାମଲା କରାଯାଇଥିଲା। ଏହି ଚଢାଉବେଳେ ଅଧିକାଂଶ ଅଟୋ ରିକ୍ସା ଅଧାବାଟରେ ପିଲାମାନଙ୍କୁ ଓହ୍ଲାଇ ଦେଇଥିବାରୁ ଛାତ୍ରୀଛାତ୍ର ସ୍କୁଲକୁ ଚାଲିକି ଯାଉଥିବା ଦେଖିବାକୁ ମିଳିଥିଲା।

## ମା' ଦୁଲ୍ଲାଦେଈ କ୍ଲବ ଚାମ୍ପିୟନ

ପିପିଲି,୧୫।୯(ସ୍ୱ.ପ୍ର./ଡି.ଏନ.ଏ.)

**ଗଣେଶ ପୂଜା ସମୂହ ଭସାଣିର ପୁରସ୍କାର ପ୍ରଦାନ ଉତ୍ସବ**

ପିପିଲି ବଜାରରେ ଗତ ଦୁଇ ବର୍ଷ ପରେ ଚଳିତବର୍ଷ ସମୂହ ଗଣେଶ ଭସାଣି ଉତ୍ସବ ପାଳନ ହୋଇଥିଲା। ଏହି ସମୟରେ ଗଣେଶ ମେଢ଼ କରିଥିବା କମିଟି ସୁନ୍ଦର ଓ ଶୃଙ୍ଖଳାଗତ ଭାବେ ପରିଚାଳନା, ତୋରଣ ସାଜସଜ୍ଜା, ସାଉଣ୍ଡଲାଇଟ ଏବଂ ମୂର୍ତ୍ତିର ସୌନ୍ଦର୍ଯ୍ୟକୁ ନେଇ ପିପିଲି ଗଣେଶ ପୂଜା କମିଟି ପକ୍ଷରୁ ପ୍ରତିଯୋଗିତା ଭାବେ ବିଚାର କରାଯାଇଥିଲା। ଏ ନେଇ ପିପିଲି ଗଣେଶ ପୂଜା କମିଟି ପକ୍ଷରୁ ବୁଧବାର ଭଲ ମେଢ଼ କରିଥିବା ପୂଜା କମିଟିକୁ ଚୟନ କରାଯାଇ ପୁରସ୍କୃତ ପାଇଁ ପୁରସ୍କାର ବିତରଣ ଉତ୍ସବ କରାଯାଇଥିଲା। କମିଟିର ସଭାପତି ଅଶୋକ କୁମାର ଅଗ୍ରୱାଲଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପିପିଲି ଦର୍ଜିସାହିର ମା' ଦୁଲ୍ଲାଦେଈ କ୍ଲବକୁ ପ୍ରଥମ ସ୍ଥାନ ଭାବେ ଚୟନ କରାଯାଇଥିବା ବେଳେ ମଜିଆଳି ସାହିର ମହାରାଜା କ୍ଲବକୁ ଦ୍ୱିତୀୟ ସ୍ଥାନ ଭାବେ ଚୟନ କରିଛନ୍ତି। ସେହିଭଳି ସିଂ ସାହିର ରୟାଲ ୟୁଥ କ୍ଲବକୁ ତୃତୀୟ ସ୍ଥାନ ଦେଇଥିବା ବେଳେ ବଢେଇ ସାହିର ବିଶ୍ୱକର୍ମା କ୍ଲବକୁ ଚତୁର୍ଥ ସ୍ଥାନ ଭାବେ ଚୟନ କରାଯାଇଛି। ୩ଜଣ ବିଚାରକ ମଣ୍ଡଳୀଙ୍କ ପ୍ରତ୍ୟକ୍ଷ ବିଚାରରେ ଏହି ନିଷ୍ପତ୍ତି ନିଆଯାଇ ୪ଟି ବିଜେତା କ୍ଲବର ସଭାପତି ଓ ସଦସ୍ୟମାନଙ୍କୁ ବିଜେତା ଟ୍ରଫି ଓ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ସେହିଭଳି ଅନ୍ୟ ସମସ୍ତ କ୍ଲବର ସଭାପତି ଓ ସଦସ୍ୟମାନଙ୍କୁ ମଧ୍ୟ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ତେବେ ଏବର୍ଷ ସମୂହ ଭସାଣିରେ ୧୮ଟି ମେଢ ସାମିଲ ହୋଇଥିଲା। ଏହି ସମୂହ ଭସାଣି ଉତ୍ସବ ୨୦୧୮ ମସିହାରୁ ତତ୍କାଳୀନ ପିପିଲି ଥାନା ଅଧିକାରୀ ଶରତ କୁମାର ସାହୁଙ୍କ ଅବଦାନରେ ପାରମ୍ପରିକ ଭାବେ ରୀତିନୀତି ଆଧାରରେ ପାଳନ କରାଯାଉଛି। ତେବେ ଏହି କାର୍ଯ୍ୟକ୍ରମରେ କମିଟିର ସଭାପତି ଅଗ୍ରୱାଲଙ୍କ ସହ ସେକ ବଦ୍ରୁଦ୍ଦିନ୍ ଓ ଦୀପକ କୁମାର ମହାପାତ୍ର ପ୍ରମୁଖ ବରିଷ୍ଠ ସଦସ୍ୟମାନେ ଉପସ୍ଥିତ ରହି ବିଜେତାମାନଙ୍କୁ ଟ୍ରଫି ପ୍ରଦାନ କରି ଉତ୍ସାହିତ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

# ବାଲିସାହି, ଲୋକନାଥ ରୋଡ଼ ଚଉଡ଼ା ହେବ

ପୁରୀ ଅଫିସ,୧୫।୯


ଜିଲାପାଳ ସମର୍ଥ ବର୍ମା ଏବଂ ଅନ୍ୟମାନେ ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ଅନୁଧ୍ୟାନ ପାଇଁ ଯାଉଛନ୍ତି ।

ଶ୍ରୀକ୍ଷେତ୍ରକୁ ବିଶ୍ୱ ଐତିହ୍ୟ ନଗରୀ ଭାବେ ଗଢ଼ି ତୋଳିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପୁରୀରେ ବିଭିନ୍ନ ଉନ୍ନୟନମୂଳକ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ବାଲି ସାହି ଓ ଲୋକନାଥ ରୋଡ୍ ରାସ୍ତା ଚଉଡ଼ା ହେବା ନେଇ ପ୍ରଶାସନ ପକ୍ଷରୁ ପଦକ୍ଷେପ ଆରମ୍ଭ ହୋଇଛି। ଏ ନେଇ ଜିଲା ପ୍ରଶାସନ ପକ୍ଷରୁ ଗୁରୁବାର ମାପଚୁପ ସହ ସର୍ଭେ କାର୍ଯ୍ୟ ଆରମ୍ଭ ହୋଇଛି। ସ୍ଥାନୀୟ ବାସିନ୍ଦାଙ୍କ ସହ ଆଲୋଚନା ପରେ ଜିଲାପାଳ, ଉପଜିଲାପାଳ, ଓବିସିସି ଅଧିକାରୀ, ସ୍ଥାନୀୟ ପୋଲିସଙ୍କ ଉପସ୍ଥିତିରେ ମାପଚୁପ କରାଯାଇଛି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟକୁ ସଶକ୍ତୀକରଣ କରିବା ପାଇଁ ଉଭୟ ସାହିର ରାସ୍ତାକୁ ୪୦ଫୁଟ ଚଉଡ଼ା ରାସ୍ତାରେ ପରିବର୍ତ୍ତନ କରାଯିବା ନେଇ ପ୍ରଶାସନ ନିଷ୍ପତ୍ତି ନେଇଛି। ତେବେ ସ୍ଥାନୀୟବାସିନ୍ଦାଙ୍କ ସହମତିରେ ଏହି କାର୍ଯ୍ୟ କରାଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି।

ଶ୍ରୀମନ୍ଦିର ସିଂହଦ୍ୱାରଠାରେ ଠିଆ ହେଲେ ଦେଖାଯିବ ସ୍ୱର୍ଗଦ୍ୱାର। ଶ୍ରୀମନ୍ଦିରଠାରୁ ବାଲିସାହି ରାସ୍ତା ଦେଇଯାଉଥିବା ଭକ୍ତ, ପର୍ଯ୍ୟଟକ, ପୁରୀ ସହରବାସୀ ଓ ବାଲିସାହି ବାସିନ୍ଦାଙ୍କୁ ଏଣିକି ଆଉ ଟ୍ରାଫିକ ସମସ୍ୟା ଭୋଗିବାକୁ ପଡ଼ିବ ନାହିଁ। ଜିଲାପାଳ ସମର୍ଥ ବର୍ମା, ଉପଜିଲାପାଳ, ଓବିସିସି ଅଧିକାରୀଙ୍କ ଉପସ୍ଥିତିରେ ଅମିନ ମାପଚୁପ କରିଥିବା ବେଳେ ସ୍ଥାନୀୟ ଲୋକେ ଏଥିରେ ସହଯୋଗ କରିଥିଲେ। ତେବେ ପୂର୍ବରୁ ଏହି ରାସ୍ତାକୁ ୬୦ ଫୁଟ ଚଉଡା କରିବା ପାଇଁ ପ୍ରଶାସନ ଯୋଜନା କରିଥିବା ବେଳେ ପରବର୍ତ୍ତୀ ସମୟରେ ଏହାକୁ ୪୦ ଫୁଟ ଚଉଡ଼ା କରିବା ପାଇଁ ନିଷ୍ପତ୍ତି ନେଇଛି। କିନ୍ତୁ ସ୍ଥାନୀୟ ଲୋକେ ଏହାକୁ ବିରୋଧ କରିବା ସହ ଏହି ରାସ୍ତାକୁ ୩୦ ଫୁଟ ଚଉଡା କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ତେବେ ଜିଲାପାଳଙ୍କ ସହ ବାଲି ସାହି ମୁରବୀଙ୍କ ଆଲୋଚନା ସଫଳ ହୋଇଥିବା ବେଳେ ଉଚିତ କ୍ଷତିପୂରଣ ମିଳିଲେ ୪୦ ଫୁଟ ଚଉଡ଼ା କରିବାକୁ ପ୍ରଶାସନକୁ ସମସ୍ତ ସହଯୋଗ କରାଯିବ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ସେହିପରି କାକୁଡ଼ିଖାଇ ଛକଠାରୁ ଲୋକନାଥ ମନ୍ଦିର ରାସ୍ତାର ପ୍ରଶସ୍ତୀକରଣ ମଧ୍ୟ କରାଯିବ। ଜିଲାପାଳଙ୍କ ସହ ଅଧିକାରୀମାନେ ବାଲିସାହିରେ ମାପଚୁପ ସାରିବା ପରେ ଲୋକନାଥ ରୋଡର ମାପଚୁପ କରିଥିଲେ। ତେବେ ଏହି ଦୁଇ ସାହି ପୁରୀ ସହରର ସର୍ବ ପୁରାତନ ସାହି ହୋଇଥିବା ବେଳେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନୀତି କାନ୍ତି ସହ ଏହାର ସମ୍ପର୍କ ରହିଛି। ଅନେକ ମଠ ମନ୍ଦିର ସହ ବହୁ ପୁରାତନ ଆଶ୍ରମ ମଧ୍ୟ ଏଠାରେ ରହିଛି। ତେଣୁ ଏହି ରାସ୍ତା ଚଉଡା ହେଲେ କେବଳ ମଠ, ମନ୍ଦିର, ଆଶ୍ରମ ଓ ଘର ନୁହେଁ ବରଂ ଏଠାରେ ବ୍ୟବସାୟ କରୁଥିବା ବ୍ୟବସାୟୀମାନଙ୍କ ଶହ ଶହ ବର୍ଷର ବେଉସା ମଧ୍ୟ ବୁଡ଼ିଯିବ। ତେବେ ଦିନକୁ ଦିନ ପର୍ଯ୍ୟଟକଙ୍କ ସଂଖ୍ୟା ବଢୁଥିବାରୁ ଏହି ସବୁ ରାସ୍ତାର ପ୍ରଶସ୍ତୀକରଣ କରାଯିବାର ଆବଶ୍ୟକତା ରହିଛି ବୋଲି ପ୍ରଶାସନ ମତବ୍ୟକ୍ତ କରିଛି। ତେଣୁ ବିସ୍ଥାପିତଙ୍କ ସହ ଆଲୋଚନା କରାଯିବା ସହ ସମସ୍ତଙ୍କ ସହମତିରେ ଏହି କାର୍ଯ୍ୟ କରାଯାଉଛି ବୋଲି ଜିଲାପାଳ କହିଛନ୍ତି।

**ପ୍ରଶାସନ ପକ୍ଷରୁ ମାପଚୁପ ଆରମ୍ଭ**